

ଶ୍ରଦ୍ଧା ସ୍ମରଣିକାଙ୍କୁ ସ୍କୁଲ୍ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-27 ◆MONDAY ◆21 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭ ◆ସୋମବାର ◆୨୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସିରିଆରେ ସାମ୍ପ୍ରଦାୟିକ ଦଙ୍ଗା; ୧୦୦୦ ମୃତ



■ **ଦାମାସକସ୍, ୨୦।୭ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଦେଶ ସିରିଆର ଦ୍ରୁଜ ବହୁଳ କ୍ଷେତ୍ର ସ୍ୱେଦାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ରରୂପ ଧାରଣ କରିଛି। ଗତ ଏକ ସପ୍ତାହ ମଧ୍ୟରେ ହୋଇଥିବା ହିଂସା କାଣ୍ଡରେ ଏପର୍ଯ୍ୟନ୍ତ ୧୦୦୦ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବ୍ରିଟେନ ସ୍ଥିତ ସିରିଆର ଆବଜରଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି। ଏହି ଅଞ୍ଚଳରେ ମେସିନଗନ ଓ ମୋର୍ଟାର ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଛି। ଏହି କ୍ଷେତ୍ରରେ ଅସ୍ତ୍ରବିରତି ଲାଗୁ କରିବାରେ ସରକାର ବିଫଳ ହୋଇଛନ୍ତି। ଦ୍ରୁଜ ସମ୍ପ୍ରଦାୟ ଓ ବେଦୁଇନ୍ ଜନାଜାତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସିରିଆର ଦକ୍ଷିଣ ଭାଗରେ ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିଲେ ମଧ୍ୟ ହିଂସା ରୋକିବାରେ ସଫଳ ହୋଇନାହାନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ସୈନ୍ୟ ପଠାଇଥିଲେ। ତେବେ ଦ୍ରୁଜ୍ ଯୋଦ୍ଧାମାନେଙ୍କ ସହିତ ସେନାର ସଂଘର୍ଷ ହୋଇଥିଲା। ଶନିବାର ଦ୍ରୁଜ୍ ଓ ବେଦୁଇନ୍ ପୁଣି ମୁହାଁମୁହିଁ ହୋଇଥିଲେ। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିରିଆ ସରକାର କହିଛନ୍ତି।

## ବିଧାନସଭାରେ ଗେମ୍ ଖେଳିଲେ ମହାରାଷ୍ଟ୍ର କୃଷିମନ୍ତ୍ରୀ



### ଦିନକୁ ରାଜ୍ୟରେ ୮ ଚାଷୀ କରୁଛନ୍ତି ଆତ୍ମହତ୍ୟା: ବିରୋଧୀ

### ତିନି ମାସରେ ୭୫୦ ଚାଷୀଙ୍କ ଆତ୍ମହତ୍ୟା; ସରକାର ଶୋଇଛନ୍ତି

■ **ମୁମ୍ବାଇ, ୨୦।୭ (ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭାରେ ବସି କୃଷିମନ୍ତ୍ରୀ ମାଣିକରାଓ କୋକାଟେ ଗେମ୍ ଖେଳୁଥିବାର ଦେଖାଯାଉଛି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟରେ ଦିନକୁ ୮ ଚାଷୀ ଆତ୍ମହତ୍ୟା କରୁଥିବାବେଳେ କୃଷିମନ୍ତ୍ରୀ ବେସ୍ ଗେମ୍ ଖେଳିବା ଲଜ୍ଜାଜନକ ବୋଲି କହିଛନ୍ତି। ବିରୋଧୀ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରବିବାର ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ କହିଥିଲେ ଯେ କୃଷିମନ୍ତ୍ରୀ ତୁରନ୍ତ ପଦରୁ ଇସ୍ତଫା ଦେବା ଉଚିତ। ସେ ଇସ୍ତଫା ନ ଦେଲେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାହାର କରିବା ଆବଶ୍ୟକ। ରାଜ୍ୟରେ ଗତ ତିନି ମାସରେ ପ୍ରାୟ ୭୫୦ ଚାଷୀ ଆତ୍ମହତ୍ୟା କଲେଣି। ଏଭଳି ଜରୁରୀ ସମୟରେ ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ କୃଷିମନ୍ତ୍ରୀ ବିଧାନସଭାରେ ▶ପୃଷ୍ଠା-୭

# ମରଣ ସହ ଯୁଝୁଛନ୍ତି ବଳଙ୍ଗା ପୀଡ଼ିତା

### ୭୫% ଦଗ୍ଧ; ସ୍ଥିତି ସଙ୍କଟାପନ୍ନ: ଦିଲ୍ଲୀ ଏମ୍ସ

### ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ନିଆଗଲା

### ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ପୀଡ଼ିତା



■ **ଭୁବନେଶ୍ୱର, ୨୦।୭ (ସମିସ):** ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଳଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କୁ ଆଜି ଏୟାରଲିଫ୍ଟ କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ପୀଡ଼ିତାଙ୍କୁ ଗତକାଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କ ପରିବାର ସହ ଆଲୋଚନା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କୁ ସ୍ଥାନାନ୍ତର ପାଇଁ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ କରିଡର୍‌ର ବ୍ୟବସ୍ଥା କରିଥିଲା। ଗୋଟିଏ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏମ୍ସରୁ ଆମ୍ବୁଲାନ୍ସ ବାହାରିବା ପରେ ଖଣ୍ଡଗିରି, ଫାୟାରଷ୍ଟେସନ୍, ଓୟୁଏଟି, ଗଙ୍ଗନଗର, ସୁର୍ କମ୍ପାନୀ ଛକ ଦେଇ ଏୟାରପୋର୍ଟ ନିଆଯାଇଥିଲା। ଦିନ ପ୍ରାୟ ସାଢ଼େ ୧୨ଟାରେ ବାହାରିଥିବା ଏସ୍କର୍ଟ ୧୨ଟା ୪୧ରେ ଏୟାରପୋର୍ଟରେ ପହଞ୍ଚିଥିଲା। ପୀଡ଼ିତାଙ୍କୁ ମାତ୍ର ୧୧ ମିନିଟରେ ବିମାନବନ୍ଦରର ପହଞ୍ଚା ଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରିଙ୍କ ସମେତ ଏକ ଡାକ୍ତରୀ ଟିମ୍ ପୀଡ଼ିତାଙ୍କ ସହ ଏମ୍ସରୁ ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ଆପୋଲୋର ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କ ସହ ତାଙ୍କ ପରିବାରର ସଦସ୍ୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି।

ସୂଚନାଯୋଗ୍ୟ, ଗ୍ରୀନ କରିଡର ଓ ଟ୍ରାଫିକ ପରିଚାଳନା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ୭୯ ଟ୍ରାଫିକ୍ କନେଷ୍ଟବଲ, ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏସ୍କର୍ଟ ପାର୍ଟି ମୁତୟନ ହୋଇଥିଲେ।

ସେପଟେ, ପୀଡ଼ିତା ଦିଲ୍ଲୀ ଏମ୍ସରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଆଜି ସଂଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବୁଲେଟିନ୍ ଜାରି ହୋଇଛି। ରବିବାର ଅପରାହ୍ଣ ୪ଟା ୨୦ରେ ଦିଲ୍ଲୀ ଏମ୍ସରେ ପହଞ୍ଚିଛନ୍ତି। ତାଙ୍କୁ ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ର ବର୍ଣ୍ଣ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୭୫ପ୍ରତିଶତ ଜଳିଯାଇଥିବା ବେଳେ ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପୀଡ଼ିତା ବିପିଏସ୍ ୫ ଆଇସିୟୁ ବେଡ୍ ନଂ-୧୨ରେ ଚିକିତ୍ସିତ ହେଉଥିବା ବେଳେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା ତଦାରଖ କରୁଛନ୍ତି।

### ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ଓଡ଼ିଶା, ବିହାର, ପହଲଗାମ ପ୍ରସଙ୍ଗରେ ତାତିବ ଗୃହ



### ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ

### ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ: ମନ୍ତ୍ରୀ

■ **ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):** ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ବିହାର, ପହଲଗାମ ଏବଂ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସରଗରମ ହେବାର ସମ୍ଭାବନା ରହିଛି। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ଆଭାସ ମିଳିଛି। ସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆଗତ କରାଯିବ।

ସଂସଦର ବର୍ଷାକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକରେ ବିରୋଧୀ ଦଳମାନେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏଥିରେ ସରକାରୀ ଗୁଇନ୍ଦାର ବିଫଳତା, ଅପରେସନ ସିନ୍ଦୂର ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ତଥା ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବିବାଦ କଥା ଉଠାଇଥିଲେ। ଓଡ଼ିଶାରେ ନାରୀ ନିର୍ଯାତନା କଥା ବି ଉଠିଥିଲା। ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟର ଏଭଳି ପରିସ୍ଥିତି ପାଇଁ କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ଖସାଇପାରିବ ନାହିଁ। ▶ପୃଷ୍ଠା-୭

## ଡିଏଫ୍‌ଓ ନା ଜମିଦାର୍ !

### ପତ୍ନୀ-ପୁଅଝିଅ ଓ ନିଜ ନାମରେ ୧୧୫ ପ୍ଲଟ୍



### ତାରକା ହୋଟେଲ ପରି ବହୁତଳ କୋଠା ବି ରହିଛି

### ଜଙ୍ଗଲୀ ବାବୁଙ୍କ ଘରେ ମିନି ଅସ୍ତ୍ରାଗାର

■ **ଭୁବନେଶ୍ୱର, ୨୦।୭ (ସମିସ):** ଜମିଦାର ଡିଏଫ୍‌ଓଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଭିଜିଲାନ୍ସ ଟିମ୍। ଏପରିକି ବାବୁଙ୍କ ସମ୍ପତ୍ତିକୁ ଆକଳନ କରିବା ଭିଜିଲାନ୍ସ ପକ୍ଷେ କଷ୍ଟକର ହୋଇପଡ଼ିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଆଜି ଭିଜିଲାନ୍ସ ଟିମ୍ ଚଢଉ କରିବା ପରେ ଏଭଳି ସମ୍ପତ୍ତି ଠାବ ହୋଇଛି। ବାବୁଙ୍କ ପରିବାର ଏବଂ ତାଙ୍କ ନାମରେ ୧୧୫ଟି ପ୍ଲଟ୍ ରହିଛି। ଯାହାକି ଭିଜିଲାନ୍ସ ଇତିହାସରେ ସରକାରୀ ବାବୁଙ୍କ ସର୍ବାଧିକ ପ୍ଲଟ୍। ଭିଜିଲାନ୍ସ ଜାଲରେ ପଡ଼ିଥିବା କୌଣସି ସରକାରୀ କର୍ମଚାରୀଙ୍କ ନାମରେ ଏତେ ସଂଖ୍ୟକ ପ୍ଲଟ କେବେ ଠାବ କରାଯାଇ ନାହିଁ ବୋଲି କୁହାଯାଉଛି।

ଆଜି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା। ବନ୍ତଳ ଥାନା ମଦନମୋହନ ପାଟଣାରେ ଗାଁ ଘର, ଜଗନ୍ନାଥ ପୁରରେ ଶଶୁର ଘର,କେଉଁଝରେ ଡିଏଫ୍‌ଙ୍କ ଅଫିସ୍, କେଉଁଝର ସରକାରୀ କ୍ୱାର୍ଟର୍ସ, ନୟାଗଡ଼ରେ କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା। ଚଢଉରେ ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ନିତ୍ୟାନନ୍ଦଙ୍କ ନାମରେ କଳାଧନ ଅର୍ଜନର ଅଭିଯୋଗ ଆସିବା ପରେ ▶ପୃଷ୍ଠା-୭

## ଆସୁଛି ବଡ଼ ବର୍ଷା

■ **ଭୁବନେଶ୍ୱର, ୨୦।୭ (ସମିସ):** ଆସନ୍ତା ୨୪ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପରବର୍ତ୍ତୀ ସମୟରେ ସବୃଶ ଲଘୁଚାପ ଓ ପରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୨୩-୨୬ ପର୍ଯ୍ୟନ୍ତ ବର୍ଷା ହେବ। ଏହି ସମୟରେ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏମିତି କି ଉତ୍ତର ଓଡ଼ିଶାର କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ (୨୦ସେମି.ରୁ ଅଧିକ) ବର୍ଷା ହୋଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ଏଥିପାଇଁ ରାଜ୍ୟରେ ଏବେ ମୁଖ୍ୟତଃ ଖରାଟିଆ ପାଗ ରହୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ଅଧିକ ରହୁଥିବାରୁ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ମଧ୍ୟ ହେଉଛି। ମାତ୍ର ୨୪ ତାରିଖରେ ଲଘୁଚାପ ଯୋଗୁଁ ୨୨ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୩ରୁ ବର୍ଷା ବଢ଼ିବ। ▶ପୃଷ୍ଠା-୭

### ପ୍ରଶ୍ନପତ୍ର ଲିକ୍: ରାତିଅଧିଆ ଓଟିଇଟି ପରୀକ୍ଷା ବାତିଲ୍

## ୭୫ହଜାର ପରୀକ୍ଷାର୍ଥୀ ହଟହଟା

### ୧୪୦୦ ଫି' ସତ୍ତ୍ୱେ ସୁରକ୍ଷିତ ପରୀକ୍ଷା କରିବାରେ ବିଫଳ

### ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ

■ **ଭୁବନେଶ୍ୱର, ୨୦।୭ (ସମିସ):** ଭାଇରାଲ୍ ହେଲା ପ୍ରଶ୍ନପତ୍ର। ତେଣୁ, ରାତିଅଧିଆ ବାତିଲ୍ ହେଲା ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)। ପରୀକ୍ଷା ଦେବାକୁ କିଛି ପରୀକ୍ଷାର୍ଥୀ ପୂର୍ବଦିନ ଏବଂ ଆଉ କିଛି ଭୋର୍ ସକାଳୁ ବାହାରିଥିଲେ। କିନ୍ତୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ପରୀକ୍ଷା ବାତିଲ୍ ହୋଇଥିବା ଜାଣିବାକୁ ପାଇଲେ। ଫଳରେ ରାଜ୍ୟବ୍ୟାପୀ ପ୍ରାୟ ୭୫ ହଜାର ପରୀକ୍ଷାର୍ଥୀ ଆଜି ହଟହଟା ହୋଇଛନ୍ତି। କିଛି ପରୀକ୍ଷା କେନ୍ଦ୍ରରୁ ଫେରିଥିବା ବେଳେ ଆଉ କିଛି ଅଧା ବାଟରୁ ଫେରିଛନ୍ତି। ତେବେ, ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପରିଚାଳିତ ଏହି ପରୀକ୍ଷାର ପ୍ରଶ୍ନପତ୍ର କିପରି ଭାଇରାଲ୍ ହେଲା, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରବିବାର ସକାଳ ୯ରୁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର ଥିଲା। ଏହାର ଘଣ୍ଟାଏ ପୂର୍ବରୁ ଅର୍ଥାତ୍ ୮ଟାରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥା'ନ୍ତେ ପରୀକ୍ଷାର୍ଥୀ। ପରୀକ୍ଷା ଆରମ୍ଭର ୧୫ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲିବା କଥା। ହେଲେ ଶନିବାର ଅପରାହ୍ନରୁ ଭାଇରାଲ୍ ହେଉଛି ପ୍ରଶ୍ନପତ୍ର। ହ୍ୱାଟସ୍‌ଆପ୍‌ରେ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ର ଫେସ୍‌ବୁକ୍‌ରେ ଭାଇରାଲ୍ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଦ ହଜିଥିଲା। ମୂଳ ପ୍ରଶ୍ନପତ୍ର ସହ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ରର ସାମଞ୍ଜସ୍ୟ ଥିବାରୁ ରାତି ଅଧରେ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି। ହେଲେ ପ୍ରଶ୍ନପତ୍ର ଭାଇରାଲ୍ କିପରି ହେଲା, ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିଲ୍ ହୋଇଥିବା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ବେଳେ କେଉଁଠି ସିଲ୍ ଖୋଲାଯାଇଛି ନା ପ୍ରଶ୍ନପତ୍ର ପ୍ରସ୍ତୁତି ବେଳେ ଏହାର ନକଲ କରାଯାଇଛି? ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଖୋଲା ହୋଇନଥିବାରୁ ସେଠାରୁ ଭାଇରାଲ୍ ହେବାର ଆଶଙ୍କା ନାହିଁ। ଏପରି ସ୍ଥିତିରେ ବୋର୍ଡ ▶ପୃଷ୍ଠା-୭

## ୫ କିଲୋ ଚାଉଳ ପାଇଁ ଗାଡ଼ି ଖର୍ଚ୍ଚ ୧୦୦



■ **ଲାଞ୍ଜିଗଡ଼, ୨୦।୭ (ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି; ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଏଭଳି ୧୧ଟି ଗାଁ ଅଛି ଯେଉଁଠି ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଗାଁ ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସାତ ସପନ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଆଦିବାସୀ ଗ୍ରାମଗୁଡ଼ିକର ୨୧୫ ପରିବାର ପାହାଡ଼ ଘେରା ଅପହଞ୍ଚ ଅଞ୍ଚଳରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଏମାନେ ନିଜର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଗୁହାରୀ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ସୁଫଳ ମିଳି ନଥିବା କହିଛନ୍ତି। ସବୁଠୁ ସାଙ୍ଘାତିକ ବିଷୟ ହେଉଛି ମାଗଣା ଚାଉଳ ଆଣିବା ପାଇଁ ଏମାନଙ୍କୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଗୁଣ୍ଡୁରୀ ପଞ୍ଚାୟତର ଏହି ୧୧ଟି ଗାଁ ହେଉଛି ହାତୀମୁଣ୍ଡା, କାରକଟା, କୋଟେଜୋର, ଅଦଲାଡ୍ଡୁ, ତରଙ୍ଗଲ, ମାଡିବନ୍ଧା, ଗମପେନୁ, ବିଜେପୁର, ସାଡାଙ୍ଗପଦର, ଡମେର ଓ ଦାରବେଙ୍ଗ। ବ୍ଲକ ମୁଖ୍ୟାଳୟଠାରୁ ଏସବୁ ଗାଁର ଦୂରତା ୬୦କିଲୋମିଟର। ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ରୁ ୩୫ କିଲୋମିଟର। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଗାଁଗୁଡ଼ିକଠାରୁ ୧୦/୧୫ କିମି ପଡୁଥିଲା; ହେଲେ ରେଳ ପ୍ରକଳ୍ପ ଲାଗି ଏମାନେ ବିସ୍ଥାପିତ ହେବା ପରେ ଦୂରତା ବଢ଼ିଗଲା। ୧୯୮୪ରେ ରେଥ ପ୍ରକଳ୍ପ ପାଇଁ ସର୍ଭେ ହୋଇଥିଲା। ୧୯୯୪ରେ ରେଥ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଲା। ୨୦୦୬ରେ କ୍ଷୟକ୍ଷତି ବାଦଦକୁ ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଅଧିକାଂଶ ଗାଁକୁ ବିସ୍ଥାପିତ କରାଯାଇଥିଲା। ୨୦୧୭ ମସିହାରେ ପ୍ରକଳ୍ପ ▶ପୃଷ୍ଠା-୭

### ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

## କଲେଜରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ତଦନ୍ତ



■ **ବାଲେଶ୍ୱର, ୨୦।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ୩ଟି ତଦନ୍ତକାରୀ ଟିମ୍ କଲେଜରେ ଖୋଳତାଡ଼ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ, ୟୁଜିସି ଏବଂ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଫକୀରମୋହନ କଲେଜରେ ପହଞ୍ଚି ପାଖାପାଖି ୩ଘଣ୍ଟା ଧରି ତଦନ୍ତ କରିଥିଲେ।

ପରେ ଆଇଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବିଦିକ ସମ୍ମିଳନୀରେ ସେ କହିଛନ୍ତି, ଘଟଣାର ତଦନ୍ତ ସମୟରେ ଅନେକ ସାମଗ୍ରୀ ହସ୍ତଗତ ହୋଇଛି। ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଆସିଥିବା ବୟାନ ଏବଂ ଏସଏଫଏସଏଲ୍ ରିପୋର୍ଟକୁ ତର୍ଜମା କରାଯାଉଛି। ଏହି ମାମଲାରେ ସାକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି। ଗତ ୩୦ ତାରିଖରେ ଯେତେବେଳେ ପୀଡ଼ିତାଜଣକ ଅଭିଯୋଗ କରିଥିଲେ, ସେତେବେଳେ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ସୌମ୍ୟାଶ୍ରୀଙ୍କ ସପକ୍ଷରେ ଆଇସିସି ତଦନ୍ତ ରିପୋର୍ଟ ନଆସିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ଘଟଣାରେ ଜଡ଼ିତ ପ୍ରତ୍ୟେକ ଲୋକଙ୍କ ବୟାନ ରେକର୍ଡ କ୍ରାଇମବ୍ରାଞ୍ଚ କରୁଛି। ପୀଡ଼ିତାଙ୍କ ପରିବାର, ହଷ୍ଟେଲ ଅନ୍ତେବାସୀ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟ ବୟାନ ରେକର୍ଡ କରାଯାଉଛି। କଲେଜର ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି।

ଡିଜି ଶ୍ରୀ ମିଶ୍ର କହିଛନ୍ତି, ପ୍ରତ୍ୟକ୍ଷଦର୍ଶୀ, ଆଇସିସି କମିଟି ଏବଂ କମିଟି ସମ୍ମୁଖରେ ଯେଉଁମାନେ ବୟାନ ଦେଇଛନ୍ତି; ସେଥିରେ ତାଳମେଳ ରହୁନାହିଁ। ବେଶ୍ କିଛି କଥାରେ ପାର୍ଥକ୍ୟ ଦେଖାଯାଇଛି। ଏହାଛଡ଼ା ସୋସିଆଲ ମିଡିଆରେ ଆସିଥିବା ବୟାନ ଏବଂ ସେମାନେ ଦେଉଥିବା ବୟାନ ମଧ୍ୟରେ ପାର୍ଥକ୍ୟ ରହୁଛି। ତେଣୁ ସମସ୍ତ ଘଟଣାକୁ ସଠିକ୍ ଭାବେ ତର୍ଜମା କରିବା ପରେ ଯାଇ ନିର୍ଯ୍ୟାସରେ ପହଞ୍ଚି ହେବ। ତେବେ ଆଉ କିଛି ଦିନ କ୍ରାଇମବ୍ରାଞ୍ଚ ଟିମ୍ ଏଠାରେ ତଦନ୍ତ ଜାରି ରଖିବ।

## ପତ୍ନୀଙ୍କୁ ଭୁଲିଗଲେ ଶିବରାଜ

**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରକୃଷି ମନ୍ତ୍ରୀ ଶିବରାଜ ସିଂଙ୍କୁ ନେଇ ଏକ ମଜାଦାର ଘଟଣା ସାମ୍ନାକୁ ଆସିଛି। ବିମାନ ଧରିବାକୁ ଯାଇ ତରବରରେ ସେ ପତ୍ନୀ



ସାଧନା ସିଂଙ୍କୁ ସାଥିରେ ନେବାକୁ ଭୁଲିଯାଇଥିଲେ। ସେ ସାଧନାଙ୍କୁ ଛାଡି ୨୨ଟି ଗାଡିର କାରକେଡ ସହ ଜୁନାଗଡରୁ ରାଜକୋଟ ଅଭିମୁଖେ ଚାଲିଯାଇଥିଲେ। ପିନଟ (ବାଦାମ) ରିସର୍ଚ୍ଚ ସେଣ୍ଟରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ରାଜକୋଟ୍ ବାହାରି ଥିଲେ। କିନ୍ତୁ ଏକ କିମି ଯିବା ପରେ ସାଧନାଙ୍କୁ ସାଥିରେ ଆଣି ନ ଥିବା କଥା ସେ ହୃଦୟଙ୍ଗମ କରିଥିଲେ। ଏହାପରେ ସେ ତୁରନ୍ତ ୟୁଟର୍ଣ୍ଣ ନେଇଥିଲେ ଓ ୱେଟିଂ ରୁମ୍‌ରେ ବସିଥିବା ପତ୍ନୀଙ୍କୁ ସାଥିରେ ଆଣି ପୁଣି ରାଜକୋଟ ଅଭିମୁଖେ ଯାତ୍ରା କରିଥିଲେ। ଶିବରାଜଙ୍କ ଏହି ଭୁଲାପଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

## 'ଡନ୍'ର ନିର୍ଦ୍ଦେଶକ ଚନ୍ଦ୍ରବାରୋଟ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ବର୍ଷୀୟାନ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଚନ୍ଦ୍ର ବାରୋଟ ରବିବାର ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ମିଲେନିୟମ ଷ୍ଟାର ଅମିତାଭ ବଚନଙ୍କ ଅନ୍ୟତମ ସୁପର ହିଟ୍ ସିନେମା 'ଡନ୍' ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଡନ୍ ୧୯୭୮ରେ ମୁକ୍ତିଲାଭ କରିଥିଲା ଓ ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ ଦୀପା ବାରୋଟ ଉପସ୍ଥିତ ଥିଲେ। ଜଣାଶୁଣା ନିର୍ଦ୍ଦେଶକ ଫରହାନ ଅଖତାର ଏହି ସିନେମାକୁ ଦ୍ୱିତୀୟଥର ପାଇଁ ଶାହରୁଖ ଖାନ୍‌ଙ୍କୁ ନେଇ ବନାଇଥିଲେ ଓ ଏହା ମଧ୍ୟ ହିଟ୍ ହୋଇଥିଲା। ସେ ବେଙ୍ଗଲି ସିନେମା ଆଶ୍ରିତ (୧୯୮୯), ପ୍ୟାର ଭରା ଦିଲ୍ (୧୯୯୧) ଭଳି ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଫରାହାନ ଅଖତାର ଏବେ ଡନ୍ ସିନେମାର ତୃତୀୟ ସିକ୍ୱେଲ ବନାଇବାକୁ ଯାଉଛନ୍ତି। ଏଥିରେ ସେ ରଣବୀର ସିଂ ଓ କିର୍ତ୍ତୀ ସାନନଙ୍କୁ ମୁଖ୍ୟ ଚରିତ୍ରରେ ନେଇଛନ୍ତି।


## ସେନାକୁ ମିଳିବ ଆପାଚେ ହେଲିକପ୍ଟର



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ପନ୍ଦର ମାସ ବିଳମ୍ବ ପରେ ଭାରତୀୟ ବାୟୁସେନାକୁ ମିଳିବାକୁ ଯାଉଛି ଏଏଚ୍-୬୪ଇ ଆଟାକ ଆପେଚେ ଚପ୍ପର ତଥା ହେଲିକପ୍ଟର। ଏହା ମଙ୍ଗଳବାର ଭାରତୀୟ ସେନାରେ ଆନୁଷ୍ଠାନିକ ଭାବେ ସାମିଲ ହେବ। ଅପରେସନ ସିନ୍ଦୂରକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଏଥିସହ ପଶ୍ଚିମ ସୀମାରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିବ। ୨୦୨୦ରେ ଭାରତ ୬ଟି ଆପାଚେ ଆଟାକ ହେଲିକପ୍ଟର ପାଇଁ ୬୦୦ ମିଲିଅନ ଆମରେକୀୟ ଡଲାର ତଥା ୫, ୧୭୨ କୋଟି ଟଙ୍କାରେ ଆମେରିକା ସହ ଚୁକ୍ତି କରିଥିଲା। ୨୦୨୪ ଜୁନ୍‌ରେ ଏହି ହେଲିକପ୍ଟର ଭାରତକୁ ମିଳିବାର ଥିଲା। କିନ୍ତୁ ଯୋଗାଣ ଶୃଙ୍ଖଳାରେ ବାଧା ଓ କେତୋଟି ବୈଷୟିକ ତ୍ରୁଟି କାରଣରୁ ଏହା ମିଳିବାରେ ବିଳମ୍ବ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ୩ଟି ଲେଖାଏ ହେଲିକପ୍ଟର ଭାରତ ଆସିବ। ଦ୍ୱିତୀୟ ପର୍ଯ୍ୟାୟରେ ବାକି ୩ଟି ହେଲିକପ୍ଟର ଚଳିତବର୍ଷ ଶେଷ ଆଡକୁ ଭାରତ ଆସିବ।

## ସାଉଦି ଆରବର ସ୍ଲିପିଙ୍ଗ ପ୍ରିନ୍ସଙ୍କ ପରଲୋକ

**ରିୟାଦ,୨୦।୭(ଏଜେନ୍ସି):** ସାଉଦି ଆରବ ରାଜକୁମାର ଅଲ ବଲିଦ୍ ବିନ ଖାଲିଦ୍ ବିନ ତଲାଲ ଅଲ ସାଉଦଙ୍କ ପରଲୋକ ହୋଇଛି। ଗତ ୨୦ ବର୍ଷ ହେବ ସେ କୋମାରେ ରହିଥିଲେ। ସେ ସ୍ଲିପିଙ୍ଗ ପ୍ରିନ୍ସ ଅର୍ଥାତ ଶୋଇଥିବା ରାଜକୁମାର ରୂପେ ଜଣାଶୁଣା ଥିଲେ। ସେ ସାଉଦି ଆରବ ରାଜ



**୨୦ ବର୍ଷ ହେବ କୋମାରେ ଥିଲେ**

ପରିବାରର ବରିଷ୍ଠ ସଦସ୍ୟ ପ୍ରିନ୍ସ ଖଲିଦ ବିନ ତଲାଲଙ୍କ ପୁଅ ଓ ଆରବପତି ପ୍ରିନ୍ସ ଅଲ ବଲିଦ ବିନ ତଲାଲଙ୍କ ଭଣଜା ଥିଲେ। ସେ ୧୯୯୦ରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ ଟ୍ରେନିଂ ଅବସରରେ ସେ ଭୟଙ୍କର ସଡକ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ମସ୍ତିଷ୍କ ଆଘାତର ସମ୍ମୁଖୀନ ହୋଇଥିଲେ ଓ ଇଣ୍ଟରନାଲ ବ୍ଲିଡିଂ ହେବାରୁ ସେ କୋମାକୁ ଚାଲିଯାଇଥିଲେ। କିନ୍ତୁ ତାଙ୍କ ପରିବାର ହାର ମାନି ନ ଥିଲେ ଓ ତାଙ୍କ ଚିକିତ୍ସା ଜାରି ରଖିଥିଲେ। ଆମେରିକା ଓ ସ୍ପେନର ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିଲେ। ଶେଷରେ ତାଙ୍କୁ ଡାକ୍ତର ଅଚେତ ଘୋଷଣା କରିଥିଲେ।

## ଇଏମ୍ଆଇ ପାଇଁ ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା

**ଅହମଦାବାଦ୍,୨୦।୭(ଏଜେନ୍ସି):** ଗୁଜରାଟ ଅହମଦାବାଦ୍ ଜିଲ୍ଲାର ବଗୋଦରା ଗାଁରୁ ଶନିବାର ବିଚଳିତ କଲା ଭଳି ଏକ ଘଟଣା ସମ୍ନାକୁ ଆସିଛି। ଋଣଭାର ଏବଂ ଇଏମଆଇ ନ ଦେଇ ପାରି ଗୋଟିଏ ପରିବାର ୫ ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି। ପତି, ପତ୍ନୀଙ୍କ ସମେତ ୩ ଜଣ ପିଲା ବିଷ ପିଇ ଜୀବନ ହାରିଛନ୍ତି। ବିପୁଲ ବାଘେଲା (୩୨) ଓ ପତ୍ନୀ ସୋନଲ (୨୬)ଙ୍କ ସମେତ ବଡ଼ ଝିଅ ସିମରନ (୧୧), ପୁଅ ମୟୂର (୮) ଓ ସାନ ଝିଅ ପ୍ରିନ୍ସ (୫) ରାତିରେ ବିଷ ପିଇଥିଲେ। ସକାଳୁ କେହି ଘର ବାହାରକୁ ଆସି ନ ଥିଲେ। ଫଳରେ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଯାଞ୍ଚ୍ ପରେ ସମସ୍ତେ ମୃତ ବୋଲି ଜଣାପଡିଥିଲା। ବିପୁଲ ଅଟୋ ଚଳାଉଥିଲେ। ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୁଲିସ ଆସିଥିଲା।

## ଜାହାଜରେ ନିଆଁ; ସମୁଦ୍ରକୁ ଡେଇଁ ୫ ମୃତ, ୧୩୦ ନିଖୋଜ

**ଜାକାର୍ତ୍ତା,୨୦।୭(ଏଜେନ୍ସି):** ଇଣ୍ଡୋନେସିଆର ଉତ୍ତର ସୁଲାବେସୀ ପ୍ରାନ୍ତରେ ରବିବାର ଦ୍ୱିପହରରେ ଏକ ଯାତ୍ରୀବାହି ଜାହଜରେ ନିଆଁ ଲାଗି ଯାଇଛି। ଏହା ଦେଖିବା ପରେ ଜୀବନ ବିକଳରେ ସମୁଦ୍ରକୁ ଡେଇଁ ୫ ଜଣ ପ୍ରାମ ହରାଇଛନ୍ତି। ଜାହାଜରେ ୨୮୦ ଯାତ୍ରୀ ଥିଲେ। ୧୫୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହୋଇଛି। ଜୀବନ ବଞ୍ଚାଇବାକୁ ଯାତ୍ରୀ ଜାହାଜରୁ ସମୁଦ୍ରକୁ ଡେଇଁବାକୁ ପଛାଇ ନ ଥିଲେ। ଆହୁରି ୧୩୦ ଜଣ ଯାତ୍ରୀଙ୍କୁ ଖୋଜା ଚାଲିଛି। କେଏମ ବାର୍ସିଲୋନା ୫ ନାମକ ଏହି ଜାହାଜ ତାଲୋଦ ଦୀପରୁ ମନାଡୋ ବନ୍ଦରକୁ ଯାଉଥିଲା। କିନ୍ତୁ ଅପରାହ୍ଣ ୧.୩୦ରେ ଜାହଜାର ନିଆଁ ଲାଗିଥିଲା ଓ ଚାହୁଁ ଚାହୁଁ ନିଆଁ ସାରା ଜାହଜକୁ ବ୍ୟାପୀ ଯାଇଥିଲା। ନିଆଁ ଲାଗିବାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡିନାହିଁ ଓ ଏ ନେଇ ଯାଞ୍ଚ ଆରମ୍ଭ କରାଯାଇଛି। ୫ଜଣଙ୍କ ମୃତଦେଡ ଉଦ୍ଧାର କରାଯାଇଛି। ଏଥିରେ ଜଣେ ଗର୍ଭବତୀ ମହିଳା ସାମିଲ ରହିଛନ୍ତି।

## ୨୦ ଟଙ୍କା ପାଇଁ ମା'କୁ ମାରିଦେଲା ପୁଅ

**ନୁହ,୨୦।୭(ଏଜେନ୍ସି):** ମାତ୍ର ୨୦ ଟଙ୍କା ପାଇଁ ଜଣେ ପୁଅ ତା'ର ମାଆକୁ ହତ୍ୟା କରିଛି। ହରିୟାଣା ନୂହରେ ଏଭଳି ଘଟଣା ଘଟିଛି। ଜଣେ ନିଶାଶକ୍ତ ଯୁବକ ଏହି କାଣ୍ଡ ଘଟାଇଛି। ଶନିବାର ରାତିରେ ସେ ମାଙ୍କୁ ୨୦ ଟଙ୍କା ମାଗିଥିଲା। କିନ୍ତୁ ସକାଳେ ଦେବେ ବୋଲି ମା କହିଥିଲେ। କିନ୍ତୁ ମହିଳା ଜଣକ ସକାଳେ ଟଙ୍କା ଦେଇ ନ ଦେଇ ପରେ ଦେବେ ବୋଲି କହିଥିଲେ। ଫଳରେ କ୍ରୋଧରେ ଜାମସେଦ ତାଙ୍କୁ ତଳେ ପକାଇ ଏକ କୁରାଢୀରେ ହାଣିବା ସହ ବେକ କାଟି ଦେଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ମୃତ ମହିଳା ହେଉଛନ୍ତି ଜୟସିଂହପୁରର ରେଜିଆ। ବଡ଼ ପୁଅ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିଲେ। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଭିଯାନ ଆରମ୍ଭ କରିଛି। ଅଭିଯୁକ୍ତ ୩ ଭାଇଙ୍କ ମଧ୍ୟରୁ ସବୁଠାରୁ ସାନ। ଜାମସେଦ ବିବାହ କରିଥିଲା। ତା ପତ୍ନୀ ୫ ବର୍ଷ ହେବ ବାପଘରେ ରହୁଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଭଲ ନଥିବାରୁ ସେ ନିଶା ସେବନ କରୁଥିଲା।

# 'ହିଟ୍ ଆଣ୍ଡ ରନ୍'ର ଦେଶ ପାଲଟିଛି ଭାରତ

## ବର୍ଷକୁ ଯାଉଛି ୨୨ ହଜାରରୁ ଅଧିକ ଜୀବନ

**ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):**

ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଉଛି। ପିଲାଙ୍କୁ ଅନାଥ ହେବାକୁ ଛାଡ଼ି ଦେଉଛି। ଦେଶରେ ସଡ଼କ ଦୁର୍ଘଟଣା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି। ଏହି କ୍ଷେତ୍ରରେ ଭାରତ ବିଶ୍ୱରେ ଅପକୀର୍ତ୍ତି ଅର୍ଜନ କରିଛି। ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ଜୀବନ ଯାଉଛି। ଏହାକୁ ରୋକିବାକୁ ଆଇନ ଅଛି, କିନ୍ତୁ ଲାଭ ମିଳୁନି। ଯେଉଁ ଉଦ୍ଦେଶ୍ୟ ନେଇ ନୂଆ ଟ୍ରାଫିକ ନିୟମ ଅଣାଯାଇଥିଲା ତାହା ମଧ୍ୟ ଫଳବତୀ ହୋଇପାରିଲା ନାହିଁ। କିଛି ରାଜ୍ୟ ସରକାର ଏହାକୁ ଲାଗୁ ମଧ୍ୟ କରିନାହାନ୍ତି। ଆଉ ଯିଏ କାର୍ଯ୍ୟକାରୀ କରିଛନ୍ତି ସିଏ ଜୋରିମାନା ରାଶିକୁ କମାଇ ଆଇନକୁ ଦୁର୍ବଳ କରିଦେଇଛନ୍ତି। ଦେଶରେ ସଡ଼କ ଦୁର୍ଘଟଣାର ଅଧିକାଂଶ ମାମଲା ହିଟ୍ ଆଣ୍ଡ ରନ୍‌ର ରହିଛି। ଡ୍ରାଇଭର ଲୋକଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଉଛି। ପୀଡ଼ିତ ବଞ୍ଚିଛି କି ମରିଛି ତାହା ମଧ୍ୟ ଦେଖୁନାହାନ୍ତି। ଉଚିତ ସମୟରେ ଚିକିତ୍ସା ନ ପାଇ ଅନେକ ଲୋକଙ୍କ ଜୀବନ ଚାଲି ଯାଉଛି। ଯେତେ ଆଇନ ଆସିଲେ ବି ସବୁ ବିଫଳ ହେଇ ଯାଉଛି। ନୂଆ ଟ୍ରାଫିକ ନିୟମରେ ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରିଗଲେ କଡ଼ା ଦଣ୍ଡର ବ୍ୟବସ୍ଥା ଥିବାବେଳେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ବର୍ଷକୁ ଏଭଳି ଦୁର୍ଘଟଣାରେ ୨୨ ହଜାର ଜୀବନ ଯାଉଥିବାବେଳେ ସଡ଼କ ସୁରକ୍ଷାକୁ ନେଇ ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ଜଣାପଡୁଛି।

**୨୦୨୨ରେ ଯାଇଥିଲା ୩୦,୪୦୦ ଜୀବନ**

**ଦୋଷୀଙ୍କୁ ମିଳୁନି ଦଣ୍ଡ; ପୁଲିସ ବେଫିକର୍**

**ନ୍ୟାୟରୁ ବଞ୍ଚିତ ହେଉଛନ୍ତି ପୀଡ଼ିତ ପରିବାର**



ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ୨୦୨୨ରେ ହିଟ୍ ଆଣ୍ଡ ରନ୍ ମାମଲାରେ ୩୦, ୪୦୦ ଲୋକ ଜୀବନ ହରାଇଛନ୍ତି। ଏହା ୨୦୨୧ ତୁଳନାରେ ୧୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ସଡ଼କ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ତେବେ ଦୁଃଖର ବିଷୟ ଏହି କି ଯେ ହିଟ୍ ଆଣ୍ଡ ରନ୍ ମାମଲାର ତଦନ୍ତ ବି ଠିକ୍‌ରେ ହେଉନାହିଁ। ପୁଲିସ ଏହାକୁ ଗୁରୁତର ସହ ନେଉନାହିଁ। ଫଳରେ ହିଟ୍ ଆଣ୍ଡ ରନ୍ ମାମଲା ପଛରେ ଥିବା ଉଦ୍ଦେଶ୍ୟ ବି ଜଣାପଡୁ ନାହିଁ। ଅପରାଧି ଖସି ପୁଣି ଆଉ କୋଉଠି ଦୁର୍ଘଟଣା ଘଟାଇ ମୁକ୍ତ ହୋଇ ବୁଲୁଛି। ପୀଡ଼ିତଙ୍କୁ ନ୍ୟାୟ ମିଳୁନି। ସତେ ଯେମିତି ଏମାନଙ୍କୁ ନ୍ୟାୟ ଦେବାରେ ଆଇନ ଅନ୍ଧ ପାଲଟି ଯାଇଛି। କିଛି ଦିନ ତଳେ ବିଶ୍ୱର ସବୁଠୁ ବୟସ୍କ ମାରାଥନର ଫୌଜା ସିଂହ ମଧ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। କିନ୍ତୁ ଚାପ ଯୋଗୁଁ ପୁଲିସ ଏହି ହିଟ୍ ଆଣ୍ଡ ରନ୍ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତେବେ ୨୦୦୯ ମେ' ୫ରେ ଏପରି ଏକ ଘଟଣା ଘଟିଥିଲା ଉତ୍ତର ପ୍ରଦେଶ ବିଜନୌରରେ। ବରଯାତ୍ରୀରେ ଯାଉଥିବା ଅକ୍ଷୟ କୁମାର ସିଂହଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଥିଲା। ଏଥିରେ ତାଙ୍କର ଏବଂ ଅନ୍ୟ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର କିଛି ନ ଦେଖି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଅକ୍ଷୟଙ୍କ ମୁହଁ ଚାପି ହୋଇ ଯାଇଥିଲା। ପୁଅ ପିନ୍ଧିଥିବା ସାର୍ଟରୁ ବାପା ରାକେଶ ସିଂହ ତାଙ୍କୁ ଚିହ୍ନଟ କରିଥିଲେ। ସବୁ ଘଟଣା ପରି ଏଥିରେ ମଧ୍ୟ ପୁଲିସ ଏତଲା ରୁଜୁ କରି ବସି ଯାଇଥିଲା। ନ୍ୟାୟ ପାଇଁ ସଂଘର୍ଷ କରିଥିଲେ ବି ନ୍ୟାୟ ମିଳି ନ ଥିଲା। ପୁଲିସର ନିଷ୍କ୍ରିୟତା ଦେଖିବା ପରେ ପିଏସୟୁରେ କାମ କରୁଥିବା ରାକେଶ ନିଜେ ଦୋଷୀକୁ ଧରିବା ପାଇଁ ବାହାରି ପଡ଼ିଲେ। ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ ନ୍ୟାୟ ବ୍ୟବସ୍ଥା ତାଙ୍କୁ ବିଫଳ କରିଦେଲା। ସେ ପ୍ରଥମେ ଉକ୍ତ ଟ୍ରକରେ ବେଆଇନ ଭାବେ ଖଣି ଖନନ କରି ସାମଗ୍ରୀକୁ ଓଭରଲୋଡ କରି ନିଆଯାଉଥିବା ଜାଣିବାକୁ ପାଇଥିଲେ। ପରେ ୧୫ ଦିନ ଭିତରେ ଡ୍ରାଇଭରକୁ ଧରିଥିଲେ। ସେ ସେହି ଟ୍ରକର ମାଲିକ ଥିଲା। ରାକେଶ ସବୁ ପ୍ରମାଣ ପୁଲିସକୁ ଦେଇଥିଲେ। ମାତ୍ର ଅଭିଯୁକ୍ତ ଜାମିନ ପାଇ ଯାଇଥିଲା ଏବଂ ୨୦୧୨ରେ ସେହି ଡ୍ରାଇଭର ମଦ ପିଇ ମରିଯିବା ପରେ ମାମଲାକୁ ବନ୍ଦ କରିଦିଆଯାଇଥିଲା। ପରେ ଶ୍ରୀ ସିଂହ ନିଜ ଚାକିରି ଛାଡ଼ି ଜଣେ ସାମାଜିକ କର୍ମୀ ଭାବେ ସଡ଼କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ୬୨ ବର୍ଷ।

■ ମହାରାଷ୍ଟ୍ର ରାଜନୀତି ସରଗରମ

## ଫଡ଼୍ନାଭୀସଙ୍କୁ ଭେଟିଲେ ଆଦିତ୍ୟ ଠାକରେ

**ମୁମ୍ବାଇ, ୨୦।୭ (ଏଜେନ୍ସି):** ଉଦ୍ଧବ ଗୋଷ୍ଠୀର ଶିବସେନାକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି। ଏହି ଗୋଷ୍ଠୀ ପୁଣିଥରେ ବିଜେପି ମେଣ୍ଟରେ ସାମିଲ ହେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅଫର ପାଇବାର ଦିନକ ପରେ ଉଦ୍ଧବ ଠାକରେ ଏବଂ ତାଙ୍କ ପୁଅ ଆଦିତ୍ୟ ଠାକରେ ତାଙ୍କୁ ଭେଟିବାକୁ ଯାଇଥିଲେ। ବିଧାନ ପରିଷଦ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଉଭୟେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାର ଦିନକ ପରେ ଶନିବାର ସନ୍ଧ୍ୟାରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ପୁଣି ଫଡନାଭୀସଙ୍କୁ ଭେଟିଛନ୍ତି। ମୁମ୍ବାଇର ସୋଫିଟେଲ ହୋଟେଲରେ ଉଭୟେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଥିବା ରିପୋର୍ଟ ଆସିଛି। ଅଲଗା ଅଲଗା କାର୍ଯ୍ୟକ୍ରମ ପାଇଁ ଦୁହେଁ ଏହି ହୋଟେଲକୁ ଯାଇଥିଲେ ବୋଲି କୁହାଯାଉଛି। ମାତ୍ର ଏହି ସାକ୍ଷାତ ଆଲୋଚନା ବିଜେପି-ଶିବେସନା ମଧ୍ୟରେ ମେଣ୍ଟ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି। ମରାଠୀକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବାବେଳେ ଦୁଇ ପୁରୁଣା ବନ୍ଧୁ ଦଳ ଫାଟକୁ ଭୁଲି ପୁଣି ଏକାଠି ହେବେ ବୋଲି କୁହାଯାଉଛି। ତେବେ ଉଭୟ ନେତା କୌଣସି ବୈଠକ ହୋଇ ନ ଥିବା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହୋଟେଲରେ ଥିଲେ, କିନ୍ତୁ ଆଦିତ୍ୟଙ୍କୁ ସେ ଭେଟି ନ ଥିଲେ। ଏହି ସମୟରେ ଆଦିତ୍ୟ ତାଙ୍କ ବନ୍ଧୁମାନଙ୍କ ସହ ହୋଟେଲରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ୧୬ ତାରିଖରେ ଫଡନାଭୀସ ପୁରୁଣା



ସହଯୋଗୀ ଉଦ୍ଧବଙ୍କୁ ତାଙ୍କ ସାମିଲ ହେବା ପାଇଁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ, କିନ୍ତୁ ସେ କ୍ଷମତାସୀନ ପକ୍ଷକୁ ଆସିପାରିବେ। ସୂଚନାଯୋଗ୍ୟ ଯେ ଦିଶା ସାଲିଆନଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ସିଧାସଳଖ ଆଦିତ୍ୟ ଠାକରେଙ୍କୁ ଦୋଷ ଦେଇଛନ୍ତି। ଝିଅକୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ହାଇକୋର୍ଟରେ ମାମଲା ଦାଏର କରିଥିବାବେଳେ କ୍ଷମତାସୀନ ମେଣ୍ଟ ସହ ଉଦ୍ଧବ ଗୋଷ୍ଠୀ ଶିବସେନାର ଘନିଷ୍ଠତା ବଢ଼ିବ ଭିନ୍ନ କିଛି ଦିଗକୁ ଇଙ୍ଗିତ କରୁଛି।

**ଆମେରିକାରେ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କ କଳା ସାମ୍ରାଜ୍ୟ**

## ଔଷଧ ବଦଳରେ ସେକ୍ସ!

**ୱାଶିଂଟନ, ୨୦।୭ (ଏଜେନ୍ସି):** ଆମେରିକା ନ୍ୟୁଜର୍ସିରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜଣେ ଡାକ୍ତର ଚିକିତ୍ସା କରିବା ବାହାନାରେ କଳା ସାମ୍ରାଜ୍ୟ ଚଳାଇ ଥିଲେ। ଶକ୍ତିଶାଳୀ ପେନ୍ କିଲର ବଦଳରେ ଶାରୀରିକ ସମ୍ପର୍କ ରଖୁଥିଲେ। କ୍ଲିନିକକୁ ଔଷଧ କେନ୍ଦ୍ର କରି ରଖିଥିଲେ। ଏହି ଡାକ୍ତରଙ୍କ ଠିକଣାରୁ ୩୧ ହଜାର ଜାଲ୍ ପ୍ରେସ୍କ୍ରିପସନ୍ ଜବତ କରାଯାଇଛି। ଆମେରିକାର ଫେଡାରାଲ ପ୍ରୋସିକ୍ୟୁଟର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ଡାକ୍ତର ରିତେଶ କାଲରାଙ୍କ ବିରୋଧରେ ମାମଲା ଚାଲିଛି। ସେ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକିଥିବା ଅଭିଯୋଗ ହୋଇଛି। ସିକାସସ୍ ସହରର ଏହି ଚିକିତ୍ସକ ଫେୟାର ଲନ୍‌ରେ ପ୍ରାକ୍ଟିସ କରୁଥିଲେ। ସେ ନିଜ ମେଡିକାଲ ଅଫିସକୁ ଔଷଧ କେନ୍ଦ୍ର ଭାବେ ପରିଣତ କରି ବିନା ଆବଶ୍ୟକତାରେ ହଜାର ହଜାର ହାଇ-ଡୋଜ୍ ଓପିଓଡିସ, ଅକ୍ସିକୋଡନ ଏବଂ ପ୍ରୋମେଥାଜାଇନ ଭଳି ଔଷଧ ଲେଖୁଥିଲେ। ଆମେରିକା ଆଟର୍ଣ୍ଣି ଏଲିନା ହବା



**୩୧ ହଜାର ଜାଲ୍ ପ୍ରେସକ୍ରିପ୍ସନ**

କହିଛନ୍ତି ଯେ ଏହି ଡାକ୍ତର ନିଜ ପେଶାକୁ ବ୍ୟବହାର କରି ନ୍ୟୁଜର୍ସିର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକୁଥିଲେ। ନିଜ ପଦବୀକୁ ନିଶାସକ୍ତ କରିବାକୁ ଏବଂ ଦୁର୍ବଳ ରୋଗୀଙ୍କୁ ଯୌନ ସମ୍ପର୍କ ରଖିବା ପାଇଁ ଉତ୍ପୀଡ଼ନ ଦେଉଥିଲେ।

୨୦୧୯ ଜାନୁଆରୀରୁ ୨୦୨୫ ଫେବୃଆରୀ ମଧ୍ୟରେ ସେ ପ୍ରାୟ ୩୧ ହଜାର ଅକ୍ସିକୋଡନ ପ୍ରେସ୍କ୍ରିପ୍ସନ ଲେଖିଥିଲେ। ସେ ବେଳେବେଳେ ଦିନକୁ ୫୦ରୁ ଅଧିକ ଏଭଳି ପ୍ରେସ୍କ୍ରିପ୍ସନ ଲେଖିଥିଲେ। ବେଆଇନ ଔଷଧ ଲେଖିବା ସହିତ ସେ ପରାମର୍ଶ ଦେବା ଏବଂ କାଉନସେଲିଂ ପାଇଁ ଅଧିକ ଦେୟ ନେଉଥିଲେ। ଏହି ମାମଲାରେ କାଲରାଙ୍କୁ ଗିରଫ କରାଯାଇଥିଲା। ତେବେ ଲକ୍ଷେ ଡଲାରର ବଣ୍ଡରେ ନ୍ୟୁୱାର୍କ ମାଜିଷ୍ଟ୍ରେଟ ଜଜ୍ ତାଙ୍କୁ ମୁକ୍ତ କରିଛନ୍ତି। ତାଙ୍କୁ ମେଡିକାଲ ପ୍ରାକ୍ଟିସ ନ କରିବାକୁ କୁହାଯାଇଛି। ଅନ୍ୟପଟେ କାଲରାଙ୍କ ଓକିଲ ସମସ୍ତ ଅଭିଯୋଗକୁ ଖାରଜ କରିଦେଇଛନ୍ତି। ସରକାରଙ୍କ ପ୍ରେସ୍ ବିଜ୍ଞପ୍ତି 'ସୁପରମାର୍କେଟ ଟାବଲୋଏଡ' ଭଳି ବୋଲି କହିଛନ୍ତି।

# ନିଶା ର୍ୟାକେଟ ଚଳାଉଥିଲେ ଡାକ୍ତର, ଜିମ୍ ଟ୍ରେନର୍

**ଭୋପାଳ, ୨୦।୭ (ଏଜେନ୍ସି):**

ମଧ୍ୟପ୍ରଦେଶ ଭୋପାଳରୁ ଏକ ବଡ଼ ଡ୍ରଗ୍ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଏହି କାରବାର ଜିମ୍ କ୍ଲିନିକ ଏବଂ ମହାବିଦ୍ୟାଳୟ ପରିସରରେ ଚାଲିଥିଲା। ଏହି ମାମଲାରେ ଦୁଇ ପ୍ରମୁଖ ନିଶା ଚାଲାଣକାରୀ ସୈଫୁଦିନ ଏବଂ ଆସୁ ଓରଫ ଶାହରୁଖକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଜଣେ ଡାକ୍ତର ଏବଂ ଜଣେ ଜିମ୍ ଟ୍ରେନର ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ପାଇଁ ଏହି ଡାକ୍ତର ମେଫାଡ୍ରୋନ (ଏମଡି) ଡ୍ରଗ ଲେଖୁଥିଲେ। ସେହିପରି ଜିମ୍ ଟ୍ରେନର ମେଦ ହ୍ରାସ ପାଇଁ ମେଫାଡ୍ରୋନ ନେବାକୁ କହୁଥିଲେ। ଏହି କାରବାରରେ ଯୁବତୀ ଏବଂ ମହିଳାଙ୍କୁ ଢାଲ କରାଯାଉଥିଲା। ସେମାନେ ଡ୍ରଗ ନେଇ ସ୍ଲିମ ହୋଇଥିବା ଏବଂ ମନୋବଳ ବୃଦ୍ଧି କରୁଥିବା କହୁଥିଲେ। ଦୁଇ ଅଭିଯୁକ୍ତ କେବଳ ଡ୍ରଗ୍ ବିକୁ ନ ଥିଲେ, ଏଥିପାଇଁ ଏକ ବ୍ୟବସ୍ଥା ମଧ୍ୟ ଗଢ଼ିଥିଲେ।

ପୁଲିସ ସୂଚନା ଅନୁଯାୟୀ ନିଶା କାରବାର ବୃଦ୍ଧି କରିବା ପାଇଁ ଉଭୟ ଅଭିଯୁକ୍ତ ଡାକ୍ତର, ଜିମ ଟ୍ରେନର ଏବଂ ପାର୍ଟି ପ୍ରମୋଟରଙ୍କ ସହାୟତା ନେଇ ଯୁବଗୋଷ୍ଠୀଙ୍କୁ ଏହି ଅନ୍ଧକାର ମଧ୍ୟକୁ ଠେଲି ଦେଉଥିଲେ। ଏଥିପାଇଁ ଫିଟ୍‌ନେସ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଦ୍ୱାହି ଦେଉଥିଲେ। ଆଉ ଏହି ଡ୍ରଗ ଥରେ ନେବା ପରେ ସେମାନେ ଏହି ଯନ୍ତାରୁ ବାହାରି ପାରୁ ନ ଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୧୫.୧୪ ଗ୍ରାମ ଏମଡି ଗୁଣ୍ଡ, ଗୋଟିଏ ସ୍କୁଟି

**ଓଜନ ହ୍ରାସ, ମାନସିକ ଚିକିତ୍ସା ଆଳରେ ବିକୁଥିଲେ ଡ୍ରଗ୍ସ**

**ଗଢ଼ିଥିଲେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା**

ଏବଂ ଫୋନ ଜବତ କରିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏପରି ଏକ ବ୍ୟବସ୍ଥା ତିଆରି କରାଯାଇଥିଲା ଯେଉଁଥିରେ ଓଜନ ହ୍ରାସ, ଶକ୍ତି ବୃଦ୍ଧି, ମାନସିକ ସ୍ଥିତିକୁ ଭଲ ରଖିବାକୁ ନିଶା ଦିଆଯାଉଥିଲା। ଏଥିପାଇଁ ପ୍ରେସକ୍ରିପସନ୍ ମଧ୍ୟ ଲେଖା ଯାଉଥିଲା। ନିଜ ଚେହେରାକୁ ନେଇ ଚିନ୍ତିତ ଥିବା ଯୁବ ଗୋଷ୍ଠୀଙ୍କୁ ଏହି ନିଶା କାରବାରୀ ନିଶାଣ କରୁଥିଲେ। ଜିମ୍ ମାଧ୍ୟମରେ ନିଶା ଦ୍ରବ୍ୟ ବିକୁଥିଲେ। ଠକ ଡାକ୍ତରଙ୍କୁ ଏହି ର୍ୟାକେଟରେ ସାମିଲ କରି ଅବସାଦଗ୍ରସ୍ତ ଏବଂ ଚିଡ଼ଚିଡା ରୋଗରେ ପୀଡ଼ିତଙ୍କ ପାଇଁ ପ୍ରେସକ୍ରିପସନ୍ ଲେଖାଉ ଥିଲେ। ପରେ ନିଶା ଦେଇ ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା ଏବଂ ଅପରାଧ ମଧ୍ୟକୁ ଠେଲି ଦିଆଯାଉଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

ଅଭିଯୁକ୍ତମାନେ ଭୋପାଳର ବଡ଼ ପାର୍ଟିକୁ ମଧ୍ୟ ଡ୍ରଗ୍ସ ଯୋଗାଉ ଥିଲେ। ଝିଅଙ୍କୁ ବ୍ୟବହାର କରି ହନିଟ୍ରାପ କରୁଥିଲେ। ଏଭଳି ଝିଅଙ୍କୁ ମାଗଣାରେ ଡ୍ରଗ୍ସ ଦେଇ ଅନ୍ୟମାନଙ୍କୁ ସାମିଲ କରାଇବାକୁ କହୁଥିଲେ। ନୂଆ ଝିଅ ସାମିଲ ହେବା ପରେ ମାଗଣାରେ ଡ୍ରଗ୍ସ ଦେଉଥିଲେ। ଚେନ୍ ମାର୍କେଟିଂ ମାଧ୍ୟମରେ ଯୁବ ପିଢ଼ିକୁ ସାମିଲ କରୁଥିଲେ। ଏହି ବ୍ୟବସ୍ଥାରେ ଜିମ୍, ଥେରାପି କ୍ଲିନିକ, ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ନାଇଟ କ୍ଲବ ଗୁଡିକୁ ସାମିଲ କରିଥିଲେ। ଏମାନେ ମଧ୍ୟବିତ୍ତ ପରିବାରର ପିଲା, କଲେଜ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିଲେ। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗୋବିନ୍ଦପୁରାର ସବ୍‌ଜି ମଣ୍ଡି ଟିନ୍ ସିଡ ଅଞ୍ଚଳରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଟ୍ରେଲର-ବାଇକ୍ ଧକ୍କା; ୨ ମୃତ



ତୁରୁମୁଙ୍ଗା/କରଞ୍ଜିଆ, ୨୦।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପାଟଣା ଥାନା ଜଗାନାଳି ଗ୍ରାମର ଅଣ୍ଡ ମୁଣ୍ଡା ଓ ସରୋଜ ମହାନ୍ତ। ଏକ ବାଇକ୍‌କୁ ଟ୍ରେଲର୍ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ଅଣ୍ଡ ଓ ସରୋଜ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ସାହାରାପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଟ୍ରେଲର୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଣ୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଅଟକ ରଖି ତଦନ୍ତ ଚଳାଇଛି।

## ଟୋଲ୍‌ଗେଟ୍ ଉପରକୁ ମାଡ଼ିଗଲା କାର୍

ବୈଶିଙ୍ଗା/ବେତନଟୀ, ୨୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍‌ରେ ରବିବାର ଭୋର୍‌ରେ ଏକ ବଡ଼ ଅଘଟଣ ଘଟିଛି। ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ଟୋଲ୍ ଗେଟ୍‌ର ୩ ନମ୍ବର ବୁଥ୍ ଉପରକୁ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ

### ପ୍ରାକ୍ତନ ଅଧ୍ୟାପକଙ୍କ ମୃତ୍ୟୁ





ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାରିପଦା ଶ୍ରୀମା' ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ରାଜଦୀପ ପଟ୍ଟନାୟକ। ସେ ବିଜେଡି ନେତ୍ରୀ ଛବି ମାହାଲିଙ୍କ ସ୍ୱାମୀ। ସେହିପରି, ଆହତ ଜଣଙ୍କ ହେଲେ ଅଜୟ ନାଏକ। ଉଭୟ ଏକ କାର୍ (ଓଡି -୧୧ଏମ -୬୭୧୬)ରେ ବାରିପଦା ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଦୁର୍ଘଟଣା ପରେ ଟୋଲଗେଟ୍ କର୍ମଚାରୀ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେଠାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାଜଦୀପଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ମାମଲା ରୁଜୁ କରିଛି। ରାଜଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆଉ କେତେ ଅଘଟଣ ପରେ ଚେତିବେ ସରକାର

- ବଢ଼ିଚାଲିଛି ଦୁଷ୍କର୍ମ, ହତ୍ୟା, ଲୁଟ୍‌ପାଟ୍
- ପୁଲିସ ଏବଂ ପ୍ରଶାସନକୁ ଅପରାଧୀଙ୍କ ଭୟନାହିଁ
- ପୁଲିସ ଉପରୁ ଲୋକଙ୍କ ଭରସା ବି ତୁଟିଗଲାଣି

ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ଅପରାଧୀଙ୍କ ନା ପୁଲିସକୁ ଭୟ ଅଛି ନା ପ୍ରଶାସନକୁ। ମନଇଚ୍ଛା ଯାହା ଚାହୁଁଛନ୍ତି, ସେୟା କରୁଛନ୍ତି। କାହାକୁ ହତ୍ୟା କରୁଛନ୍ତି ତ ଆଉ କାହାକୁ ଜୀବନ୍ତ ପୋଡ଼ି ଦେଉଛନ୍ତି। ବିନା ଭୟରେ ଦୁଷ୍କର୍ମ କରିବାକୁ ବି ପଛାଉ ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ସେମାନେ ଅତି ସହଜରେ ଚମ୍ପଟ ମାରୁଛନ୍ତି। ଅଧିକାଂଶ ମାମଲାରେ ନା ପୁଲିସ ସେମାନଙ୍କୁ ଗିରଫ କରିପାରୁଛି ନା ପୀଡ଼ିତଙ୍କୁ ନ୍ୟାୟ ଦେଇପାରୁଛି। ପ୍ରଶାସନ କେବଳ ମୃତବ୍ୟକ୍ତିଙ୍କୁ କ୍ଷତିପୂରଣ ଦେଇ ବସିପଡ୍ଡୁଛି। ଫଳରେ ରାଜ୍ୟରେ ପୁଣି ସମଧରଣର ଆଉ ଏକ ଘଟଣା ଘଟୁଛି। ଗତ କିଛି ମାସ ହେବ, ରାଜ୍ୟରେ ଘଟୁଥିବା କେତେକ ଅପରାଧ ଉପରେ ନଜର ପକାଇଲେ, ଏହା ସ୍ପଷ୍ଟ ହେଉଛି।

ଗୋପାଳପୁର ଗଣଦୁଷ୍କର୍ମ ଘଟଣାଠାରୁ ଆରମ୍ଭ କରି ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଏବଂ ଗତକାଲିର 'ବଳଙ୍ଗା' ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ରାଜ୍ୟରେ ଘଟୁଥିବା ଏକାଧିକ ଘଟଣା ଜାତୀୟ ମାନବିକ ଅଧିକାର ଆୟୋଗ, ମହିଳା ଆୟୋଗଙ୍କୁ ବିବ୍ରତ କରିପକାଇଲାଣି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ବି କ୍ଷୁବ୍ଧ। ରାଜ୍ୟବାସୀ ବି ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ହେଲେ, ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆଉ ଏଭଳି କେତେ ଅଘଟଣ ଘଟିଲେ, ସରକାର ଚେତିବେ ବୋଲି ଏବେ ପ୍ରଶ୍ନ ଉଠିଲାଣି।

ଗତ ଜୁନ୍ ୧୬ ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମ କରାଯାଇଥିଲା। ଗଣଦୁଷ୍କର୍ମ ଘଟଣାରେ ପୁଲିସ ମୋଟ ୧୦ ଜଣଙ୍କୁ ଗିରଫ କରିଛି। ୧୦ଜଣଙ୍କ ମଧ୍ୟରେ ୬ଜଣ ନାବାଳକେ ଅଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାରେ ଜୁଲାଇ ୧୨ତାରିଖରେ ପ୍ରେମୀଯୁଗଳଙ୍କୁ ଲଙ୍ଗଳ ପକାଇ ହଳ ବୁଲାଇଥିଲେ। ଜୁଲାଇ ୧୩ ତାରିଖରେ କୋରାପୁଟରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଥିଲା। ପ୍ରେମ କରିବାରୁ ଗାଁ ଦାଣ୍ଡରେ ବଳଦ କରି ହଳ ବୁଲାଇଲେ ଗ୍ରାମବାସୀ। ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଜୁନ୍ ୨୩ରେ ଗଞ୍ଜାମ ଧରାକୋଟ ଖାରିଗୁମ୍ମା ଗାଁରେ ଗୋ-ତସ୍କରୀ ଅଭିଯୋଗ ଆଣି ଟଙ୍କା ଲୋଭରେ ଦୁଇ ଦଳିତଙ୍କୁ ପିଟିଲେ ଲୋକେ। ଗାଁ ଦାଣ୍ଡରେ ଲଣ୍ଡା କରି ପାଟିରେ ଘାସ ଦେଇ ଆଣ୍ଠେଇଲେ ଏପରିକି, ନର୍ଦ୍ଦମା ପାଣି ବି ପିଇବାକୁ ବାଧ କଲେ। ସେହିପରି, ଜୁନ୍ ୩୦ ତାରିଖରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ପୋରେଟର୍ ଏବଂ ଅନ୍ୟ ସହଯୋଗୀମାନେ ଆକ୍ରମଣ କରିଥିଲେ। ଗତ ଶନିବାରରେ ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ଗତକାଲି ପୁଣି ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତ ଅପହରଣ କରିନେଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପ୍ରତି ଅପରାଧୀଙ୍କ ଭୟନଥିବା ସ୍ପଷ୍ଟ ରୂପେ ବାରି ହୋଇପଡୁଛି।

### ପରକୀୟା ପ୍ରୀତି ସନ୍ଦେହ ନେଲା ଜୀବନ

## ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଦେଲା

ବଣାଇଁ/ରାଉରକେଲା,୨୦।୭(ସମିସ): ବୁଲାଇବା ବାହାନାରେ ସ୍ତ୍ରୀକୁ ସାଥିରେ ନେଲା। ସେଠାରେ ହତ୍ୟା କରିବା ପରେ ଅଖାରେ ବାନ୍ଧି ଶବକୁ ନଦୀରେ ଫିଙ୍ଗିଦେଲା। ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ପଙ୍କଡିହି ତଥା ଜଡ଼ା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଜୟନ୍ତୀ କୁଜୁର। ଆଜି ସଂଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖାବସ୍ତା ଭିତରୁ ଜୟନ୍ତୀଙ୍କ ଶବକୁ ପୁଲିସ୍ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜୟନ୍ତୀଙ୍କୁ ଗତକାଲି ହତ୍ୟା କରିବା ପରେ ସ୍ୱାମୀ ଲକ୍ଷ୍ମଣ ଓରାମ ଆଜି ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ୍ ତାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପରପୁରୁଷ ସହ ସ୍ତ୍ରୀର ଅନୈତିକ ସଂପର୍କ ଥିବା ସନ୍ଦେହ କରି ଲକ୍ଷ୍ମଣ ଏପରି ନାରକୀୟ କାଣ୍ଡ ଘଟାଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଛି।

ସୂଚନାନୁଯାୟୀ, ଜୟନ୍ତୀ ଜଣେ ଅଙ୍ଗନବାଡ଼ି କର୍ମୀ। ସେ ପଙ୍କଡ଼ିହି ପଞ୍ଚାୟତ ଅଧୀନ ଜଡା ଅଙ୍ଗନବାଡ଼ିରେ କାର୍ଯ୍ୟରତ। ଗତକାଲି ଅଙ୍ଗନବାଡ଼ିରୁ ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା। ହେଲେ ଆଜି ଲକ୍ଷ୍ମଣ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରି ସତ ଓଗାଳିଥିଲା। ଜୟନ୍ତୀଙ୍କୁ ହତ୍ୟା କରି ବ୍ରାହ୍ମଣୀ ନଦୀରେ ଫୋପାଡ଼ି ଦେଇଥିବା ନେଇ ଥାନାରେ ସ୍ୱୀକାର କରିଥିଲା। ହେଲେ,



କେଉଁଠାରେ ମୃତଦେହ ଫୋପାଡ଼ିଥିଲା; ସେନେଇ ଭିନ୍ନଭିନ୍ନ କଥା କହିବା ଯୋଗୁଁ ଆଜି ଦିନତମାମ ପୁଲିସ୍ ନାକେଦମ ହୋଇଥିଲା। ଶେଷରେ ଆଜି ସନ୍ଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖା ଭିତରୁ ଜୟନ୍ତୀଙ୍କ ଶବ ଜବତ କରିଥିଲା। ଅଭିଯୁକ୍ତ ଲକ୍ଷ୍ମଣ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେବାରୁ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ହଇରାଣ ହୋଇଥିଲା।

୨୦୧୯ ମସିହାରେ ଜଡ଼ା ଗ୍ରାମର ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀ ବିବାହ କରିଥିଲେ। ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ରହିଥିବା ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି କଳହ ଲାଗି ରହିଥିଲା। ଏପରିକି, ଉଭୟଙ୍କ ମଧ୍ୟରେ ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପା ଘରକୁ ମଧ୍ୟ ଚାଲିଯାଇଥିଲେ। ପରେ ଲକ୍ଷ୍ମଣ ବୁଝାସୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ପୁଲିସ ନିକଟରେ କହିଛି। ଗତକାଲି ସେ ଜୟନ୍ତୀଙ୍କୁ ବୁଲାଇବା ବାହାନାରେ ନେଇ ଯାଇଥିଲା। ସେଠାରେ ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ଏକ ସ୍କୁଟିରେ ନେଇ ବ୍ରାହ୍ମଣୀରେ ଫୋପାଡ଼ି ଦେଇ ଚାଲି ଆସିଥିଲା। ଅଭିଯୁକ୍ତକୁ ସାଥିରେ ନେଇ ପୁଲିସ ଏବେ ଶବ ଉଦ୍ଧାର କରିଥିଲା। ଆସନ୍ତାକାଲି ମୃତା ମହିଳାଙ୍କ ଶବ ପରିବାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହେବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

### ଅସହ୍ୟ ହେଲା ସ୍ୱାମୀଙ୍କ ପରକୀୟା ପ୍ରୀତି

## ଜୀବନ ହାରିଲେ ସ୍ତ୍ରୀ

ଭବାନୀପାଟଣା,୨୦।୭(ସମିସ): ବାହାଘର ବେଳେ ଖୋଲା ଆଖିରେ କେତେ କ'ଣ ଅସୁମାରି ସ୍ୱପ୍ନ ଦେଖିଥିଲେ। ଭଲରେ କେମିତି ସଂସାର ଗାଡ଼ି ଚାଲିବ, ସେଥିପାଇଁ ମନେମନେ ଠାକୁରଙ୍କୁ କୋଟି ଗୁହାରି କରିଥିଲେ। ନୂଆବୋହୂ ହୋଇ ପାଦ ଥାପିବା ପରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ମନ ନେଇ ଚଳିବାକୁ ବି ଖୁବ୍ ଚେଷ୍ଟା କରିଥିଲେ। କିନ୍ତୁ ବାହାଘରର କିଛି ମାସ ପରେ ପରଯୁବତୀ ସହ ସ୍ୱାମୀର ସଂପର୍କ ଥିବା ଜାଣିବା ପରେ ତାଙ୍କର ସବୁ ସ୍ୱପ୍ନ ତାଙ୍କର ଚୂରମାର୍ ହୋଇଗଲା। ତଥାପି ସଂପର୍କ ସୁଧାରିବାକୁ ବହୁ ଚେଷ୍ଟା

### ସୁଇସାଇଡ୍ ନୋଟ୍‌ରେ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କଲେ



କଲେ, କିନ୍ତୁ ପାରିଲେନି। ସ୍ୱାମୀ ତ ଯାହା ନିର୍ଯାତନା ଦେଉଥିଲେ, ଶେଷରେ ତାଙ୍କ ପ୍ରେମିକା ବି ଛାଡ଼ିଲାନି। ନିର୍ଯାତନା ସହ ଗାଳିଗୁଲଜ ଦେଲା। ଏଥିରେ ଅତିଷ୍ଠ ହୋଇ ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ଥାନା ଅଧୀନ ଧୋବାପଡ଼ାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ଓ ପ୍ରେମିକାଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭବାନୀପାଟଣା ଧୋବାପଡ଼ାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହଲତା ସେଠୀ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ପୁଲିସ୍ ଶବ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କରିଛନ୍ତି।

ସୂଚନାନୁଯାୟୀ, ସ୍ନେହଲତା ୨୦୨୩ ମସିହାରେ କନ୍ଧମାଳ ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମକୁମାର ବେହେରାଙ୍କୁ ବିବାହ କରିଥିଲେ। ତେବେ ଶ୍ୟାମକୁମାରଙ୍କ ଅନ୍ୟ ଝିଅ ସହ ସମ୍ପର୍କ ଥିବା ଜାଣିବା ପରେ ସ୍ନେହଲତା ବାପଘର ଭବାନୀପାଟଣାକୁ ପଳାଇ ଆସିଥିଲେ। ଶନିବାର ଶ୍ୟାମ କୁମାରଙ୍କ ପ୍ରେମିକା ମୋନାଲିସା ଆଚାର୍ଯ୍ୟ ଫୋନ୍‌ରେ ସ୍ନେହଲତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସ୍ନେହଲତା ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ ହୋଇଛି।

### ■ ପ୍ରେମିକାକୁ ଖୁସି କରାଇବାକୁ ମହିଳାଙ୍କୁ ଚୂନ ମାରୁଥିଲା

## ଗିରଫ ହେଲା ଝାଡ଼ଖଣ୍ଡୀ ଧୂର୍ତ୍ତ

- ବିବାହିତ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଠକୁଥିଲା ଟଙ୍କା, ଅଳଙ୍କାର
- କାର୍, ବାଇକ୍, ମୋବାଇଲ ସହ ୧୦୭ ଗ୍ରାମ ସୁନା ଜବତ

ବାରିପଦା, ୨୦।୭ (ସମିସ): ପ୍ରେମିକାକୁ ଖୁସି କରିବା ପାଇଁ ବିବାହିତ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଠକୁଥିବା ଝାଡ଼ଖଣ୍ଡର ଜଣେ ଧୂର୍ତ୍ତକୁ ଭଞ୍ଜପୁର ପୁଲିସ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡର ବାହଡ଼ାଗୋଡ଼ା ଥାନା ଅଧୀନ ମୌଦା ଗ୍ରାମର ଶମ୍ଭୁନାଥ ବେରା ଓରଫ ସିମରନ(୨୭)। ଭଞ୍ଜପୁର ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ସିମରନ ଇନଷ୍ଟାଗ୍ରାମରେ ବନ୍ଧୁତା ସୃଷ୍ଟି କରିଥିଲା। ପରେ ତାଙ୍କ ହ୍ୱାଟ୍ସଆପ ନମ୍ବର ନେଇ ଚାଟିଂ କରି ପ୍ରେମ ଜାଲରେ ଫସାଇଥିଲେ। କିଛି ଦିନର ସମ୍ପର୍କ ପରେ ବିଭିନ୍ନ ବାହାନାରେ ପର୍ଯ୍ୟାୟକ୍ରମେ ଟଙ୍କା ମାଗୁଥିଲା। ମହିଳାଜଣଙ୍କ ଟଙ୍କା ଦେଉଥିବାରୁ ସିମରନ୍‌ର ଲୋଭ ବଢ଼ିଥିଲା। ତେଣୁ ବଡ଼ ହାତ ମାରିବାକୁ ସେ ନୂଆ ଫନ୍ଦି ବାହାର କରିଥିଲା। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହି ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ



ମହିଳାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ତାକୁ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ଦେଇ ଦେଇଥିଲେ। କିନ୍ତୁ ଏହା ପରଠାରୁ ସିମରନ୍ ଆଉ ଧରାଛୁଆଁ ଦେଉନଥିଲା। ମହିଳାଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଏନେଇ କାହାକୁ ଜଣାଇଲେ ପରିବାରଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳାଜଣଙ୍କ ସାହସ ଜୁଟାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ମହିଳାଙ୍କ ପାଖରୁ ନେଇଥିବା ସମସ୍ତ ଗହଣାକୁ ସିମରନ୍ ନିଜ ପ୍ରେମିକା (ବାଙ୍ଗିରିପୋଷିର ଜଣେ ଯୁବତୀ)ଙ୍କୁ ଦେଇଥିଲା। ଉକ୍ତ ଯୁବତୀଙ୍କର ଏକ ବିୟୁଟିପାର୍ଲର୍ ଅଛି। କିଛି ଦିନ ପରେ ଦୁହେଁ ବିବାହ କରିଥା'ନ୍ତେ। ତେବେ, ଯୁବତୀଜଣଙ୍କ ଏହି ଗହଣାକୁ ବଦଳାଇବାକୁ ସୁନା ଦୋକାନକୁ ଯାଇଥିବା ବେଳେ ପୁଲିସ ଖବର ପାଇଥିଲା। ତଦନ୍ତ ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ତାଙ୍କଠାରୁ ୧୦୭ ଗ୍ରାମ୍ ସୁନା, ୨ଟି ଦାମୀ ସ୍ମାର୍ଟଫୋନ୍, କାର୍, ବାଇକ୍ ଜବତ ହୋଇଛି। ଘଟଣାର ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଧିକ ତଦନ୍ତ ଜାରି ରହିଛି।

## ବନ୍ୟାପାଣିରେ ଭାସି ବୋଲବମ୍ ଭକ୍ତ ମୃତ



ରାଜକନିକା,୨୦।୭(ସମିସ): ରାଜକନିକା ଥାନା ଅନ୍ତର୍ଗତ ବରାଡ଼ିଆ ପଞ୍ଚାୟତର ମଧୁପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ମହାଦେବଙ୍କୁ ଜଳାଭିଷେକ ପାଇଁ ପାଣି ଉଠାଉଥିବା ବେଳେ ଜଣେ ବୋଲବମ୍ ଭକ୍ତ ବନ୍ୟାଜଳରେ ଭାସି ପ୍ରାଣ ହରାଇଛନ୍ତି। ସେ ହେଲେ, ମଧୁପଡ଼ା ଗ୍ରାମର ସୁଦର୍ଶନ ମଲିକଙ୍କ ପୁଅ ଆଲୋକ ମଲିକ (୧୬)। ରବିବାର ଗାଁ ପିଲାଙ୍କ ସହ ମିଶି ସେ ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବାକୁ ବାହାରିଥିଲେ। ମଧ୍ୟାହ୍ନରେ ସେ ମନ୍ତପଡ଼ା ପୋଲ ନିକଟରେ ବିଧିପୂର୍ବକ ପୂଜାପାଠ କରି ପାଣି ଉଠାଇବାକୁ ବୈତରଣୀ କୂଳ ନାଳ ଭିତରକୁ ପଶିଥିଲେ। ନଦୀରେ ବନ୍ୟା କାରଣରୁ ପାଣିର ପ୍ରଖର ସୁଅରେ ଆଲୋକ ଭାସି ଯାଇଥିଲେ। ନିକଟରେ ଥିବା ଅନ୍ୟ ବୋଲବମ୍ ସାଥୀ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






### 'ବଳଙ୍ଗା' ଘଟଣାକୁ ନେଇ ତେଜିଲା ରାଜନୀତି

## ଉପମୁଖ୍ୟମନ୍ତ୍ରୀଙ୍କୁ ବିଜେପି ମୁଖପାତ୍ରଙ୍କ ନିଶାଣ

ପୁରୀ,୨୦।୭(ସମିସ): ରାଜ୍ୟରେ ଅରାଜକତାକୁ ନେଇ ଓଡ଼ିଶାବାସୀ ଅତିଷ୍ଠ। କେବଳ ରାଜ୍ୟବାସୀ ନୁହନ୍ତି, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଲୋକଙ୍କ ସମାଲୋଚନା ଓ ଆକ୍ଷେପର ଶିକାର ବିଜେପି ନେତାମାନେ ମଧ୍ୟ ଅତିଷ୍ଠ । ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ବିଜେପିର ଛାତ୍ର ସଙ୍ଗଠନ ଏବିଭିପି ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଦଳର ମୁଖପାତ୍ର ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଆମେ (?) କ୍ଷମତାରେ ଥିଲେ ଏପରି ଘଟଣା କେବେ ଘଟି ନ ଥା।ନ୍ତା ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ଦାଶ ଉଲ୍ଲେଖ କରି ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିଶାଣ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି ଓ ରାଜ୍ୟ ବିଜେପିରେ କମ୍ପନ ସୃଷ୍ଟି କରିଛି ।

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଥିବାବେଳେ ସୌଭାଗ୍ୟବଶତଃ ସେ ଜୀବନ ବଞ୍ଚାଇ ପାରିଥିଲେ ହେଁ ଏବେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ଶରୀରର ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଛି। ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିବା ଘଟଣା ଥମି ନ ଥିବାବେଳେ ଏବେ ପୁରୀ ଜିଲ୍ଲା

### ଆମେ ଥିଲେ ଏପରି ଘଟଣା ଘଟି ନ ଥାନ୍ତା: ସମୀର

ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଯଦି ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଦୁର୍ବୃତ୍ତ ଭୟ କରୁନାହାନ୍ତି ତେବେ ଆଇନ ଶୃଙ୍ଖଳାର ସ୍ଥିତି କ'ଣ ତାହା ଜଳଜଳ ଦିଶୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ଏଭଳି ସ୍ଥିତିରେ ବିଜେପି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ପୁଣି ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଅଞ୍ଚଳରେ ଏମିତି ଅପରାଧ ହୁଏନି। ବଳଙ୍ଗାରେ ଯାହା ଘଟିଲା ସେଥିପାଇଁ ମୋ ମନ କାନ୍ଦୁଛି। ଆମେ ଥିଲେ ଏହିଭଳି ଘଟଣା ଘଟି ନ ଥାନ୍ତା, ଏହି କଥା ବାରମ୍ବାର ମୋ ମନକୁ ଆଘାତ କରୁଛି। ଏ ଅଞ୍ଚଳରେ ଏଭଳି ଘଟଣା କେହି କେବେ ଚିନ୍ତା କରି ନ ଥିବାବେଳେ ଆଜି ତାହା ଘଟିଗଲା। ମୁଁ ୨୦୦୯ ମସିହାରେ ବିଧାୟକ ହେଲି। ଏହା ପୂର୍ବରୁ ଏପରି କେବେ ଘଟଣା ଘଟି ନ ଥିଲା କି ମୋ ସମୟରେ ଏପରି ଘଟଣା ଘଟି ନାହିଁ ବୋଲି ସମୀର ବୁଲେଇବଙ୍କେଇ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କୁ କଟାକ୍ଷ କରିଛନ୍ତି । ସମୀର କେବଳ ନିମାପଡ଼ାର ଟାଣୁଆ ନେତା ନୁହନ୍ତି, ରାଜ୍ୟ ବିଜେପିର ମୁଖପାତ୍ର ମଧ୍ୟ । ତେଣୁ ପ୍ରଭାତୀ ପରିଡ଼ାଙ୍କ ପାରିବା ପଣିଆ ଉପରେସେ ଉଠାଇଥିବା ପ୍ରଶ୍ନକୁ ସ୍ଥାନୀୟ ରାଜନୈତିକ ବିବାଦର ପରିଣତି ବୋଲି କୁହାଯାଇ ଏଡ଼ାଇ ଦିଆଯାଇ ପାରିବ ନାହିଁ । ପୂର୍ବରୁ ତାଙ୍କ ବିଧାୟକ ସମୟରେ ଦିଆଯାଇଥିବା ଅନୁଦାନରେ ନିର୍ମିତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସମୟରେ ସମୀରଙ୍କୁ ଡ଼କା ନ ଯିବା ବିବାଦ ସୃଷ୍ଟି କରିଥିଲା, ଏବେ ବଳଙ୍ଗା ଘଟଣା ଏହି ବିବାଦକୁ ପୂର୍ବତନ ମନ୍ତ୍ରୀଙ୍କର ଏଭଳି ବୟାନ ନିମାପଡ଼ା ଅଞ୍ଚଳରେ ପୁଣି ସମୀର-ପ୍ରଭାତୀ ବିବାଦକୁ ତାଜା କରିଛି।

## ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ନାହାନ୍ତି ଗଣିତ, ବିଜ୍ଞାନ ଶିକ୍ଷକ; ପାଠପଢ଼ା ବାଧାପ୍ରାପ୍ତ



**ଶରତ, ୨୦।୭ (ସମିସ)**

କପ୍ତିପଦା ବ୍ଲକ ଅଧୀନ ଦେୱାନବାହାଲୀ ପଞ୍ଚାୟତ ଅନ୍ତର୍ଗତ ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଏବଂ ବିଜ୍ଞାନ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୫୪ ମସିହାରେ ପ୍ରତିଷ୍ଠା ହୋଇ ଶରତ ଅଞ୍ଚଳ ତଥା ଦେୱାନବାହାଲୀ ପଞ୍ଚାୟତରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ସୂଚନା ଥାଉ କି, ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ୧୧୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ପ୍ରଧାନଶିକ୍ଷକ ପଦବୀ ଫାଙ୍କା ଥିବାରୁ ବିଜୟ କୁମାର ନାଏକଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ପୂରଣ କରିବା ଦାବି ହେଉଛି। ବହୁଭାଷୀ ଶିକ୍ଷା ଯୋଜନାରେ ତୁରାମ ସିଂ ପୂର୍ତ୍ତି ହୋ' ଭାଷା ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ଭାବରେ ନିଯୁକ୍ତି ହୋଇଛନ୍ତି। ଶିକ୍ଷୟିତ୍ରୀ ରଚୟିତା ସାମଲ ସାମାଜିକ ବିଜ୍ଞାନ ଏବଂ ଓଡ଼ିଆ ଭାଷା ପାଠ ପଢ଼ାଇବା ନିମନ୍ତେ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟର ଗଣିତ ଏବଂ ବିଜ୍ଞାନ ପାଠ ପଢ଼ାଉଥିବା ଶିକ୍ଷକ ପଙ୍କଜ କୁମାର ପୃଷ୍ଟିଙ୍କୁ ବିଶୁନଗାଁ ଉଚ୍ଚ ବିଦ୍ୟାଳୟରୁ କପ୍ତିପଦା ନିକଟସ୍ଥ କଉଁରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଶାସନିକ କାରଣ ପାଇଁ ଡେପୁଟେସନରେ ଯାଇଥିବାରୁ ଏଠି ବର୍ତ୍ତମାନ ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ମରୁଡ଼ି ପଡ଼ିଯାଇଛି। ଠିକ୍ ସେମିତି ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ହୋଇଥିବା ବିଜ୍ଞାନ ଓ ଗଣିତ ଶିକ୍ଷକ ଲକ୍ଷ୍ମଣ ବିନ୍ଧାଣୀଙ୍କ ପଦୋନ୍ନତି ହୋଇଥିବାରୁ ସେ ଭୋଳାଗଡ଼ିଆ କ୍ଲଷ୍ଟରରେ ସିଆରସିସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି; ଏଣୁ ଏଠି ମଧ୍ୟ ତାଙ୍କ ପଦବୀ ଫାଙ୍କା ପଡ଼ିଛି। ଠିକ୍ ସେହିପରି ରଶ୍ମି ମେଲଗାନ୍ଧୀ ନାମକ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଅନ୍ୟତ୍ର ଚାକିରୀ କରିଥିବାରୁ ଉକ୍ତ ତିନିଗୋଟି ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ତେବେ, ଫାଙ୍କା ପଡ଼ିଥିବା ପଦବୀ ପୂରଣ କରିବା ଦିଗରେ ମୟୂରଭଞ୍ଜ ଜିଲ୍ଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍ତ ବିଦ୍ୟାଳୟରେ ଅଗଷ୍ଟ ୨୦ ତାରିଖ ମଧ୍ୟରେ ଶିକ୍ଷକ ସମସ୍ୟା ସମାଧାନ କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ନିବେଦନ କରାଯାଇଛି। ଚଳିତ ବର୍ଷ ଅଗଷ୍ଟ ମାସ ୨୦ ତାରିଖ ମଧ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ନ ପୂରଣ ହୋଇପାରିଲେ ଉଦଳା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ତରଫରୁ ଆମରଣ ଅନଶନ କରାଯିବ ବୋଲି ଦେୱାନବାହାଲୀ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଶିବପ୍ରସାଦ ନାଏକ, ସମାଜ ସେବୀ କୁସୁନୁ ଗିଲୁଆ, ନବୀନ ପଲେଇ, ଆନନ୍ଦ ଧାମୁଣ୍ଡିଆ, ପରେଶ ପରିମାଣିକ, ୱାର୍ଡ ମେମ୍ବର ରାଜେଶ ବଦରା, ଅଶ୍ୱିନୀ ରାଉତ, ବୁଦ୍ଧିଆ ଦେହୁରୀ, ଜନମେଜୟ ନାଏକ, ଡେବେନ୍ଦ୍ର ତିୟୁ ପ୍ରମୁଖ ପ୍ରକାଶ କରିଛନ୍ତି।

## ଭତ୍ତା ପାଇଁ ଯାଇଥିବା ବୃଦ୍ଧାଙ୍କ ଉପରେ ମାଡ଼ିଗଲା ଟ୍ରକ୍

**କପ୍ତିପଦା, ୨୦।୭ (ସମିସ):** ଶରତ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଇଥିବା ଜଣେ ବୃଦ୍ଧାଙ୍କ ଉପରେ ଏକ ଚାଉଳ ବୋଝେଇ ଟ୍ରକ ମାଡ଼ିଯିବାରୁ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି। ଗ୍ରାମର ଅସହାୟ ବୃଦ୍ଧା ନିରାଶମଣି ପାତ୍ର ଆଜି ସକାଳେ ଭତ୍ତା ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯାଉଥିଲେ। ହେଲେ ପଶ୍ଚିମବଙ୍ଗ ନମ୍ବର ଥିବା ଚାଉଳ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇ ତାଙ୍କର ଦୁଇ ଗୋଡ଼ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ପଠାଇଥିବା ବେଳେ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନିରାଶମଣିଙ୍କ ଆତ୍ମୀୟ ସ୍ୱଜନ କେହି ନ ଥିବା ବେଳେ ଏକୁଟିଆ ଏବେ ସେ ମେଡିକାଲରେ ପଡ଼ି ରହିଛନ୍ତି। ସେପଟେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି।

## ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଖଲାସି

**ବୈଶିଙ୍ଗା, ୨୦।୭ (ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ରଙ୍ଗାମାଟିଆ ଛକ ନିକଟରେ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇ ରାସ୍ତା ଉପରେ ଓଲଟି ପଡ଼ିଲା ଇଟା ବୋଝେଇ ମିନିଟ୍ରକ। ଦୁର୍ଘଟଣାରେ ଚାଳକ ଓ ଖଲାସି ସାମାନ୍ୟ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଅଞ୍ଚଳରୁ ଫ୍ଲାଇଆସ୍ ଇଟା ବୋଝେଇ କରି ଆଗ୍ରିଆ ଅଭିମୁଖେ ଯାଉଥିବା ଓଆର୦୧-ଏଲ ୮୭୬୭ ନଂ ବିଶିଷ୍ଟ ମିନି ଟ୍ରକର ଆଗ ଟାୟାର ହଠାତ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ଛକ ନିକଟରେ ଫାଟି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡ଼ିଥିଲା। ରାସ୍ତା ଉପରେ ଅଟା ପଡ଼ିଥିବାରୁ ଜାତୀୟ ରାଜପଥରେ ଯାତାୟାତ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ଚାଳକ ଓ ଖଲାସି ସାମାନ୍ୟ ଆହତ ହୋଇଥିବା ସେମାନଙ୍କୁ ସ୍ଥାନୀୟ ଲୋକେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଶୁଭ୍ରାଂଶୁ ରାଉଳ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକକୁ ରାସ୍ତା ଉପରୁ ଉଠାଇ ଯାତାୟାତକୁ ସ୍ୱାଭାବିକ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଚାରାରୋପଣ





**ବାରିପଦା, ୨୦।୭ (ସମିସ):** ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ବେତନା ମାନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଟଙ୍କଧର କାଲୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଲେମ୍ବୁ ଓ ଆମ୍ବ ଚାରାରୋପଣ କରାଯାଇଥିଲା। କ୍ଲବ୍ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ ଏବଂ ପର୍ଯ୍ୟାବରଣ ଓ ଚାରାରୋପଣ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ କ୍ଲବ୍ ସଦସ୍ୟ ରବୀନ୍ଦ୍ର ମହାପାତ୍ର, ସନ୍ଦୀପ କୁମାର ଚାନ୍ଦ ଓ ଅରୁଣ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସିଷ୍ଟର ରୋଜାରି ଏବଂ ସିଷ୍ଟର ଲିନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ରୋଟାରୀ କ୍ଲବର ସଦସ୍ୟମାନଙ୍କ ସହିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ

**ବାରିପଦା, ୨୦।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଖରିଫ ଋତୁ ୨୦୨୫-୨୬ ନିମନ୍ତେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ୧୯ତାରିଖ ଠାରୁ ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିନିମନ୍ତେ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ। ପୂର୍ବ ବର୍ଷର ନବୀକରଣ କରାଯିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ସୂଚନା ଦିଆଯାଇଛି। ଏହି ପ୍ରକ୍ରିୟାରେ ଚାଷୀମାନଙ୍କର ଇ-କେୱାଇସି ଓ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ ଅଟେ। ତେଣୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ନିଜ ନିଜର ପଞ୍ଜିକରଣ କରାଇ ନେବାପାଇଁ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ପୂର୍ବତନ ମୁଖ୍ୟକିରାଣୀ ସତ୍ୟବ୍ରତ ଦାସଙ୍କ ପରଲୋକ



**କରଞ୍ଜିଆ, ୨୦।୭ (ସମିସ):** ସହରର ପୂର୍ବତନ ବିଶିଷ୍ଟ ଫୁଟବଲ ଖେଳାଳି ତଥା କରଞ୍ଜିଆ କଲେଜର ପୂର୍ବତନ ମୁଖ୍ୟକିରାଣୀ ସତ୍ୟବ୍ରତ ଦାସ(୭୪)ଙ୍କ ରବିବାର ମାଣିକ ଛକସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ କରଞ୍ଜିଆ ଅଞ୍ଚଳରେ କାବୁଲୁ ସାର ଭାବରେ ପରିଚିତ ଥିଲେ। ମୃତ୍ୟୁ ସମୟରେ ପରିବାର ଲୋକ ଉପସ୍ଥିତ ଥିଲେ। ବିୟୋଗ ଖବର ପ୍ରଚାର ହେବା କ୍ଷଣି ଅନେକ ଶୁଭେଚ୍ଛୁ, ଜ୍ଞାତି କୁଟୁମ୍ବ ଶେଷ ଦର୍ଶନ କରିଥିଲେ। ସେ ପ୍ରଥମେ କରଞ୍ଜିଆ କଲେଜରେ କିରାଣୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପଦୋନ୍ନତି ପାଇଁ ବଡ଼ବାବୁ ପଦବୀଙ୍କୁ ଯାଇଥିଲେ। ଛାତ୍ର ଜୀବନରୁ ସେ ଫୁଟବଲ ପ୍ରିୟ ଥିଲେ ଏବଂ କରଞ୍ଜିଆ ଆଥଲେଟିକ ଆସୋସିଏସନର ଜଣେ ଦକ୍ଷ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ।

## ଉପଖଣ୍ଡସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ରାଇରଙ୍ଗପୁର, ୨୦।୭ (ସମିସ):** ରାଇରଙ୍ଗପୁର ସହରସ୍ଥିତ ମହତାବ ଭବନରେ ଉପଖଣ୍ଡସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମନଘାଟୀ ଓ କରଞ୍ଜିଆ ଉପଖଣ୍ଡର ସମସ୍ତ ବ୍ଲକ, ରାଇରଙ୍ଗପୁର ପୌର ପରିଷଦ ଏବଂ କରଞ୍ଜିଆ ଏନଏସିରୁ ୨୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। ବାରିପଦାରୁ ମନସ୍ତତ୍ତ୍ୱବିତ୍ ଡା. ଚନ୍ଦ୍ରମୋହନ ନାୟକ, ମାନସିକ ବିଶେଷଜ୍ଞ ଡା. ଚୁନୁରାମ ସୋରେନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମୋହନ ଚରଣ ମୁର୍ମୁ, କାନ, ନାସା ଓ ଗଳା ଡା. ବିଏନ ଦାସ, ଅଡିଓଲଜିଷ୍ଟ ମାନସ ରଞ୍ଜନ ନାୟକ, ରାଇରଙ୍ଗପୁରରୁ ଭେଷଜ ବିଶେଷଜ୍ଞ ସାଗର ଚନ୍ଦ୍ର ନାୟକ, ଚକ୍ଷୁ ବିଶେଷଜ୍ଞ ସବିତା ମହାନ୍ତ ଓ ଚକ୍ଷୁ ସହାୟକ ଅମିତ କୁମାର ସେନାପତି ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପରୀକ୍ଷାନିରୀକ୍ଷା କରିଥିଲେ। ଏପରିକି ସେମାନଙ୍କୁ ଆବଶ୍ୟକତା ଅନୁସାରେ ସହାୟତା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଆରସି ସିନିୟର ପିଏଣ୍ଡଓ ବିପିନ ବିହାରୀ ବେହେରା, ବିଏସଏସଓ ରଜନୀଗନ୍ଧା ସିଂ, ଜିଲ୍ଲା ମେଡିକାଲରୁ ଲକ୍ଷ୍ମଣ ନାୟକ, ବିଜାତଳା ପ୍ରୋଗ୍ରାମ ସହାୟକ ଧନଞ୍ଜୟ ପାଟବନ୍ଧା, ରାଇରଙ୍ଗପୁରରୁ ସୁଶାନ୍ତ କୁମାର ମହାନ୍ତ, ସଞ୍ଜୀବ ପରିଡ଼ା, ଜୁନିୟର ସହାୟକ ସୁଜନ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଫେରସ୍ତ ଦେଉନାହିଁ ବିତରଣ ସଂସ୍ଥା

**ଆଇଓସିଏଲ ପକ୍ଷରୁ ଥାନାରେ ମାମଲା**

**ବାରିପଦା, ୨୦।୭ (ସମିସ):** ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ସାଇ ଇଣ୍ଡେନ ଗ୍ୟାସ ବିତରଣ ସଂସ୍ଥାକୁ ସେଲ୍‌ସ ଓ ସର୍ଭିସରୁ ଅବ୍ୟାହତି ଦେବା ପରେ ମଧ୍ୟ ଗ୍ୟାସ୍ ସିଲିଣ୍ଡର ଫେରସ୍ତ ଦେଉନାହିଁ। ଯାହାକୁ ନେଇ ଇଣ୍ଡିଆନ ଓଏଲ କର୍ପୋରେସନ ପକ୍ଷରୁ ସଂସ୍ଥାର ସତ୍ତ୍ୱାଧିକାରୀ ବିନୋଦ ହେମ୍ବ୍ରମଙ୍କ ନାମରେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପୂର୍ବରୁ ଗ୍ୟାସ ବିତାରକ ଭାବେ କାର୍ଯ୍ୟ କରୁଥିଲେ। ତେବେ କୌଣସି କାରଣ ପାଇଁ ତାଙ୍କୁ ଅବ୍ୟାହତି ଦିଆଯାଇଥିବା ବେଳେ କମ୍ପାନୀର ସମସ୍ତ ସାମଗ୍ରୀ ଫେରସ୍ତ ଦେବାକୁ କୁହାଯାଇଥିଲା। ଯେଉଁଥିରେ କି ୧୩୫୭ଟି ଏଲପିଜି ଗ୍ୟାସ ସିଲିଣ୍ଡର ଓ ୮୩୭ଟି ରେଗୁଲେଟର ରହିଛି। କିନ୍ତୁ ସେ ତାହାକୁ କମ୍ପାନୀକୁ ଫେରସ୍ତ ଦେଇନଥିଲେ। ଯାହାକୁ ନେଇ ଆଇଓସିଏଲ ପକ୍ଷରୁ ବିଜୟ ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ବ୍ଲକ୍‌ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



**ବାଙ୍ଗିରିପୋଷି, ୨୦।୭ (ସମିସ):** ବାଙ୍ଗିରିପୋଷି ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଯୋଗଦେଇଥିଲେ। ବିଡିଓ ପରମାନନ୍ଦ ଖଣ୍ଡେଇ, ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ସହ ଜିଲ୍ଲା ଶ୍ରମ ଅଧିକାରୀ ପାନମଣି ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଶ୍ରମିକଙ୍କ ହିତରେ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବିଧାୟିକା ବ୍ଲକର ୫୦ଜଣ ହିତାଧିକାରୀଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଛି।

## ସୁପ୍ରିମ୍‌କୋର୍ଟ ରାୟକୁ ସେଙ୍ଗେଲ ପକ୍ଷରୁ ସ୍ୱାଗତ

# ପୈତୃକ ସମ୍ପତ୍ତିରେ ଆଦିବାସୀ ମହିଳାଙ୍କ ସମାନ ଅଧିକାର

**ବାରିପଦା, ୨୦।୭ (ସମିସ):** ସୁପ୍ରିମକୋର୍ଟର ରାୟକୁ ପ୍ରଶଂସା କରିଛି ଆଦିବାସୀ ସେଙ୍ଗେଲ ଅଭିଯାନ। ବାରିପଦା ଜୋନାଲ କମିଟିର ସଭାପତି ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା କମିଟିର ଓଡ଼ିଶା ପ୍ରଦେଶ ପାର୍ଗାନା ନାରାନ ମୁର୍ମୁ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ, ପୈତୃକ ସମ୍ପତ୍ତିରେ ଆଦିବାସୀ ମହିଳାଙ୍କର ସମାନ ହକ୍‌ଦାର ବୋଲି ଜୁଲାଇ ୧୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ 'ସେଙ୍ଗେଲ ଅଭିଯାନ' ସ୍ୱାଗତ କରୁଛି। କାରଣ ଏହିପରି ସମାନତା ବ୍ୟବସ୍ଥା ଆଦିବାସୀ ସମାଜରେ ମଧ୍ୟ ପ୍ରଚଳିତ ଥିଲା ଏବଂ ଏବେବି ରହିଛି। ଅବିବାହିତା ଆଦିବାସୀ ମହିଳାଙ୍କୁ ଜୀବନ ଥିବା ପର୍ଯ୍ୟନ୍ତ ପୈତୃକ ସମ୍ପତ୍ତିକୁ ଦିଆଯାଉଥିଲା, କିନ୍ତୁ ଖାତା-ଖତିଆନ୍ ଆଧାରରେ ନୁହେଁ। ବିବାହିତ ମହିଳାଙ୍କୁ ପୂର୍ବପୁରୁଷଙ୍କର ସ୍ଥାବର-ସମ୍ପତ୍ତିରୁ କିଛି ବି ଦିଆଯିବାର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ନଥିଲା। ତେବେ ଏହା ଉପରେ ସ୍ୱଷ୍ଟତା କରାଯାଉ। ଆଦିବାସୀ ସମାଜରେ ଥିବା ସମ୍ବିଧାନ ବିରୋଧୀ ପରମ୍ପରା-ପ୍ରଥା ଯଥା ନିଶା ସେବନ, ଅନ୍ଧବିଶ୍ୱାସ, ମହିଳାଙ୍କୁ ଡାହାଣୀ ନାମରେ ହତ୍ୟା, ପ୍ରତାରଣା, ସାମାଜିକ ବାସନ୍ଦ, ମନଇଚ୍ଛା ଜରିମାନା, ରାଜତାନ୍ତ୍ରିକ ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥା ଇତ୍ୟାଦିରେ ଆଦିବାସୀ ମହିଳା, ପୁରୁଷ ମଧ୍ୟରେ ଅସମାନତା, ଲିଙ୍ଗ, ଜାତି ଭେଦଭାବକୁ ସମାପ୍ତ ଲାଗି ସମାଜରେ ସମ୍ବିଧାନ ଲାଗୁ କରାଯିବାକୁ ବାରମ୍ବାର ଅଭିଯାନ ପକ୍ଷରୁ ଦାବି କରାଯାଉଥିଲା। ସମାନତା ଅଧିକାରକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଆଦିବାସୀ ମହିଳାଙ୍କ ପାଇଁ ସମ୍ବିଧାନ ଲାଗୁ କରିବାକୁ ରାୟ ଦେଇଥିବାରୁ 'ସେଙ୍ଗେଲ ଅଭିଯାନ' ସ୍ୱାଗତ ଜଣାଉଛି। ଏହାବ୍ୟତୀତ ଆଦିବାସୀମାନଙ୍କର ଧାର୍ମିକ ସ୍ୱାଧୀନତା ସହିତ ଭାଷା, ସଂସ୍କୃତି, ରୋଜଗାର ଆଦିକୁ ବଞ୍ଚାଇବା ପାଇଁ ମଧ୍ୟ ସୁପ୍ରିମକୋର୍ଟ ତରଫରୁ ସମ୍ବିଧାନ ଲାଗୁ କରିବାର ରାୟ ପ୍ରକାଶ କଲେ ଆଦିବାସୀ ସମାଜ ବିକାଶ ପଥରେ ଆଗକୁ ବଢ଼ିପାରିଥାନ୍ତା ଏବଂ ଏବାବଦରେ ସରକାରଙ୍କୁ ଅବଗତ କରାଯିବ ବୋଲି ଉକ୍ତ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି।

## ଆମ ପୁଲିସ ସମିତି ବୈଠକ

# ଅଞ୍ଚଳକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଲକ୍ଷ୍ୟ



**ମୋରଡ଼ା, ୨୦।୭ (ସମିସ):** ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଘୋଡାବନ୍ଧା ଖୁଣ୍ଟାପାଳର ହାଟପଡ଼ିଆରେ ରବିବାର ମୋରଡ଼ା ଥାନା ତରଫରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଚିକିଟାମାଟିଆ ସରପଞ୍ଚ ବାର୍ଷା ହେମ୍ବ୍ରମ, ପୂର୍ବତନ ସରପଞ୍ଚ ଜିତୁ ମହାନ୍ତ, ସବ ଇନ୍ସପେକ୍ଟର ନିବେଦିତା ନାୟକ, ପୁଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି, ବିଜନ ନାୟକ, ପିତାମ୍ବର ଦାସ, ଏଏସଆଇ ଅମରେଶ ବାରିକ, ମୋହନ କୁମାର ସାହୁ, ପିଏସ ମେମ୍ବର ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଆସିଥିବା ଅଙ୍ଗନବାଡ଼ି ୱାର୍କର, ଆଶା କର୍ମୀ, ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଏବଂ ଯୁବକମାନଙ୍କୁ ଶ୍ରୀ ସୋରେନ ନାରୀ ନିର୍ଯାତନା, ଶିଶୁଙ୍କ ମୌଳିକ ଅଧିକାର, ବାଲ୍ୟବିବାହ ପ୍ରଥା ରୋକିବା, ସାଇବର ଠକେଇ ସଚେତନତା, ସଡ଼କ ସୁରକ୍ଷା ସଚେତନତା, ବିନା ହେଲମେଟରେ ମୃତ୍ୟୁବରଣ କରିଥିବା ବିଭିନ୍ନ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଚିକିଟାମାଟିଆ ପଞ୍ଚାୟତଟି ପଡ଼ୋଶୀ ପଶ୍ଚିମବଙ୍ଗକୁ ଲାଗି ରହିଥିବା ବେଳେ ପ୍ରତିଦିନ ଚୋରା ମଦ ଚାଲାଣ ହେଉଛି। ଯାହାଫଳରେ ପରିବାରରେ ଅଶାନ୍ତି ହେବା ସହ ପ୍ରାଣହାନି ମଧ୍ୟ ହେଉଛି। ତେଣୁ ପଞ୍ଚାୟତର ସମସ୍ତ ଗାଁକୁ ସମ୍ପୂର୍ଣ୍ଣ ମଦମୁକ୍ତ ଅଞ୍ଚଳରେ ପରିଣତ କରିବା ଶ୍ରୀ ସୋରେନ ଲୋକଙ୍କ ସହଯୋଗ ଲୋଡ଼ିଥିବାର ଦେଖିବାକୁ ମିଳିଛି।

# ଠାକୁରମୁଣ୍ଡା ଡାକ୍ତର ବଦଳି ମାମଲା; ରିଲିଭ ପାଇଁ ପକାଇଥିଲେ ଚାପ

**ମହୁଲଡିହା, ୨୦।୭ (ସମିସ):** ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆୟୁଷ ଡା. ଗିରିଶ ଚନ୍ଦ୍ର ଅଧିକାରୀ ପୂର୍ବରୁ ବଦଳି ହୋଇ ପୁନର୍ବାର ଡେପୁଟେସନରେ କାର୍ଯ୍ୟ କରୁଥିଲେ। ମାତ୍ର ପ୍ରଶାସନର ଅଦୂରଦର୍ଶୀ ପଦକ୍ଷେପରେ ଡେପୁଟେସନ ବାତିଲ କରି ଏଠାରୁ ୯ ତାରିଖରେ ରିଲିଭ କରାଯାଇଥିଲା। ସେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭରସାର ଡାକ୍ତର। ସେ ନଥିଲେ ରୋଗୀ ଆସିବା କମିଯାଉଛି। ଏଠାକୁ ଆସି ରେଫର ହେବା ଅପେକ୍ଷା ସିଧାସଳଖ ଦୂର ଦୁରାନ୍ତ ଡାକ୍ତରଖାନାକୁ ଚାଲିଯାଉଛନ୍ତି। ତାଙ୍କ ଅନୁପସ୍ଥିତିରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ଅଧିକାରୀଙ୍କୁ ତୁରନ୍ତ ରିଲିଭ କରିବା ନେଇ ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ଏଡିଏମଓ ଡା. ବି. କେ ଦାସ ତୁରନ୍ତ ରିଲିଭ ପାଇଁ ଚାପ ପକାଇଥିବା କହିଛନ୍ତି। ତାଙ୍କୁ ରିଲିଭ ହେଲେ ଠାକୁରମୁଣ୍ଡାରେ ଖୁବ ସମସ୍ୟା ହେବ ବୋଲି ଏଡିଏମଓଙ୍କୁ କହିବାରୁ ସମସ୍ୟା ହେଲେ ପ୍ରଶାସନ ବୁଝିବ; ତୁରନ୍ତ ରିଲିଭ ଅର୍ଡର ପଠାନ୍ତୁ ବୋଲି ଚାପ ପକାଇଥିବା କହିଛନ୍ତି ମେଡିକାଲ ଅଫିସର। ଏଡିଏମଓ ବି. କେ.ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏକଥାକୁ ସ୍ୱୀକାର କରିଥିଲେ ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସେ କହିଥିବା କହିଛନ୍ତି। ତେବେ ସେ ଏବେ ଦାୟିତ୍ୱରେ ନଥିବା ଏବଂ ଲୋକଙ୍କ ପ୍ରତିବାଦ ସମ୍ପର୍କରେ ସିଡିଏମଓଙ୍କୁ ଅବଗତ କରିବେ ବୋଲି ପ୍ରକାଶ କରିଛନ୍ତି।

# ଓସେପା ଯୁଗ୍ମ ନିର୍ଦ୍ଦେଶିକାଙ୍କ ଏମ୍‌ପିସି ହାଇସ୍କୁଲ, ବୈଶିଙ୍ଗା ୟୁପି ସ୍କୁଲ ପରିଦର୍ଶନ



**ବେତନଟୀ, ୨୦।୭ (ସମିସ):** ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟି (ଓସେପା)ର ଯୁଗ୍ମ ନିର୍ଦ୍ଦେଶିକା ପ୍ରାଚୀତନୟା ଗିରି ବେତନଟୀ ବ୍ଲକ ଗସ୍ତରେ ଆସି ଦୁଇଟି ସ୍କୁଲ ପିଏମଶ୍ରୀ ଏମପିସି ହାଇସ୍କୁଲ ଓ ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଭାଗୀୟ ଅଧିକାରୀ, ପ୍ରଧାନଶିକ୍ଷକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷା ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରି ସମସ୍ୟା ସମାଧାନ ଓ ଉନ୍ନତି ପାଇଁ ପରାମର୍ଶ ପ୍ରଦାନ କରିଛନ୍ତି। ତାଙ୍କ ସହ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ ପ୍ରଥମେ ବେତନଟୀ ସ୍ଥିତ ପିଏମଶ୍ରୀ ଏମପିସି ହାଇସ୍କୁଲରେ ପହଞ୍ଚିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂ ଓ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରିଦର୍ଶନ ବେଳେ ସେ ନବମ ଶ୍ରେଣୀ ପାଇଁ ପ୍ରଯୁଜ୍ୟ ଉତ୍କର୍ଷ ବେସଲାଇନ ଆସେସମେଣ୍ଟ (ଶିକ୍ଷାବର୍ଷ ୨୦୨୫-୨୬) ଉପରେ ଆଲୋଚନା କରି ସ୍କୁଲର ଶିକ୍ଷାଗତ ସ୍ଥିତି ନିରୀକ୍ଷଣ, ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। କ୍ଲାସ ରୁମକୁ ଯାଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମ୍ପର୍କିତ ପରାମର୍ଶ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ପରେ ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସହ ଯୁଗ୍ମ ନିର୍ଦ୍ଦେଶିକ ବୈଶିଙ୍ଗା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ସ୍କୁଲର ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ପ୍ରଥମକରି ଶିଶୁବାଟିକାର ଶୁଭାରମ୍ଭ ହୋଇଥିବାରୁ, ସେ କୁନିକୁନି ପିଲାମାନଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କର ନିୟମିତ ଉପସ୍ଥାନ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବେତନଟୀ ବ୍ଲକର ଏହି ଦୁଇ ସ୍କୁଲ ପରିଦର୍ଶନ ପରେ ଶ୍ରୀମତୀ ଗିରି ବଡ଼ସାହି ବ୍ଲକ ଅଭିମୁଖେ ଗସ୍ତ କରିଥିଲେ।

# ଜରକା-ବୈଦପୁର ରାସ୍ତା ପାଲଟିଛି ମରଣଯନ୍ତା

**ବିଭାଗୀୟ ଅବହେଳାକୁ ଦାୟୀକଲେ ଗ୍ରାମବାସୀ**

**ବେତନଟୀ, ୨୦।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଓ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥରୁ ଜରକା ଛକ-ବୈଦପୁର ରାସ୍ତାର ମରଣଯନ୍ତା ପାଲଟିଛି। ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୨୦୨୧ ମସିହା ନଭେମ୍ବର ୨୮ ତାରିଖରେ ଏହି ରାସ୍ତାର ମରାମତି ଓ ନିର୍ମାଣ ପାଇଁ ୨ କୋଟି ୪୮ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ଶୁଭାରମ୍ଭ କରିଥିଲେ। ଚୁକ୍ତି ଅନୁଯାୟୀ, ୨୦୨୨ ମସିହା ଜୁଲାଇ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହେବା ସହିତ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ଉପରେ ରହିଥିଲା; କିନ୍ତୁ ଏବେ ରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ। ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଏଥିସହିତ ୫ଟି ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ମରାମତି ନହେବା ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରୁଛି। ବିଭାଗୀୟ ଅଧିକାରୀ ଓ ଜନନେତାଙ୍କ ଉଦାସୀନ ଯୋଗୁଁ ୨୫ରୁ ଅଧିକ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା ଏବେ ମରଣଯନ୍ତ୍ରଣା ହୋଇଛି। ବେତନଟୀ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ ପଦ ଦୁଇ ମାସ ଧରି ଖାଲି ପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଜୁଗପୁରା ରେଳ ଷ୍ଟେସନ ଉନ୍ନୟନ ପରିଷଦର ସଦସ୍ୟ ଅଶ୍ୱିନୀ କୁମାର ମହାରଣା, ବିଜୟ କୁମାର ରାଉତ, ନିରଞ୍ଜନ ମହାପାତ୍ର, ହରିହର ମହାପାତ୍ର, ଖଗେଶ୍ୱର ମହାପାତ୍ର ପ୍ରମୁଖ ଏନେଇ ତୀବ୍ର ପ୍ରତିବାଦ ଜଣାଇଛନ୍ତି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ନ ଦିଏ, ତେବେ ଭବିଷ୍ୟତରେ ଆହୁରି ଗୁରୁତର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।





### ମାଣତ୍ରୀ ବାବା କଖାରୁଆ ବୈଦନାଥଙ୍କ ପୀଠ

# ଆଜିଠାରୁ କାଉଡ଼ିଆ ଭକ୍ତଙ୍କ ଶ୍ରାବଣ ଜଳାଭିଷେକ ଆରମ୍ଭ

**ବାରିପଦା/ମାଣତ୍ରୀ, ୨୦।୭ (ସମିସ)**

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦନାଥଙ୍କ ଶୈବପୀଠରେ ସୋମବାରଠାରୁ କାଉଡ଼ିଆ ଭକ୍ତଙ୍କ ଶ୍ରାବଣ ଜଳାଭିଷେକ ଆରମ୍ଭ ହେବ। ଦେବତ୍ତୋର ବିଭାଗ ପରିଚାଳିତ ୭୦୦ବର୍ଷର ପୁରାତନ ଶୈବପୀଠରେ ସଂକ୍ରାନ୍ତି ମତରେ ପର୍ବପର୍ବାଣୀ ପାଳନ ହେଉଥିବାରୁ ୨୦ତାରିଖ ପ୍ରଥମ ସୋମବାର ଆରମ୍ଭ ହେଉଛି। ଶ୍ରାବଣରେ ଏହି ପୁରାତନ ଶୈବପୀଠ ଚଳଚଞ୍ଚଳ ହୋଇଉଠେ। କେବଳ ଜଳାଭିଷେକ ନୁହେଁ ଏଠାରୁ ଜଳଭାର ନେଇ କାଉଡ଼ିଆମାନେ ବାଙ୍ଗିପୋଷିର ଶିମଳେଶ୍ୱର, କପ୍ତିପଦାର ଝିଙ୍କେଶ୍ୱର, ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଆଦି ଶୈବପୀଠକୁ ଯାଆନ୍ତି। ଏଣୁ ଶୁକ୍ରବାରରୁ ସୋମବାର ମାଣତ୍ରୀ ପୀଠ ଚଳଚଞ୍ଚଳ ହୋଇଉଠେ। ନିଷ୍ପାପର ନୀତିକାନ୍ତିରେ ପୂଜାର୍ଚ୍ଚନା ପାଇଁ ମନ୍ଦିରର ଖ୍ୟାତି ଜଣାଶୁଣା। ରାଜ୍ୟ ତଥା ବାହାରୁ କାଉଡ଼ିଆ ଭକ୍ତଙ୍କ ଗହଳି ଏଠାରେ ଲାଗିଥାଏ। ମନ୍ଦିର ଉପରେ ନିର୍ଭଶୀଳ ୭୨ଟି ପରିବାରର ବ୍ରାହ୍ମଣ/ସେବାୟତ ଏବଂ ପରୋକ୍ଷରେ ନିର୍ଭରଶୀଳ ମନ୍ଦିର ସମ୍ମୁଖ ଦୋକାନୀ/ଉଠାଦୋକାନୀ, ଅଟୋ ଓ ଟ୍ୟାକ୍ସି ଚାଳକଙ୍କ ସହିତ ଅନ୍ୟମାନେ ଏହି ମାସରେ ଉତ୍ତମ ରୋଜଗାର ପାଇଥାନ୍ତି। ସେହିପରି ମାଣତ୍ରୀ ବଜାରର

**୪ ସୋମବାର ପାଳନ ହେବ**

କାରବାର ଭକ୍ତଙ୍କ ସମାଗମ ଉପରେ ନିର୍ଭର ଥିବାରୁ ଦୋକାନୀ ଭାଇ ସମସ୍ତ ପ୍ରସ୍ତୁତି ଶେଷ କରିସାରଲେଣି। ଶ୍ରାବଣ ମାସରେ ବାହରୁ ବିଭିନ୍ନ ଜଳାଶୟରୁ ଆସୁଥିବା କାଉଡ଼ିଆ ଓ ଏଠାରୁ ବିଭିନ୍ନ ଶୈବପୀଠକୁ ଯାଉଥିବା କାଉଡ଼ି ଭକ୍ତଙ୍କ ହିସାବ କଲେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ବୋଲ-ବମ ପାଇଁ ଆବଶ୍ୟକ ପୋଷାକ ଠାରୁ ଆରମ୍ଭ କରି ବାହୁଙ୍ଗି, କଳସ, ନଡ଼ିଆ, ଫଳମୂଳ ଓ ପୂଜା ସାମଗ୍ରୀର ଏକ ବିରାଟ ବଜାରରୁ ନିର୍ଭରଶୀଳ ବ୍ୟବସାୟୀ ଶିବରାତ୍ରିକୁ ଛାଡ଼ିଦେଲେ ଦ୍ୱିତୀୟ ସର୍ବାଧିକ ରୋଜଗାର କରିଥାନ୍ତି। ଅଗଣତି ଅଟୋ, ଚାରିଚକିଆ, ଭ୍ୟାନ, ଟ୍ରକ୍ ଓ ବସ୍ ଶ୍ରାବଣ ମାସର ଶୁକ୍ରବାର ଠାରୁ ଆରମ୍ଭ କରି ସୋମବାର ପର୍ଯ୍ୟନ୍ତ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ନିଜର ଆଧିପତ୍ୟ ରଖିଥାନ୍ତି। ଏହାବ୍ୟତୀତ ଚାଲିଚାଲି ହଜାରହଜାର ଭକ୍ତ ମନ୍ଦିରରେ ପହଞ୍ଚି ନିଜର ଜଳାଭିଷେକ କରିଥାନ୍ତି। ସେହିପରି ଜିଲ୍ଲାର ଶିମିଳାସ୍ଥିତ ଶିମଳେଶ୍ୱର ଶିବ ମନ୍ଦିର, ରାସଗୋବିନ୍ଦପୁର ସ୍ଥିତ ଦେବଶୂଳ ମନ୍ଦିର, କପ୍ତିପଦାସ୍ଥିତ ଝିଙ୍କେଶ୍ୱର ମନ୍ଦିର ଓ ବାରିପଦାସ୍ଥିତ ବୁଢାରାଉଳ ମନ୍ଦିରରେ ଜଳାଭିଷେକ ପାଇଁ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କାଉଡ଼ିଆଙ୍କ ନିମନ୍ତେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ରାସ୍ତାରେ ଖାଦ୍ୟ ସମେତ ବିଶ୍ରାମ ନେବା ନେଇ ବ୍ୟବସ୍ଥା କରାଯାଇଛି। ସୋମବାର ମନ୍ଦିରରେ ଭୋରରୁ ମଙ୍ଗଳ ଆଳତି ପରେ ଠାକୁର ଦର୍ଶନ ଦେବେ। ଏହାପରେ କାଉଡ଼ିଆ ଭକ୍ତମାନେ ବ୍ୟାରିକେଡରେ ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରିବେ ବୋଲି ବ୍ୟବସ୍ଥା କରାଯାଇଛି।



ଚଳିତ ବର୍ଷ ୪ଟି ସୋମବାର ଯଥା ଜୁଲାଇ ୨୦, ୨୭, ଅଗଷ୍ଟ ୪ ଓ ୧୧ତାରିଖ ଜଳାଭିଷେକ ପାଳନ ହେବ। ତେବେ ପୂର୍ଣ୍ଣମୀ ମତ ରଖିଥିବା ଭକ୍ତ ୧୩ତାରିଖରୁ ଜଳାଭିଷେକ କରିଛନ୍ତି।

**ପ୍ରଦୀପ କୁମାର ପଣ୍ଡା, ପରିଛା**



ବହୁଲୋକଙ୍କ ସମାଗମ ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ଚଳିତ ଥର କୌଣସି ବ୍ୟବସ୍ଥା ନାହିଁ। ସେବାୟତ, ସ୍ଥାନୀୟ କଖାରୁଆ ବୈଦନାଥ ଯୁବକ ସଂଘ ଓ ଯଜ୍ଞ କମିଟି ପକ୍ଷରୁ ସୁପରିଚାଳନା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶୃଙ୍ଖଳିତ ଭାବେ ପ୍ରବେଶ ସହିତ ଧାଡ଼ିରେ ଯାଇ ଜଳାଭିଷେକ ଓ ପୂଜା ପାଇଁ ଗୁରୁତ୍ୱ ଦିଆଯାଉଛି।

**ମାନସ କୁମାର ପଣ୍ଡା, ବଡ଼ପଣ୍ଡା**



ଶିବରାତ୍ରି ପରେ ବୋଲ-ବୋମ ସମୟରେ ୪ରୁ ୫ଟି ପାଳିରେ ଭଲ ରୋଜଗାର ହୋଇଥାଏ। ଭକ୍ତଙ୍କୁ ସୁଲଭ ମୂଲ୍ୟରେ ପୂଜା ସାମଗ୍ରୀ ସହିତ କାଉଡ଼ି ଭାରର ସମସ୍ତ ସାମଗ୍ରୀ ଯୋଗାଇଦେବା ପାଇଁ ଆମର ସମସ୍ତ ଦୋକାନୀ ଭାଇ ପ୍ରଚେଷ୍ଟା ଜାରି ରଖିଛୁ।

**ରତିକାନ୍ତ ଖଟୁଆ, ଫଳଦୋକାନୀ**



୨୫ବର୍ଷ ଧରି ଡୁକୁରାରୁ ଆମ ସାଙ୍ଗଙ୍କ ସହିତ ମାଧବୀ ନଦରୁ ଜଳନେଇ ଚାଲିଚାଲି ଯାଇ ପ୍ରତିବର୍ଷ ମାଣତ୍ରୀରେ ସାମୂହିକ ଅର୍ପଣ କରିଆସୁଛୁ। ମନ୍ଦିରର ଶୃଙ୍ଖଳା ତଥା ନିଶୁଳ୍କ ବ୍ୟବସ୍ଥା ପାଇଁ ରାଜ୍ୟ ଓ ରାଜ୍ୟର ବାହାରୁ ଶ୍ରାବଣର ପ୍ରତି ସୋମବାର ହଜାର ହଜାର ପୁରୁଷମହିଳା ଭକ୍ତ ଆସି ମାନସିକ ଜଳ ଅର୍ପଣ କରିଥାନ୍ତି। ରାସ୍ତା ପାର୍ଶ୍ୱରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ବହୁ ବଦାନ୍ୟ ବ୍ୟକ୍ତି ଓ ସଙ୍ଗଠକ ଷ୍ଟଲ କରି ଖାଇବା ପିଇବା, ଚାହା, ସର୍ବତ ଏପରିକି ସ୍ୱାସ୍ଥ୍ୟ ସେବା ଯୋଗାଇଥାନ୍ତି। ବୈଦନାଥ ନାମ ହେତୁ ଏହି ପୀଠରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମାନସିକ ପୂରଣ ହେଉଥିବାରୁ ସମସ୍ତଙ୍କ ବିଶ୍ୱାସ ଅତୁଟ ରହିଛି।

**ଭରତ ଚନ୍ଦ୍ର ବେହେରା, କାଉଡ଼ି ଭକ୍ତ**

### ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ଥଗିତ

## ନିରାଶରେ ଫେରିଲେ ୧୨ଟି କେନ୍ଦ୍ରର ୫୮୬୦ ପରୀକ୍ଷାର୍ଥୀ



**ବାରିପଦା, ୨୦।୭ (ସମିସ):** ଓଡ଼ିଶା ହାଇସ୍କୁଲ, ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ 'ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସ୍‌ଓଟିଇଟି-୨୦୨୫)' ରବିବାର ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ବିଭିନ୍ନ ହାଇସ୍କୁଲର ୧୨ଟି କେନ୍ଦ୍ରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ଏହି ପରୀକ୍ଷା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ, ମହାରାଣୀ ପ୍ରେମକୁମାର ବାଳିକା ହାଇସ୍କୁଲ, କମଳା ନେହେରୁ ବାଳିକା ହାଇସ୍କୁଲ, ଭଞ୍ଜପୁର ବାଳିକା ହାଇସ୍କୁଲ, ଭଞ୍ଜପୁର ହାଇସ୍କୁଲ, ଶ୍ରୀପଦଗଞ୍ଜ ନୋଡାଲ ହାଇସ୍କୁଲ, ଲେଡି ହାମିଲଟନ ନୋଡାଲ ହାଇସ୍କୁଲ, ପୁଲିସ ଲାଇନ ହାଇସ୍କୁଲ, ଶରତଚନ୍ଦ୍ର ବିଦ୍ୟାପୀଠ, ବଲାଙ୍ଗୀ ବାଳିକା ହାଇସ୍କୁଲ, ବେଲଗଡ଼ିଆ ଭଞ୍ଜଭୂମି ହାଇସ୍କୁଲ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରମୁଖ ୧୨ଟି କେନ୍ଦ୍ରରେ ମୋଟ ୫ହଜାର ୮୬୦ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୩୨ଜଣ ପ୍ରଥମ ପ୍ରଶ୍ନପତ୍ର ପୂର୍ବାହ୍ନ ୮ଟାରୁ ସାଢ଼େ ୧୧ଟା ମଧ୍ୟରେ ଏବଂ ୩୪୨୫ ପରୀକ୍ଷାର୍ଥୀ ଦ୍ୱିତୀୟ ପ୍ରଶ୍ନପତ୍ର ଅପରାହ୍ଣ ୨ଟାରୁ ସାଢ଼େ ୪ଟା ମଧ୍ୟରେ ପରୀକ୍ଷା ଦେବାର କାର୍ଯ୍ୟକ୍ରମ ଥିଲା। ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା

**ବିଳମ୍ବିତ ରାତି ବିଜ୍ଞପ୍ତିକୁ ନାପସନ୍ଦ**

ପରିଷଦ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡମାନେ ନିୟୋଜିତ ହୋଇଥିଲେ। ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ମଧ୍ୟ ପହଞ୍ଚିଥିଲା। ପରନ୍ତୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ରାତି ୨ଟା ବେଳେ ପରୀକ୍ଷା ସ୍ଥଗିତ ନେଇ ବିଜ୍ଞପ୍ତି ପ୍ରକାଶ ପରେ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଛି। ଫଳରେ ଦୂରଦୂରାନ୍ତରୁ ଆସି ହୋଟେଲ, ଲଜ୍ ବୁକ୍ କରି ରହିଥିବା ପରୀକ୍ଷାର୍ଥୀ ଓ ଗାଡ଼ି ଭଡ଼ାକରି ଆସିଥିବା ପରୀକ୍ଷାର୍ଥୀ ନିରାଶ ହୋଇଛନ୍ତି। ସରକାରଙ୍କ ଏପରି ନିଷ୍ପତ୍ତି ବିରୋଧରେ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ବାରିପଦା, ୨୦।୭ (ସମିସ):** ସ୍ଥାନୀୟ ବାରୁଣୀରୋଡରେ ଏକ ଓଲ୍ଡିଂ ଦୋକାନରେ କାମ କରୁଥିବା ଜଣେ କୁଶଳୀ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ମଧୁବଣିର ଉତ୍ତମ କୁମାର (୪୫)। ପୁଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଛି।

## ପୁଲିସ ଜିଲ୍ଲା ଘୋଷଣାକୁ ପାଞ୍ଚପୀଢ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ବିରୋଧ

**କରଞ୍ଜିଆ, ୨୦।୭ (ସମିସ):** ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ଦୁଇଭାଗ କରି ସରକାର ଘୋଷଣା କରିଥିବା ରାଇରଙ୍ଗପୁର ପୁଲିସ ଜିଲ୍ଲା ନେଇ ପାଞ୍ଚପୀଢ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ପାଞ୍ଚପୀଢ ଓ ବାମନଘାଟି ଉପଖଣ୍ଡକୁ ନେଇ ରାଇରଙ୍ଗପୁର ଜିଲ୍ଲା ଗଠନ ପାଇଁ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନ ଉପରେ ନ୍ୟାୟାଳୟ ରହିତାଦେଶ ଜାରି କରିବା ସହ ଜିଲ୍ଲା ଗଠନ ପ୍ରକ୍ରିୟା ହେବା ପୂର୍ବରୁ ନ୍ୟାୟାଳୟଙ୍କ ଅନୁମତି ଆବଶ୍ୟକ ବୋଲି ସରକାରଙ୍କୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ସରକାର ବେଳେ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ସମୟରେ ବର୍ତ୍ତମାନର ବିଜେପି ସରକାର ଦୁଇଟି ଉପଖଣ୍ଡକୁ ନେଇ ପୁଲିସ ଜିଲ୍ଲା ଗଠନ କରିବା ଉପରେ କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୂତନ ଜିଲ୍ଲା ଗଠନ ପୂର୍ବରୁ ଆଇନଶୃଙ୍ଖଳା ଆଳରେ ପୁଲିସ ଜିଲ୍ଲା ଗଠନ କରିବା ଦ୍ୱାରା ପୂର୍ଣ୍ଣାଙ୍ଗ ଜିଲ୍ଲା ଗଠନ ପାଇଁ ପଥ ପରିଷ୍କାର କରିବା ଉଦ୍ୟମ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମାର ଅବମାନନା ଧରାଯିବ ବୋଲି କମିଟି ଯୁକ୍ତି ବାଢ଼ିଛି। ଦୁଇ ଉପଖଣ୍ଡକୁ ନେଇ ରାଇରଙ୍ଗପୁର ଜିଲ୍ଲା ଗଠନ ଉଦ୍ୟମ ସମୟରେ ପାଞ୍ଚପୀଢ ଉପଖଣ୍ଡର ଜନସାଧାରଣ ଜିଲ୍ଲା ବିଭାଜନକୁ ତୀବ୍ର ବିରୋଧ କରିଛନ୍ତି। ଯଦି ବିଭାଜନ ହୁଏ ତେବେ ପାଞ୍ଚପୀଢ ଉପଖଣ୍ଡକୁ ମଧ୍ୟ ଜିଲ୍ଲାର ମାନ୍ୟତା ପାଇଁ ତତ୍କାଳୀନ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିପାଇଁ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଉପଖଣ୍ଡର ନେତୃବୃନ୍ଦ ଓ ବୁଦ୍ଧିଜୀବୀ ମିଳିତଭାବେ ପାଞ୍ଚପୀଢ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଗଠନ କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନକୁ ଯଶିପୁର ବିଧାୟକ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ସମର୍ଥନ କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯଦି ଏହା ସତ୍ୟ ହୋଇଥାଏ ତାହେଲେ ଏହି ଦୁଇ ପ୍ରତିନିଧି ଉପଖଣ୍ଡର ଦୁଇଗୋଟି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଅସ୍ମିତା ଓ ସ୍ୱାଭିମାନ ଉପରେ କୁଠାରଘାତ କରିଥିବା ଅଭିଯୋଗ ହେଉଛି। ପାଞ୍ଚପୀଢ ଉପଖଣ୍ଡ ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନିଯୁକ୍ତି କରି ଜନସାଧାରଣଙ୍କୁ ପୁଲିସ ପ୍ରଶାସନିକ ସେବା ଯୋଗାଇଦେବା ପାଇଁ କମିଟି ସରକାରଙ୍କ ନିକଟରେ ଦାବି କରିବା ସହ ନିଷ୍ପତ୍ତିର ପୁନର୍ବିଚାର ନକଲେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଭାପତି ତଥା କରଞ୍ଜିଆ ଓକିଲ ସଂଘର ପ୍ରାକ୍ତନ ସଭାପତି ବାଞ୍ଛାନିଧି ପୃଷ୍ଟି ଏବଂ ପ୍ରାକ୍ତନ ସମ୍ପାଦକ ଆଇନଜୀବୀ ଦିବ୍ୟପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

## ମୟୂରଭଞ୍ଜ କଲ୍ୟାଣ ବିଭାଗ ଶିକ୍ଷକ ସଂଘର ଜରୁରୀ ବୈଠକ




**ବାରିପଦା, ୨୦।୭ (ସମିସ):** ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା କାର୍ଯ୍ୟନିର୍ବାହୀ ସମିତିର ଜରୁରୀ ବୈଠକ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଂଘ ତଥା ସମସ୍ତ ଉପଖଣ୍ଡର ସଂଘୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୁବିଧା ଦେବାରେ ସଦାସର୍ବଦା ଅବହେଳା ପ୍ରଦର୍ଶନ କରୁଛି। ବିଏଡ ଯୋଗ୍ୟତା ଥିବା ଏମ୍‌ସିଟି ଶିକ୍ଷକଙ୍କୁ ଆଶ୍ରମ ବିଦ୍ୟାଳୟରେ ଖାଲିଥିବା ପ୍ରଧାନଶିକ୍ଷକ/ଟିଜିଟି ଆର୍ଟ୍ସ/ସାଇନ୍ସ ପଦବୀରେ ପଦୋନ୍ନତି ଦେଇ ଖାଲି ରହିଥିବା ପଦବୀ ପୂରଣ କରାଯିବା ପ୍ରାବଧାନ ରହିଛି। ସେହିପରି ଯେଉଁ ଏମ୍‌ସିଟି ଶିକ୍ଷକଙ୍କର ବିଏଡ ଯୋଗ୍ୟତା ନାହିଁ ସେମାନଙ୍କର ସ୍ୱତନ୍ତ୍ର ଗ୍ରେଡେସନ ତାଲିକା ପ୍ରକାଶ କରାଯାଇ ବରିଷ୍ଠତା ଆଧାରରେ ଟିଜିଟି ପ୍ରଧାନ ଶିକ୍ଷକ ପଦବୀ ସୃଷ୍ଟି ହୋଇ ନ ଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ବାରମ୍ବାର ଦାବି କରୁଛି। ହେଲେ ଜିଲ୍ଲା ପ୍ରଶାସନ ଏହାକୁ ଅଣଦେଖା କରି କନିଷ୍ଠମାନଙ୍କୁ ପ୍ରଧାନଶିକ୍ଷକ ପଦରେ ଅବସ୍ଥାନ କରୁଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧିପାଉଛି। ଦୀର୍ଘ ବର୍ଷ ଧରି ପଦୋନ୍ନତି ନ ଦେବାରୁ ଅନ୍ୟ ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିପାଇ ବରିଷ୍ଠତା ଭିତ୍ତିରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେବାପାଇଁ ଦାବିଦାର ହେଉଥିବା ବେଳେ ମୟୂରଭଞ୍ଜର ଶିକ୍ଷକଶିକ୍ଷୟିତ୍ରୀ ନିଜର ନ୍ୟାଯ୍ୟ

**ବରିଷ୍ଠଙ୍କ ପରିବର୍ତ୍ତେ କନିଷ୍ଠଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱକୁ ବିରୋଧ**

ଅଧିକାରରୁ ବଞ୍ଚିତ ହୋଇ ଅବସର ଗ୍ରହଣ କରୁଛନ୍ତି। ନିକଟ ଅତୀତରେ ଘଟିଯାଇଥିବା ବଦଳି ପ୍ରକ୍ରିୟାରେ ନାନା ଅସଙ୍ଗତି ରହିଥିବାରୁ ଉପସ୍ଥିତ ସଦସ୍ୟ ଏହାର ସଂଶୋଧନ କରିବାକୁ ଦାବି ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ବଜାରଦରର ଅହେତୁକ ବୃଦ୍ଧି ଯୋଗୁଁ ମେସ୍ ପରିଚାଳନାରେ ଭାରାକ୍ରାନ୍ତ ହୋଇ ବିଭାଗୀୟ ଶିକ୍ଷକମାନେ କିପରି ମାନସିକ ଚାପରେ କଷ୍ଟପାଉଛନ୍ତି, ସେ ବିଷୟରେ ଆଲୋଚନା କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସକାଶେ ଦାବି ଉପସ୍ଥାପନ କରିଥିଲେ। ଗତ ମେ' ପହିଲାରେ ଶିକ୍ଷକ ସଂଘର ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କୁ ଏନେଇ ୧୪ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଉପସ୍ଥିତ ସଭ୍ୟ/ସଭ୍ୟା ଦୁଃଖ ପ୍ରକାଶ କରିଥିଲେ। ପୁନର୍ବାର ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳ, ମୟୂରଭଞ୍ଜଙ୍କୁ ସାକ୍ଷାତ କରି ଏଗୁଡ଼ିକର କାର୍ଯ୍ୟକାରିତା ଦିଗରେ ଆଲୋଚନା କରିବାକୁ ବୈଠକରେ ସ୍ଥିର ହୋଇଛି। ଯଦି ଆଲୋଚନା ସକାରାତ୍ମକ ନ ହେବ, ତେବେ ଜିଲ୍ଲା ସଂଘ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ସର୍ବସମ୍ମତି ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ସାଧାରଣ ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା ଓ ରୋହିନ୍ କୁମାର ମହାନ୍ତି ପ୍ରଭୃତି ସମସ୍ତ ସଂଘୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୁବୁଲାବେଡ଼ାରେ ୨୦୦ ଶଯ୍ୟା ବିଶିଷ୍ଟ ଆବାସିକ ଛାତ୍ରାବାସ ପାଇଁ ଦାବି

**ରାଇରଙ୍ଗପୁର, ୨୦।୭ (ସମିସ):** ସହର ସଦର ମହକୁମାରୁ ସନ୍ନିକଟ ମାତ୍ର ୨ କିମି ଦୂର ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଞ୍ଚାୟତର ଦୁବୁଲାବେଡା ଗ୍ରାମରେ ଏକମାତ୍ର ଅନୁଦାନପ୍ରାପ୍ତ ହେରମ୍ବ ନାରାୟଣ ଉଚ୍ଚ ବିଦ୍ୟାଳୟରେ ୨୦୦ ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ଅଞ୍ଚଳବାସୀ, ଅଭିଭାବକ ମହଲ ଓ ଛାତ୍ରଛାତ୍ରୀ ଦାବି କରି ଆସୁଛନ୍ତି। ସୂଚନାଯୋଗ୍ୟ ଏହି ବିଦ୍ୟାଳୟଟି ୧୯୮୮ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଡାକ୍ତର ତଥା ତତ୍କାଳୀନ ରାଇରଙ୍ଗପୁର ହସ୍ପିଟାଲର ଡା. ପ୍ରମୋଦ ନାଥ ଭୂୟାଁ, ଗ୍ରାମବାସୀ, ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ପୁରୁଣା ପାଣି, ଦାଣ୍ଡବୋଷ, ତାମଲବନ୍ଧ, କଣ୍ଟାବଣି, କଲରଦା, ମୁରୁଗାଘୁଟୁ, ସାନସିମିଳା, ପାତେପାଣି, ଆନନ୍ଦପୁର, ରାଣିପାଳ, ଦୁବୁଲାବେଡା, ବିକାଶନଗର, ସାନ ଚମ୍ପାଉଦା, ରାଇରଙ୍ଗପୁର ସହରର ବାଇଦାପୋଷି, ସାନପାଖଣା ପଞ୍ଚାୟତର ଧୁଙ୍ଗିଆଡି, ସାନପାଖଣା, ଅଁଳାଯୋଡି, ଗୁହାଳଡାଙ୍ଗିରୀ, ନିୟୁତି, ଗୁଣ୍ଡୁରିଆ ପ୍ରଭୃତି ଦୂରଦୂରାନ୍ତରୁ ଛାତ୍ରଛାତ୍ରୀ ଏହିଠାରେ ଶିକ୍ଷା ଲାଭ କରୁଛନ୍ତି। ସ୍କୁଲର ଶିକ୍ଷକମାନେ ଭଲ ପାଇବା, ଶୈକ୍ଷିକ ପରିବେଶ ଯୋଗୁଁ ଅଭିଭାବକଙ୍କର ଏହି ସ୍କୁଲପ୍ରତି ଆସ୍ଥା ଓ ବିଶ୍ୱାସ ରହିଛି। ଲଗାତର ୪ ବର୍ଷ ହେଲା ଶତ ପ୍ରତିଶତ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତିଷ। ବିଦ୍ୟାଳୟଟି ମଧ୍ୟ '୫-ଟି'ରେ ରୂପାନ୍ତରିତ ହୋଇଛି। କିନ୍ତୁ ଦୁଃଖର ବିଷୟ ଏହି ବିଦ୍ୟାଳୟରେ ଛାତ୍ରାବାସ ନ ଥିବାରୁ ପିଲାମାନେ ବହୁ ଦୂରଦୂରାନ୍ତ ୧୦/୧୨ କିମି ଦୂରରୁ ଆସି ହଇରାଣ ହରକତ ହେଉଛନ୍ତି। ଅଭିଭାବକମାନେ ବାରମ୍ବାର ପ୍ରଶାସନକୁ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ଦାବି କଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରୁଛି। ଏହି ହଷ୍ଟେଲ ହେଲେ ନୂତନ ବାଇଦାପୋଷୀ ଷ୍ଟାଡିୟମର ଆଗାମୀ ଦିନରେ କ୍ରୀଡ଼ା ପିଲା ରହି ପାଠ ପଢ଼ିବେ। ତଦ୍‌ସହିତ ଏହି ହଷ୍ଟେଲରେ ରହି ପିଲାମାନେ କଣ୍ଟାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଇଦାପୋଷୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଇରଙ୍ଗପୁର ହାଇସ୍କୁଲରେ ଯିବା ଆସିବା କରି ପାଠପଢ଼ି ପାରିବେ। ତେଣୁ ଜିଲ୍ଲାପାଳ ଅତିଶୀଘ୍ର ଏହି ହାଇସ୍କୁଲରେ ୨୦୦ ଶଯ୍ୟା ବିଶିଷ୍ଟ (୧୦୦ ଶଯ୍ୟା ବାଳକ, ୧୦୦ ଶଯ୍ୟା ବାଳିକା) ଛାତ୍ରାବାସ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଟିମ୍



**ବାରିପଦା, ୨୦।୭ (ସମିସ):** ୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୁଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛି। ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି। ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ ଓ ଜୀତେନ୍ଦ୍ର ଜେନା କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ରିଜର୍ଭ ପୁଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ପୁଲିସ ସଂଘ ସମ୍ପାଦକ ସୁରଜ କୁମାର ରାଜ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପ ଅନୁଷ୍ଠିତ ହେବ। ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ୨୨ ତାରିଖ ଦିନ ଖେଳିବ।

## ହୋ' ଭାଷା ୱାରାଙ୍ଗଚିତି ଶିକ୍ଷକ ଚୟନ ପରୀକ୍ଷା



**କରଞ୍ଜିଆ, ୨୦।୭ (ସମିସ):** କରଞ୍ଜିଆ ବଣସାହିରେ ଥିବା ହୋ' ସମାଜ ସାଂସ୍କୃତିକ ଭବନ ମଧ୍ୟରେ ବୀର ବିର୍ସା ମୁଣ୍ଡା ଓ ଟାଟା ଷ୍ଟିଲଫାଉଣ୍ଡେସନର ମିଳିତ ସହଯୋଗରେ ହୋ' ଭାଷା ୱାରାଙ୍ଗଚିତି ଶିକ୍ଷକ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ୫ଟି ପୋଷ୍ଟ ପାଇଁ ୧୫୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୧୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବୀର ବିର୍ସା ମୁଣ୍ଡା ଟ୍ରଷ୍ଟ ଦ୍ୱାରା ହୋ' ଭାଷାର ସାହିତ୍ୟ ସାଂସ୍କୃତିକ ଓ ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ପ୍ରୟାଶ ଜାରି ରଖିଥିବା ବେଳେ, ହୋ' ସମାଜରେ ଥିବା ବେକାରୀ ସମସ୍ୟା ଦୂର କରିବା ସହିତ ଭାଷା ଶିକ୍ଷକ ନିଯୁକ୍ତି ଦ୍ୱାରା ପରିବାର ପ୍ରତି ପଶୋଣା ସହାୟକ ଭାବେ କାର୍ଯ୍ୟ କରୁଛି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା, ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୪୫ଟି ତୁରତୁଙ୍ଗ ହୋ' ଭାଷା ଶିକ୍ଷା କେନ୍ଦ୍ର ଚାଲୁଛି। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଅତି ଶୀଘ୍ର ଆଉ ୫ଟି ନୂତନ ଶିକ୍ଷାକେନ୍ଦ୍ର ଖୋଲାଯିବାର ହାତକୁ ନିଆଯାଇଥିବାରୁ ଶିକ୍ଷକ ପଦ ପୂରଣ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଛି। ନିଯୁକ୍ତି ପ୍ରବେଶିକ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଗୌରାଙ୍ଗ ବାନ୍ଧିଆ ପରୀକ୍ଷକ ନିଯୁକ୍ତି ହୋଇଥିବା ବେଳେ, ସ୍କ୍ୱାଡ ଭାବେ କୁନା କଣ୍ଡେୟାଙ୍ଗ, ବାଗୁନ ସିଂ ଜାରିକାଙ୍କୁ ନିୟୋଜିତ କରାଯାଇଥିବା। ଅଜିତ ବଦରା, ସୂର୍ଯ୍ୟ ସିଂ ବୁଲିଉଳି, ବାଗୁନ ସିଂ ଶୁଣ୍ଡି ସହଯୋଗ କରିଥିଲେ। ବୀର ବିର୍ସା ମୁଣ୍ଡା ହୋ' ଛାତ୍ର ସଂଘଠନ ଓଡ଼ିଶାର ପ୍ରତିଷ୍ଠିତା କ୍ଷୀରୋଦ କୁମାର ହେମ୍ବ୍ରମ ଓ ଟ୍ରଷ୍ଟର ଚେୟାରମ୍ୟାନ ମଙ୍ଗଲ ସିଂ ସିଙ୍କୁ ସମସ୍ତ ପରୀକ୍ଷାର୍ଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜନ୍ମୋତ୍ସବ ସମାରୋହ

# ଏକନିଷ୍ଠ ସାଧନା ହିଁ ସଫଳତାର ଚାବିକାଠି

**ବଡ଼ସାହି, ୨୦।୭ (ସମିସ)**



ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବଡ଼ସାହି ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ଜନ୍ମଦିବସ ତଥା ଜନ୍ମୋତ୍ସବ ମହାସମାରୋହରେ ବିବେକାନନ୍ଦ ବିହାରସ୍ଥିତ ବାଣୀଭବନରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବାଣୀମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁମନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ପରେ ମାଆ ନିଶାମଣି ରାଉତଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଏକନିଷ୍ଠ ସାଧନା ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଗୌରାଙ୍ଗ ମଠ ପୁରୀର ବାବାଜୀ ସନତ୍ ସୁଜାତାନନ୍ଦ ଦାସ, ଆଦରଣୀୟ ଅତିଥି ଭାବେ ରାଗ୍ଡା ଏସ୍‌ସିବି ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଅସୀମା ସାହୁ, ସ୍ୱତନ୍ତ୍ରବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ, ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସଙ୍ଗୀତଜ୍ଞ ସଚୀନ୍ଦ୍ର କୁମାର ବିଶ୍ୱାଳ ଓ ବଡ଼ସାହି ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ସାହୁ ଯୋଗଦେଇ ଉନ୍ନତ ରାଷ୍ଟ୍ର ଗଠନରେ ଗୁରୁଜୀ ଗୁରୁମାଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିବା ବେଳେ ସମ୍ପାଦିକା ତଥା ପ୍ରଧାନଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବଙ୍କିମ୍ ଚନ୍ଦ୍ର ବାରିକ ଓ ଲଳିତ କୁମାର ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। କବି କଲ୍ଲୋଳ ଶିବଶଙ୍କର ଭୂୟାଁ ଧନ୍ୟବାଦ ଆର୍ପଣ କରିଥିଲେ।

## ଭ୍ୟାନ୍ ଓଲଟି ୧ ଗୋରୁ ମୃତ; ଚାଳକ ଅଟକ

**ଶୁଳିଆପଦା, ୨୦।୭ (ସମିସ):** ଚାନ୍ଦୁଆ ଥାନା ଅଧୀନ ମସିଣା କାଟିରେ ବିଳମ୍ବିତ ରାତ୍ରିରେ ବାରିପଦାରୁ ପଶ୍ଚିମବଙ୍ଗ ଆଡ଼କୁ ଯାଉଥିବା ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଭାରସାମ୍ୟ ହରେଇ ମସିଣା କାଟିରେ ଓଲଟି ପଡ଼ିବାରୁ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଗାଡିରେ (ଡବ୍ଲ୍ୟୁ ବି ୨୯ଇ ୮୬୪୩) ପାଖାପାଖି ୧୦ଟି ଗୋରୁଥିବା ଅନୁମାନ କରାଯାଉଥିଲା। ଦୁର୍ଘଟଣା ପରେ ରାତି ମଧ୍ୟରେ ସମସ୍ତ ଗୋରୁସେଠାରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ସକାଳୁ ଚାନ୍ଦୁଆ ଥାନା ଓ ଜମ୍ବିରା ଫାଣ୍ଡି ପୁଲିସ କର୍ମଚାରୀ ପହଞ୍ଚିଥିଲେ। ମୃତ ଗୋରୁ ଓ ଭ୍ୟାନକୁ ଜମ୍ବିରା ଫାଣ୍ଡିକୁ ଅଣାଯାଇଥିଲା। ଗୋରୁର ଶବ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ଡ୍ରାଇଭରକୁ ଥାନାରେ ଅଟକ ରଖାଯାଇଛି।

ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

ସକାଳ
THE SAKALA

# ନାରକୀୟ ଧାରା

ବାଲେଶ୍ୱର ଏଫ୍‌ଏମ୍ କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ନିଆଁ ପ୍ରଶମିତ ହୋଇ ନଥିବା ବେଳେ ବଳଙ୍ଗାରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତା ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେତେ ଦିନ ପରେ ଅଭିଯୁକ୍ତ ଧରାପଡ଼ିବେ, କେବେ ଦୋଷୀ ସାବ୍ୟସ୍ତ ହେବେ, କି ଦଣ୍ଡବିଧାନ ହେବ, ରାଜ୍ୟ ରାଜନୀତି କେଉଁ ମୋଡ଼ ନେବ, ତାହା ଭିନ୍ନ କଥା। କିନ୍ତୁ ଲଗାତାର ନିଆଁ ଓ ଜୀବନ-ମୃତ୍ୟୁ ଭିତରେ ଆରମ୍ଭ ହୋଇଥିବା ଏହି ଅଭୂତପୂର୍ବ ନାରକୀୟ ଖେଳ ଶାନ୍ତିପ୍ରିୟ ଓଡ଼ିଶାକୁ ଯେ ଜାତୀୟସ୍ତରରେ ନିନ୍ଦିତ କରିଛି ଏହା ଲଜ୍ଜାର ସହିତ ସ୍ୱୀକାର କରିବାକୁ ପଡ଼ିବ। ଦୁର୍ଯୋଗବଶତଃ ଦୁଇଟିଯାକ ଘଟଣା ଶନିବାର ଦିନ ହିଁ ଘଟିଛି।

ଉପରୋକ୍ତ ଘଟଣାକୁ ରାଜନୀତି ବିଶାରଦମାନେ କେଉଁ ଦୃଷ୍ଟିରୁ ବିଶ୍ଳେଷଣ କରିବେ, କେଉଁ ନିଷ୍କର୍ଷରେ ପହଞ୍ଚିବେ ତାହା ଅନ୍ବେବହୁତ ବୁଝାପଡ଼ୁଛି। କିନ୍ତୁ ସମାଜବିଜ୍ଞାନୀଙ୍କ ମତରେ ଗୋପାଳପୁର ଗଣଦୁଷ୍କର୍ମ ଅଘଟଣରୁ ସଦ୍ୟତମ ବଳଙ୍ଗା ପର୍ଯ୍ୟନ୍ତ ଗତ ପ୍ରାୟ ଏକମାସର ଘଟଣାବଳୀକୁ ତର୍ଜମା କଲେ ରାଜ୍ୟରେ ସାମାଜିକ ମୂଲ୍ୟବୋଧର ଗୁରୁତର ଅବକ୍ଷୟ ଘଟିଚାଲିଛି। ଏହିସବୁ ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ମଣିଷ ମାନବିକତା ହରାଇଛି ଏବଂ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ଭୟ ତା' ମନରୁ ଦୂରେଇ ଯାଇଛି। ଯଦି ଏହି ନାରକୀୟ ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍ ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଅପରାଧର ଆୟୁଧ ଛୁରୀ, ଭୁଜାଲି, ଖଣ୍ଡା ଆଦିରୁ ବିଗତ ଶତାବ୍ଦୀର ଶେଷ ଦଶକରେ ଗୁଳିଗୋଳାର ରୂପ ନେଇ ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ଏସିଡ୍ ଆକ୍ରମଣରେ ପହଞ୍ଚିଥିଲା। ଏବେ କିନ୍ତୁ ବାଲେଶ୍ୱରରୁ ବଳଙ୍ଗା ପର୍ଯ୍ୟନ୍ତ ଘଟଣାକ୍ରମକୁ ଅନୁଶୀଳନ କଲେ ପେଟ୍ରୋଲ୍, କିରାସିନି ଆଦି ଦହନଶୀଳ ପଦାର୍ଥ ଅପରାଧର ନୂଆ ଆୟୁଧ ହୋଇଛି। ବୋଧହୁଏ ଅପରାଧୀ ଚାହୁଁଛି ତା' ଆଖିରେ ଶତ୍ରୁ ସାଜିଥିବା ବ୍ୟକ୍ତିଟିକୁ ସେ କେବଳ ହତ୍ୟା କରିବ ନାହିଁ, ବରଂ କଲବଲ କରି ହତ୍ୟା କରିବ। ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କେଉଁଠୁ ଏବଂ କିପରି? ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଏଭଳି ମାନସିକତାଧାରୀ ଦୁର୍ବୃତ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଅପେକ୍ଷା ଏନ୍‌କାଉଣ୍ଟର ହତ୍ୟା ବା ଯେସାକୁ ତେସା ଭଳି ଦଣ୍ଡବିଧାନ ସର୍ବାଦୌ ଉଚିତ ବିକଳ୍ପ। ପୀଡ଼ିତ/ପୀଡ଼ିତାଙ୍କ ମଧ୍ୟ ସ୍ୱଚ୍ଛନ୍ଦରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ଅଛି। ସେହି ଅଧିକାରର ଯିଏ ଯେଭଳି ହନନ କରୁଛି ତା'କୁ ସେଭଳି ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ସମାଜର କଳୁଷିତ ମାନସିକତାରେ ସୁଧାର ଆସିବ ନାହିଁ। କିନ୍ତୁ ଏ ଦିଗରେ ପ୍ରତିବନ୍ଧକ ସାଜିଥିବା ବିଭିନ୍ନ ତଥାକଥିତ ସଂସ୍ଥାମାନେ ଏହା ହୃଦୟଙ୍ଗମ କରିବା ଦରକାର।

ବସ୍ତୁତଃ ଆଜି ଝିଅଟିଏ କିମ୍ବା ଯୁବତୀଟିଏ ଘରେ, ବାହାରେ, କାର୍ଯ୍ୟାଳୟରେ କେଉଁଠାରେ ମଧ୍ୟ ସୁରକ୍ଷିତ ନୁହେଁ। ଘରେ ପାରିବାରିକ ହିଂସା ବଢ଼ି ଚାଲୁଥିବା ବେଳେ କର୍ମକ୍ଷେତ୍ରରେ ଯୌନ ଓ ମାନସିକ ନିର୍ଯାତନା ଆଜିକାଲି ଏକ ସାଧାରଣ କଥା ହୋଇଗଲାଣି। ସବୁଠାରୁ ଉଦ୍‌ବେଗଜନକ ହୋଇଛି ମଣିଷ ଜୀବନରେ ଶିକ୍ଷା ଓ ଚାରିତ୍ରିକ ସଂସ୍କାରର ଭିତ୍ତି ଗଢ଼ୁଥିବା ପବିତ୍ର ଶିକ୍ଷାନୁଷ୍ଠାନମାନଙ୍କୁ ମଧ୍ୟ ଯୌନପିପାସା ସଂଚରି ଚାଲିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ବିଭାଗୀୟ ମୁଖ୍ୟଙ୍କ ପରେ ସମ୍ବଲପୁର ଜିଏମ୍ କଲେଜ୍‌ର ଆଉ ଜଣେ ଅଧ୍ୟାପକଙ୍କ କଳାକାରନାମା ସାମ୍ନାକୁ ଆସିଛି। ସନ୍ଧ୍ୟା ୫.୩୦ ପରେ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ମହିଳା ଅଧ୍ୟାପକ, ମହିଳା କର୍ମଚାରୀ କିମ୍ବା ଛାତ୍ରୀ ରହିପାରିବେ ନାହିଁ ବୋଲି ରାଜ୍ୟର ସ୍ୱନାମଧନ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି(ବିରୋଧ ପରେ ପ୍ରତ୍ୟାହୃତ ହୋଇଛି) ପରେ ଶିକ୍ଷାନୁଷ୍ଠାନମାନଙ୍କରେ ଯେ ମହିଳା କିମ୍ବା ଛାତ୍ରୀ ସୁରକ୍ଷିତ ନୁହନ୍ତି ତାହା ଉପରେ ମୋହର ଲାଗିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣାମାନ ନିୟମିତ ଘଟିଚାଲିଛି, ଯାହା ଭିତରୁ କାଁ ଭାଁ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏପରିକି ଅଧ୍ୟାପକ/ପ୍ରାଧ୍ୟାପକମାନଙ୍କ ମାନସିକ ନିର୍ଯାତନାକୁ ସହି ନ ପାରି ଏବଂ ସେମାନଙ୍କ ଯୌନଲାଳସାକୁ ଚରିତାର୍ଥ ନ କରିପାରି ଅନେକ ମେଧାବୀ ଛାତ୍ରୀ ଅଧାରୁ ପାଠ ପଢ଼ା ଓ ଗବେଷଣାରୁ ଓହରି ଯିବାକୁ ବାଧ୍ୟ ହୋଇଥିବାର ଉଦାହରଣ ମଧ୍ୟ ବହୁଳ। ଚାରିକାନ୍ଥ ଭିତରେ ଯେଉଁଠି ଝିଅଟିଏ ସୁରକ୍ଷିତ ନୁହେଁ, ରାସ୍ତାଘାଟରେ ସୁରକ୍ଷା ବିଷୟ ଉଠୁଛି କେଉଁଠୁ? ତେବେ କ'ଣ ସମାଜ ପୁଣି ସେହି ମଧ୍ୟଯୁଗୀୟ ସମୟକୁ ଫେରିଯିବାକୁ ବାଧ୍ୟ ହେବ ଯେଉଁଠାରେ ମହିଳାମାନଙ୍କୁ ଲୌହପରଦା ଆଢୁଆଳରେ ରହିବାକୁ ପଡୁଥିଲା?

ଏଫ୍‌ଏମ୍ କଲେଜ୍ ଓ ଜିଏମ୍ କଲେଜରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଯାଇ ବୋଧହୁଏ ସରକାର ଚେତିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଙ୍କ ନିରାପତ୍ତା ଲାଗି 'ଶକ୍ତିଶ୍ରୀ' ନାମରେ ଏକ ଯୋଜନା ଘୋଷଣା କରିଛି। ଏହି ଯୋଜନା କେବଳ ଦନ୍ତହୀନ ବ୍ୟାଘ୍ର ହୋଇ ରହିଯିବ କି ପ୍ରଭାବଶାଳୀ ହେବ ତାହା ରୂପାୟନ ଓ ଅଭିଯୋଗ ପରବର୍ତ୍ତୀ ତତ୍କାଳ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସରକାରଙ୍କ ନିଷ୍ଠାର ଅଭାବ ଯୋଗୁଁ କଙ୍ଗ ଭଳି ଅମାନୁଷିକ କଳୁଷିତ ପରମ୍ପରା ଅନେକ କଠୋର କଟକଣା ସତ୍ତ୍ୱେ ପ୍ରାୟ ସବୁ ଶିକ୍ଷାନୁଷ୍ଠାନରେ ଜାରିରହିଛି। ତେଣୁ ଯୋଜନା ଅପେକ୍ଷା ରୂପାୟନ ହିଁ ଅଧିକ ଗୁରୁତ୍ୱ ରଖେ। ଆଶା ସରକାର ଏ ଦିଗଟିକୁ ଅଧିକ ଗୁରୁତ୍ୱ ଦେବେ।

ଯେତେବେଳେ ପ୍ରତିପତ୍ତି, ବାହୁବଳ ଓ ଅର୍ଥବଳ ଆଗରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ।

# ଏକ କରୁଣ ଆତ୍ମାହୁତିର ଆହ୍ୱାନ

**ସସ୍ମିତା କର**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କର ଦୁଃଖଦ ମୃତ୍ୟୁ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଆନ୍ଦୋଳିତ କରିଛି ଓଡ଼ିଶା ବାହାରେ ସଭ୍ୟ ମାନବସମାଜକୁ। ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କର ଗିରଫଦାରୀ ଲଜ୍ଜିତ କରିଛି ସମାଜର ପଥପ୍ରଦର୍ଶକ, ପିଲାର ଭାଗ୍ୟନିର୍ମାତା ଗୁରୁସମ ଶିକ୍ଷକ ଗୋଷ୍ଠୀକୁ। ଏକ ଅନୁଧ୍ୟାନ କମିଟି ବସିବ, ଦୋଷୀକୁ କଠୋରରୁ କଠୋରତମ ଶାସ୍ତି ଦିଆଯିବାର ଧାରଣା ଜନମାନସରେ ସୃଷ୍ଟି କରାଯିବ। ଅବଶ୍ୟ ବର୍ତ୍ତମାନ ସୁଦ୍ଧା ଛାତ୍ରୀଙ୍କ ଅଭିଯୋଗ ଭିତ୍ତିରେ ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ବିଭାଗୀୟ ମୁଖ୍ୟ ଏବଂ ସବୁ ଜାଣି ନୀରବ ରହିଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ତେବେ ଏକ କୋମଳମତି ଛାତ୍ରୀର ଜୀବନ ପ୍ରଦୀପ ଲିଭିଯିବା ପରେ ଏଇସବୁ ଶାସ୍ତି କ'ଣ ଯଥେଷ୍ଟ ?

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଂଶ ଶତାବ୍ଦୀର ଷାଠିଏ ଦଶକରେ ଗଠିତ କୋଠାରୀ ଆୟୋଗ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ- ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ (ଦି ଡେଷ୍ଟିନି ଅଫ ଇଣ୍ଡିଆ ଇଜ୍ ଶେପ୍‌ଡ୍ ଇନ୍ ଇଟ୍‌ସ କ୍ଲାସରୁମ୍)। ଅର୍ଥାତ, ଶ୍ରେଣୀରେ ବସିଥିବା ଆଜିର ବିଦ୍ୟାର୍ଥୀ ଭବିଷ୍ୟତରେ ଦେଶର ଶାସନଡୋରି ହାତକୁ ନିଏ, ରାଷ୍ଟ୍ରର ଭାଗ୍ୟ ଲେଖେ। ସେହି ବିଦ୍ୟାର୍ଥୀଙ୍କୁ ସମସ୍ତ ମାନବୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ କରିବାର ଦାୟିତ୍ୱ ହେଉଛି ଶିକ୍ଷକଙ୍କର। ଅତଃ ପ୍ରକୃତ ଅର୍ଥରେ ଶିକ୍ଷକ ହେଉଛନ୍ତି ରାଷ୍ଟ୍ରର ତ୍ରାଣକର୍ତ୍ତା, ଭାଗ୍ୟବିଧାତା। କିନ୍ତୁ ଯଦି ପଥପ୍ରଦର୍ଶକ ସ୍ୱୟଂ ହୁଏ ପଥଭ୍ରଷ୍ଟ, ଯଦି ଭାଗ୍ୟବିଧାତା ନିଜେ କରେ ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ତେବେ କ'ଣ ହେବ ଏ ଦେଶର ଭାଗ୍ୟ !

ବି.ଏଡ୍.କରି ହୁଏତ ଗୌରବମୟ ଶିକ୍ଷକ ବୃତ୍ତି ଆପଣେଇବାକୁ ସ୍ୱପ୍ନ ଦେଖୁଥିବା ସୌମ୍ୟାଶ୍ରୀ ନାମକ କଢ଼ିଟିଏ ସେଇ ଶିକ୍ଷକଙ୍କର ଯୌନଲାଳସାରୁ ବର୍ତ୍ତିବାର ସମସ୍ତ ଆଶା ହରାଇବା ପରେ ଜାଳିଦେଲା ନିଜକୁ। ଝଡ଼ିଗଲା ଅର୍ଦ୍ଧପ୍ରସ୍ଫୁଟିତ ଫୁଲଟିଏ ଅକାଳରେ। ସୌମ୍ୟାଶ୍ରୀଙ୍କର ଏହି ବଳିଦାନ ଆମକୁ ଖାଲି ସାମୟିକ ଭାବେ ବ୍ୟଥିତ କଲେ ହେବ ନାହିଁ। ଏମିତି ଅନେକ ସ୍ଥାନରେ ଅନେକ ସୌମ୍ୟାଶ୍ରୀ ଅଛନ୍ତି, ଯେଉଁମାନେ ଭୟ କିମ୍ବା ଲୋକଲଜ୍ଜା କାରଣରୁ ମୁହଁ ଖୋଲି ପାରୁନାହାନ୍ତି। ଯେମିତି ୨୦୦୬ରେ ଆରମ୍ଭ ହୋଇ ୨୦୧୭ରୁ ବିଶେଷଭାବେ ଆଦୃତି ଲା ଭକରିଥିବା 'ମି ଟୁ ମୁଭମେଣ୍ଟ' ଯେଉଁଠି ଜଣେ ମୁହଁ ଖୋଲିବା ପରେ ଅଗଣିତ ମହିଳା ତାଙ୍କ ଉପରେ ହୋଇଥିବା ଯୌନ ଉତ୍ପୀଡ଼ନର କାହାଣୀକୁ ଲୋକଲୋଚନକୁ ଆଣିଥିଲେ। ତେବେ ସେଇ ୨୦୧୭ରେ ଏବିସି ନିଉଜ୍ ଏବଂ ଦି ୱାସିଂଟନ ପୋଷ୍ଟ ଦ୍ୱାରା କରାଯାଇଥିବା ସର୍ଭେ ୫୪ ପ୍ରତିଶତ ଆମେରିକୀୟ ମହିଳା ଅସ୍ୱାଭାବିକ ବା ଅନିଚ୍ଛାକୃତ ଯୌନ ଲାଳସାର ଶିକାର ହେଉଥିବା ବେଳେ ପ୍ରାୟ ୯୫ ପ୍ରତିଶତ ଦୋଷୀକୁ କୌଣସି ଦଣ୍ଡ ଦିଆଯାଉନଥିବାର ରିପୋର୍ଟ କରିଥିଲେ।

ଏହି ମାମଲାରେ ମଧ୍ୟ ସାହସ ଯୁଟାଇ ଛାତ୍ରୀଜଣକ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ଯାହାକୁ ଅଣଦେଖା କରାଯାଇଛି। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିକ୍ଷାର ପବିତ୍ର ସ୍ଥଳରେ ସେ ଅଧ୍ୟାପକ କାହିଁକି ଏମିତି ବିବେକଶୂନ୍ୟ କାମ କଲେ? କାହା ଚାପରେ ବା କେଉଁ ପରିସ୍ଥିତିରେ ପଡ଼ି ଅଧ୍ୟକ୍ଷ ଏମିତି ସ୍ପର୍ଶକାତର ଘଟଣାକୁ ଏଡ଼ାଇଗଲେ, ଯେଉଁଥିପାଇଁ ଅସହାୟ ଝିଅଟିଏ ବାପା ମା'ଙ୍କ କୋଳ ଖାଲି କରି ଚାଲିଗଲା ? ସେ କାଲିକୁ ହୁଏତ ଶହଶହ ପିଲାଙ୍କୁ ପାଠପଢ଼ାଇ ମଣିଷ କରିଥା'ନ୍ତା। ଘରସଂସାର ସମ୍ଭାଳିଥା'ନ୍ତା। କାହିଁ କେତେ ଯୁବାଙ୍କୁ ଦେଉଥା'ନ୍ତା ଆତ୍ମରକ୍ଷାର ତାଲିମ୍। କିନ୍ତୁ, ହାୟ ! ଆତ୍ମରକ୍ଷା ପ୍ରଶିକ୍ଷିକା ଜଣକ ଅକଥନୀୟ ନିର୍ଯାତନା ସହିନପାରି ଆତ୍ମାହୁତି ଦେଲା। ତା' ପରିବାରର ତଥା ସମାଜର ଏହି ଅପୂରଣୀୟ କ୍ଷତି କିଏ ଭରଣା କରିପାରିବ ?

ଆତ୍ମାହୁତି ଏକ ସହଜ କଥା ନୁହେଁ। ମନୋବିଜ୍ଞାନ କୁହେ ଅସହନୀୟ ମାନସିକ ଯନ୍ତ୍ରଣା ବହୁ ସମୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିଥାଏ। ଅନ୍ୟକୁ ଆମେ ଯେତେ ସହଜରେ ବାଡ଼ାଉ ବା ଚିମୁଟିପାରୁ ନିଜକୁ ସେତେ ସହଜରେ କରିପାରୁନା। ବଞ୍ଚିବାର ସମସ୍ତ ବିକଳ୍ପ ବନ୍ଦ ହେବାପରେ ହିଁ ଜଣେ ଆତ୍ମହତ୍ୟା କଥା ଚିନ୍ତା କରେ। ତେଣୁ ଛାତ୍ରୀ ସୌମ୍ୟାଶ୍ରୀ କ୍ଷେତ୍ରରେ ମଧ୍ୟ ସେଇୟା ଘଟିଥିବା ଅନୁମାନ କରାଯାଏ। ନିଜ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଲା ପରେ ସେ ଜଣାଇଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ, ଗୁହାରି କରିଛନ୍ତି ଅନେକ ପଦାଧିକାରୀଙ୍କୁ। କେଉଁଠୁ କିଛି ସାହାଯ୍ୟ ସହଯୋଗ ନ ପାଇ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ତାଙ୍କୁ ନେବାକୁ ପଡ଼ିଛି। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍ସ ପରିସରରେ ତାଙ୍କର ମୃତ୍ୟୁ ଘଟିଛି। ସେ ଚିର ବିଦାୟ ନେଇଛନ୍ତି ତାଙ୍କୁ ଘେରି ରହିଥିବା ଏକ କୁତ୍ସିତ ପରିବେଶରୁ। ଅନ୍ୟାୟ ବିରୁଦ୍ଧରେ ସାହସର ସହ ଲଢ଼ି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ।

ତାଙ୍କର ମୃତ୍ୟୁ ପରେ ସରକାରଙ୍କର ଚେତା ପଶିଚି। ଦୋଷୀକୁ ସାଲିସବିହୀନ ଦଣ୍ଡ ଦିଆଯିବ ବୋଲି ଘୋଷଣା କରାଯାଇଛି। ମୃତ୍ୟୁ ପୂର୍ବରୁ କାହିଁକି ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଗଲା ନାହିଁ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି (ଇଂଟରନାଲ କମ୍ପ୍ଲେଟ ସେଲ, ଆଇସିସି) ଏଚ୍‌ଓଡିଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବା ବେଳେ ତାଙ୍କୁ ହଟାଇବାକୁ ତୁରନ୍ତ ପଦକ୍ଷେପ ନିଆଗଲା ନାହିଁ କାହିଁକି ?

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ପରେ ରାତାରାତି ଉଚ୍ଚଶିକ୍ଷା ବିଭାଗ ଆଇସିସିର କାର୍ଯ୍ୟକାରିତା ସମ୍ବନ୍ଧରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କଠାରୁ ଚବିଶଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁ.ଜି.ସି.) ୨୦୧୫ରେ ଆଇସିସି ଉପରେ ଦେଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ସଦସ୍ୟଙ୍କ ନାମ, ଫୋନ୍ ନମ୍ବର ଆଦି ତଥ୍ୟକୁ କ୍ୟାମ୍ପସର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବା ସହ ସମ୍ବନ୍ଧିତ ତଥ୍ୟ ହାୟର ଏଜୁକେସନ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚଇଏମଏସ୍) ପୋର୍ଟାଲରେ ଜିଓଟ୍ୟାଗ୍‌ଡ୍ ଫଟୋ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ୨୦୧୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରିବାକୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଢ଼ି ସାତଦିନ ଭିତରେ ରିପୋର୍ଟ ଦେବାକୁ ୟୁଜିସି ଆଗ୍ରହ ପ୍ରକାଶ କରିଛି। ଛାତ୍ରୀଙ୍କ ପରିବାରକୁ ସରକାର ସହାୟତା ରାଶି ଘୋଷଣା କରିଛନ୍ତି। ଏ ସବୁ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଏ ସମସ୍ତ କ୍ରିୟାନୁଷ୍ଠାନ ମୁଖ୍ୟତଃ ଆରମ୍ଭ ହୋଇଛି ଛାତ୍ରୀଙ୍କର ମୃତ୍ୟୁ ପରେ। ଏଭଳି ତତ୍ପରତା ଆଗରୁ ପ୍ରକାଶ ପାଇଥିଲେ ହୁଏତ ଏ ଅଘଟଣକୁ ରୋକାଯାଇ ପାରିଥା'ନ୍ତା। ନିଜ କଲେଜ କ୍ୟାମ୍ପସରେ ଜଳିଯିବା ଆମ ସମଗ୍ର ଶିକ୍ଷା ବ୍ୟବସ୍ଥାପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁକି ?

ପୁନଶ୍ଚ, ନିଆଁ ଲାଗି ଜୀବନ ବିକଳରେ ଦୌଡୁଥିବା ବେଳେ ଏତେ ବଡ଼ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀଗଣ ଯଦି ନିଜର ସାର୍ଟ, ଓଢ଼ଣୀ ଆଦି ଘୋଡ଼ାଇ ଦେଇଥା'ନ୍ତେ ବା ବାଲି ମୁଠାଏ ମୁଠାଏ ଫିଙ୍ଗି ଦେଇଥା'ନ୍ତେ ତା'ହେଲେ ହୁଏତ ପରିସ୍ଥିତି ଆଜି ଭିନ୍ନ ହୋଇଥା'ନ୍ତା। କେବଳ ଜ୍ୟୋତିପ୍ରକାଶ କାହିଁକି? କେଉଁଠି ହଜିଗଲା ଆମ ସମସ୍ତଙ୍କର ନୈତିକତା? ଜଳିଯାଉଥିବା ଝିଅଟିକୁ ଅସହାୟ ଭାବେ ଦେଖିବା, ମାନବିକତାର ସମସ୍ତ ସୀମା ଉଲଂଘନ କରି ତା'ର ଭିଡିଓ ଉତ୍ତୋଳନ କରିବା, ଏଇୟା କ'ଣ ଗୋଟେ ପ୍ରଖ୍ୟାତ ଶିକ୍ଷାନୁଷ୍ଠାନର ମୂଲ୍ୟବୋଧ ?

ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଖାଲି ଏକ ଦୁର୍ଘଟଣା ବା ଦୁଃଖଦ ମୃତ୍ୟୁ ନୁହେଁ। ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ରଖୁଥିବା ଏକ ଛାତ୍ରୀର ବଳିଦାନ, ଯାହାର ଦୁଇ ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ଅଧ୍ୟାପକ ଗିରଫ ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ହୁଏତ ଏହିପରି ଶୋଷିତ ଛାତ୍ରୀଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ସାହସ ଯୋଗାଇବ।

ଶିକ୍ଷା ଅନୁଷ୍ଠାନ ହେଉଛି ଜୀବନ ନିର୍ମାଣର ପବିତ୍ର ଦେବାଳୟ। ସମସ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷ, ଶିକ୍ଷକ, ବିଦ୍ୟାର୍ଥୀ ସମସ୍ତେ ଆତ୍ମସମୀକ୍ଷା କରି ନିଜକୁ ଦେଖନ୍ତୁ। କୌଣସି ସମସ୍ୟାରେ ଥିଲେ ବିଦ୍ୟାର୍ଥୀମାନେ ବିଚଳିତ ନ ହୋଇ ସେ ବିଷୟରେ ଅନ୍ୟଙ୍କୁ ଅବଗତ କରାନ୍ତୁ। ପିତାମାତା, ଶିକ୍ଷକ, ସାଙ୍ଗସାଥିର କିଏ ନା କିଏ ତ ସାହାଯ୍ୟ କରିବାକୁ ଆଗେଇ ଆସିବ। ସହଯୋଗର ହାତ ବଢ଼ାଇବ। ସୌମ୍ୟାଶ୍ରୀଙ୍କ ବଳିଦାନ ବ୍ୟର୍ଥ ନ ଯାଉ। ଆଉ କେଉଁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ନ ଯାଉ।

ଭୁବନେଶ୍ୱର, ମୋ-୬୩୭୦୧୯୮୫୦୮

# ବାସ୍ତବତାର ଦର୍ପଣ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସେହି ମୁହୂର୍ତ୍ତ ଗର୍ବିତ ଥିଲା ଯେତେବେଳେ ଚାନ୍ଦ୍ରାୟଣ-୩ ଚନ୍ଦ୍ରପୃଷ୍ଠରେ ଭାରତର ପତାକା ଉଡ଼ାଇ ବିଜ୍ଞାନର ନୂତନ ଶୀର୍ଷ ଛୁଇଁଥିଲା। ଠିକ୍ ସେହି ସମୟରେ ଭାରତର ଏକ ଗାଁରେ କିଛି ଲୋକ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କୁ ଡାହାଣୀ ଅଭିଯାଗରେ ଜୀବନ୍ତ ଜାଳି ଦେଇଥିଲେ। ଏହି ଦୁଇଟି ଘଟଣା କୌଣସି କଳ୍ପନାର ନୁହେଁ ବରଂ ଆମ ସମୟ ଏବଂ ସମାଜର ଦୁଇଟି ପରସ୍ପର ବିରୋଧୀ ବାସ୍ତବତାର ଦର୍ପଣ। ଗୋଟିଏ ପଟେ ମହାକାଶରେ ବିଜୟ ଏବଂ ଅନ୍ୟପଟେ ଅନ୍ଧବିଶ୍ୱାସର ଚୁଲିରେ ଜଳୁଥିବା ମାନବତା। ବିହାରର ପୂର୍ଣ୍ଣିଆ ଜିଲ୍ଲାର ତେଟଗାମା ଗାଁରେ ତିନି ଜଣ ମହିଳା ଏବଂ ଦୁଇ ଜଣ ପୁରୁଷଙ୍କୁ ଡାହାଣୀ ସନ୍ଦେହରେ ପିଟି ପିଟି ସେମାନଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଥିଲା। ପ୍ରାୟ ୧୫୦ ଜଣ ଏହି ଅମାନବୀୟ କାର୍ଯ୍ୟରେ ସାମିଲ ଥିଲେ। ଏହା କେବଳ ହତ୍ୟା ନଥିଲା ବରଂ ଆମର ସଂସ୍କୃତି ଏବଂ ସମ୍ବିଧାନ ଉଭୟରେ ଥିବା ସେହି ତାର୍କିକ ଚେତନାର ପରାଜୟ।

ଏହା କେବଳ ଗୋଟିଏ ଗାଁ କିମ୍ବା ରାଜ୍ୟର ସମସ୍ୟା ନୁହେଁ। ଓଡ଼ିଶାରେ ମଧ୍ୟ ଏଭଳି ଘଟଣା କମ୍ ନୁହେଁ। ଏହା ସେହି ଚିନ୍ତାଧାରାର ପ୍ରତିଫଳନ, ଯେଉଁଠାରେ ଆମେ ବିଜ୍ଞାନର ଦୀପ ନ ଜାଳି ଆଧୁନିକ ହେବାର ଭ୍ରମ ରଖିଥାଉ। ପ୍ରଯୁକ୍ତିବିଦ୍ୟା ପ୍ରଗତିରୁ ଲାଭ କେବଳ କିଛି ମହାନଗର ଏବଂ ଉଚ୍ଚବର୍ଗ ପର୍ଯ୍ୟନ୍ତ ସୀମିତ ରହିବ କି? ବୈଜ୍ଞାନିକ ଚିନ୍ତାଧାରା, ସମ୍ବେଦନଶୀଳତା ଏବଂ ମାନବାଧିକାର ପ୍ରତି ଚେତନା କ'ଣ ଗାଁ ପର୍ଯ୍ୟନ୍ତ ପହଞ୍ଚିଛି? ନା ଆଧୁନିକତା କେବଳ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସୁବିଧା ପର୍ଯ୍ୟନ୍ତ ସୀମିତ? ଏଭଳି ଘଟଣା କେବଳ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ସମ୍ବିଧାନ ଏବଂ ଆଇନର ବିଫଳତା ମଧ୍ୟ। ଯେତେବେଳେ ସମଗ୍ର ଗାଁ ଏକ ଅମାନବୀୟ କାର୍ଯ୍ୟରେ ଜଡ଼ିତ ରହେ ଏବଂ ପୁଲିସ-ପ୍ରଶାସନ ନିଷ୍କ୍ରିୟ ହୁଏ, ସେତେବେଳେ ପ୍ରଶ୍ନ ଉଠେ ଗଣତନ୍ତ୍ରର ସ୍ତମ୍ଭ କେବଳ ନିର୍ବାଚନ ଏବଂ ଭାଷଣରେ ସୀମିତ କି? ପୁଲିସର ନିଷ୍କ୍ରିୟତା ଏବଂ ପ୍ରଶାସନର ଉଦାସୀନତା ଏହି ସମଗ୍ର ବ୍ୟବସ୍ଥା ପାଇଁ ଏକ ଗଭୀର ଆଘାତ। ଏହା ଦର୍ଶାଏ ଯେ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଅନେକ ଫାଟ ଅଛି, ଯାହାକୁ ପୂରଣ କରିବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ବରଂ ସମଗ୍ର ସମାଜର।

ତର୍କ, ବିଜ୍ଞାନ ଏବଂ ଜ୍ଞାନ ଆମ ପୂର୍ବପୁରୁଷଙ୍କ ପରମ୍ପରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ ଭଳି ନାମ କେବଳ ଐତିହାସିକ ନୁହେଁ, ବରଂ ଭାରତୀୟ ବୌଦ୍ଧିକ ପରମ୍ପରାର ମୂଳଦୁଆ। କିନ୍ତୁ ଆଜି କ'ଣ ସେମାନଙ୍କ ଚିନ୍ତାଧାରାର ଛାଇ ଆମ ଗାଁ ଏବଂ ସହର ପର୍ଯ୍ୟନ୍ତ ପହଞ୍ଚିଛି? ଯଦି ଜଣେ ମହିଳା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରିବର୍ତ୍ତେ ତାଙ୍କୁ ଡାହାଣୀ କହି ପୋଡ଼ି ଦିଆଯାଏ ତେବେ ଏହାର ଅର୍ଥ ହେଉଛି ଆମ ସମାଜ ଅତୀତର କୌଣସି ଏକ ଅନ୍ଧାର କୂଅରେ ପଡ଼ିରହିଛି। ଏହି ସମ୍ପୂର୍ଣ୍ଣ ଆଲୋଚନାରେ ଗଣମାଧ୍ୟମର ଭୂମିକା ମଧ୍ୟ ପରିସରକୁ ଆସେ। ଆଜିର ଗଣମାଧ୍ୟମ କେବଳ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ଉପରେ କେନ୍ଦ୍ରିତ। ଘଟଣାର ସମ୍ବେଦନଶୀଳତାକୁ ବୁଝିବା ପରିବର୍ତ୍ତେ ସେମାନେ ତାହାକୁ ଟିଆରପି ଦୌଡ଼ରେ ପରିଣତ କରନ୍ତି। ଅନ୍ଧବିଶ୍ୱାସ, ଅଜ୍ଞତା ଓ କପଟତାର ସମ୍ପୂର୍ଣ୍ଣ ବିନାଶ କରିବା ପାଇଁ ସେମାନେ କେବେ ଚେଷ୍ଟା କରିଛନ୍ତି କି? ସେମାନେ କେବଳ ଘଟଣାର କ୍ଲିପ୍ (ଭିଡିଓ) ତିଆରି କରନ୍ତି। ଭାବପ୍ରବଣତାକୁ ଉତ୍ତେଜିତ କରନ୍ତି। କିନ୍ତୁ କୌଣସି ଆଦର୍ଶଗତ ଆନ୍ଦୋଳନ ଆରମ୍ଭ କରନ୍ତି ନାହିଁ।

ଏପରି ଘଟଣାରେ ଉପସ୍ଥିତ ଜନତାଙ୍କ ସହିତ ଆହୁରି ଅଧିକ ଦାୟୀ ସେହି ଅନୁଷ୍ଠାନଗୁଡ଼ିକ, ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା ପାଇଁ ଉଦ୍ଦିଷ୍ଟ। ସେଗୁଡ଼ିକ ହେଲେ ଶିକ୍ଷାନୁଷ୍ଠାନ, ଧାର୍ମିକ ସଂଗଠନ, ପଞ୍ଚାୟତ ଓ ପ୍ରଶାସନିକ ବ୍ୟବସ୍ଥା। ଟିଭି ଚ୍ୟାନେଲଗୁଡ଼ିକ କେବଳ ଶାଶୂ-ବୋହୂ ନାଟକ ଦେଖାଇବା ପରିବର୍ତ୍ତେ 'ଯାଦୁମନ୍ତ୍ରବିଦ୍ୟା ବନ୍ଦ କର' ଭଳି ଅଭିଯାନକୁ ପ୍ରାଥମିକତା ଦେବା ଉଚିତ। ପ୍ରତି ମାସରେ ପଞ୍ଚାୟତରେ ତର୍କଭିତ୍ତିକ ଆଲୋଚନା ହେବା ଉଚିତ। ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଚେତନାର ପାଠ ମଧ୍ୟ ପଢ଼ାଯିବା ଉଚିତ।

ସନାତନ ପରମ୍ପରାର ମୌଳିକ ଉପାଦାନଗୁଡ଼ିକ ହେଉଛି କରୁଣା ଓ ଜ୍ଞାନ। ସମାଜରେ ସନାତନର ସେହି ମୂଲ୍ୟବୋଧଗୁଡ଼ିକୁ ପୁନଃସ୍ଥାପିତ କରିବାକୁ ପଡ଼ିବ, ଯାହା ପ୍ରତ୍ୟେକ ଜୀବରେ ଆତ୍ମାକୁ ଦେଖାଏ। ଭାରତ ବୈଷୟିକ ଦକ୍ଷତାର ପ୍ରତୀକ ଚନ୍ଦ୍ରାୟଣ-୩ ଯେତେବେଳେ ଚନ୍ଦ୍ରରେ ଅବତରଣ କରେ ସେତେବେଳେ ଭାରତର ଆତ୍ମା ମଧ୍ୟ ଆକାଶକୁ ସ୍ପର୍ଶ କରିବାକୁ ଆକାଂକ୍ଷା ରଖେ। କିନ୍ତୁ ଯେତେବେଳେ ଜଣେ ମହିଳାଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜଳାଇ ଦିଆଯାଏ ସେହି ଆତ୍ମା ଚିତ୍କାର କରେ। ଏହା ଆମ ସମୟର ବିରୋଧାଭାସ। ଗୋଟିଏ ପଟେ ବିଜ୍ଞାନ ଅନ୍ୟପଟେ ଅନ୍ଧବିଶ୍ୱାସ। ଗୋଟିଏ ପଟେ ମହାକାଶରେ ସଫଳତା ଅନ୍ୟପଟେ ସାମାଜିକ ଅବକ୍ଷୟ। ଭାରତର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ବିଜ୍ଞାନ ଓ ଜ୍ଞାନର ଆଲୋକ ପ୍ରତ୍ୟେକ ଗାଁ, ଘର ଏବଂ ମନରେ ପହଞ୍ଚିବ। 'ତମସୋ ମା ଜ୍ୟୋତିର୍ଗମୟ' କେବଳ ଏକ ଶ୍ଲୋକ ହେବା ଉଚିତ୍ ନୁହେଁ। ଏହା ଏକ ସାମାଜିକ ଅଭିଯାନ ହେବା ଉଚିତ୍। ଅଜ୍ଞତାରୁ ଜ୍ଞାନ, ଅନ୍ଧାରରୁ ଆଲୋକ, ହିଂସାରୁ କରୁଣା।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଦକ୍ଷିଣ କବାଟ

**ସୌଭାଗ୍ୟସୁନ୍ଦର**

ଦକ୍ଷିଣ କବାଟ ଏକ ବଡ଼ ପର୍ଣ୍ଣମୋଚୀ ଗଛ, ଯାହା ଭାରତ ଓ ଶ୍ରୀଲଙ୍କାରେ ପ୍ରାୟ ସବୁଠାରେ ଦେଖାଯାଏ। ଏହା ଏକ ବହୁମୁଖୀ ବୃକ୍ଷ। ତେଣୁ ସାଧାରଣତଃ ସ୍ୱର୍ଗର ଉଦ୍ଭିଦ ଭାବରେ ଲୋକକଥା ରହିଛି। କିନ୍ତୁ ତାମିଲରେ ଏହାର ଅପ୍ରୀତିକର ଗନ୍ଧ ଯୋଗୁଁ ଏହାକୁ 'ପାଇ-ନାରି ମାରାମ' ବୋଲି କୁହାଯାଏ। ଏହା ସେହି ଅଞ୍ଚଳରେ ଭଲ ବଢ଼ିଥାଏ, ଯେଉଁଠାରେ ବାର୍ଷିକ ଦିନର ତାପମାତ୍ରା ୨୦ - ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ଥାଏ, ତା'ଠାରୁ କମ୍ ବା ଅଧିକ ଉତ୍ତାପ ସହ୍ୟ କରିପାରେ ନାହିଁ। ସୀମା ଚିହ୍ନିତ କରିବା ଏବଂ ମୃତ୍ତିକା କ୍ଷୟକୁ ରୋକିବା ପାଇଁ 'ଦକ୍ଷିଣ କବାଟ' ଜମି ହିଡ଼ ଏବଂ ନଦୀର ଧାରରେ ଲଗାଯାଏ।

'ଦକ୍ଷିଣ କବାଟ' ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ହାଲୁକା ଧୂସର-ବାଦାମୀ, ତନ୍ତୁମୟ କିମ୍ବା ଗ୍ରନ୍ଥଯୁକ୍ତ, ରୁକ୍ଷ, ଡାଳଗୁଡ଼ିକ ସ୍ଥାୟୀ ପତ୍ର ଦାଗ ସହିତ ଥାଏ। ଗଣ୍ଠିରୁ ଗୋଟିଏ ଲେଖା ପତ୍ର ବିକଳ୍ପ ଦିଗରେ ଉତ୍ପତ୍ତି ହୋଇଥାଏ। ୨୦-୮୦ ସେମି ଲମ୍ବ ବିଶିଷ୍ଟ ପତ୍ରଗୁଡ଼ିକର ଅଂଶର ଧାର ଅନିୟମିତ ଭାବରେ ଦନ୍ତଯୁକ୍ତ। ସବୁଜ-ହଳଦିଆ ରଙ୍ଗର ଫୁଲଗୁଡ଼ିକ ଏକଲିଙ୍ଗୀ, ଆୟତନରେ ଛୋଟ, ଅନେକ ଅକ୍ଷିରୀ କିମ୍ବା ଶେଷ ପ୍ୟାନିକେଲରେ ସଜ୍ଜିତ ଥାଏ, ଦୁର୍ଗନ୍ଧ ନିର୍ଗତ କରେ; ଫୁଲର ବାହ୍ୟ ଆବରଣ ବା ସେପାଲ୍ ୫ଟି ଏବଂ ପାଖୁଡ଼ା ୫ଟି ଲେଖା ଥାଏ। ଜାନୁଆରୀ-ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ ଏବଂ ଜୁଲାଇ ପର୍ଯ୍ୟନ୍ତ ଫଳ ଦେଇଥାଏ। ଫଳ ଏକବୀଜ ବିଶିଷ୍ଟ ସମାରା, ଚେପଟା, ୫ ସେମି ଲମ୍ବ।

ଆୟୁର୍ବେଦ, ଲୋକାଚାର ଏବଂ ସିଦ୍ଧ ପ୍ରଣାଳୀରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ। ଗଛର ଅଠା ଓ ପତ୍ରରେ ପ୍ରାଥମିକତା ଭାବରେ ଆରୋଗ୍ୟ ଗୁଣ ଅଛି। ଗଛର ଛାଲ ତିକ୍ତ, ଆଣ୍ଟିସ୍ପାସ୍ମୋଡିକ୍, ଆଣ୍ଟିହେଲମିନ୍ଥକ, ଆଣ୍ଟିଆମୋଏବିକ୍, ଆଣ୍ଟିପ୍ଲାଜମୋଡିଆଲ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ, ଆଣ୍ଟିଡାଇରିଆଲ୍, ଆଣ୍ଟିଫର୍ଟିଲିଟି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିସେପ୍ଟୋରାଣ୍ଟ ଗୁଣରେ ଭରପୂର। ଛାଲି ଏକ ଜ୍ୱରକ ଭାବରେ କାର୍ଯ୍ୟ କରେ। ବୃକ୍ଷର ବିଭିନ୍ନ ଅଂଶକୁ ଶ୍ୱାସରୋଗ, ପତଳା ଝାଡ଼ା, ପ୍ରସବ ପରବର୍ତ୍ତୀ ଟନିକ୍ ଏବଂ ପରବର୍ତ୍ତୀ ଯନ୍ତ୍ରଣା ଉପଶମ, ମଳକଣ୍ଟକ, ଲ୍ୟୁକୋରିଆ ଆଦିର ଉପଚାରରେ ଫଳପ୍ରଦ ବ୍ୟବହାର କରାଯାଏ। ଏହା ଏକ ଲାର୍ଗାକ୍ଟିର, ଯାହା ସ୍କିଜୋଫ୍ରେନିଆ, ପାରାନୋଇଆ (ଭ୍ରମ ଏବଂ ଅତ୍ୟନ୍ତ ଚିନ୍ତିତ କିମ୍ବା ନର୍ଭସ ଅନୁଭବ କରିବା), ମାନିଆ (ଅତି ସକ୍ରିୟ ଆଚରଣ), ଚିନ୍ତା, ଉତ୍ତେଜନା ଏବଂ ବିପଜ୍ଜନକ ଭାବରେ ଆବେଗପୂର୍ଣ୍ଣ ଆଚରଣ ଆଦି ମାନସିକ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହି ଗଛରେ ପ୍ରୋଟିନ୍, ଫ୍ୟାଟି ଏସିଡ୍ ଓ କାର୍ବୋହାଇଡ୍ରେଟ୍ ବ୍ୟତୀତ ଆଲକାଲଏଡ୍ ଓ ଫ୍ଲାଭୋନଏଡ୍ ଭଳି ଅନେକ ଫାଇଟୋକେମିକାଲ୍ ଥିବା ଜଣାଯାଏ। ଆଇଲାନ୍‌ଠଥଓନ୍, ଗ୍ଲୁକାରୁବିନୋନ୍ ଓ ଗ୍ଲୁକାରୁବୋଲ୍ ୧୫-ଆଇସୋଭାଲେରେଟ୍ ଏବଂ ଡିହାଇଡ୍ରୋଗ୍ଲୁକାରୁବୋଲ୍, ଆଇସୋଭାଲେରେଟ୍‌ର ମିଶ୍ରଣରେ ଭରପୂର ମୂଳ ଛାଲର ନିର୍ଯାସ ଟ୍ୟୁମର ଓ ସାଇଟୋଟକ୍ସିକ କାର୍ଯ୍ୟକଳାପ ପାଇଁ ଦାୟୀ ଯୌଗିକ ଭାବରେ ଦେଖାଯାଏ।

ବାୟୁମଣ୍ଡଳରେ ଝୁଲି ରହୁଥିବା ହାନିକାରକ ପିଏମ୍ କଣିକାକୁ ଧରି ରଖିବାରେ ଦକ୍ଷିଣ କବାଟ ସର୍ବୋତ୍ତମ ଦକ୍ଷ ବୃକ୍ଷ। ତେଣୁ ପ୍ରଦୂଷିତ ଅଞ୍ଚଳମାନଙ୍କରେ ଏହାକୁ ଲଗାଇବା ପାଇଁ ସୁପାରିସ କରାଯାଏ। ଫଳଟି ଖାଦ୍ୟ ଉପଯୋଗୀ ନୁହଁ। ତେଣୁ ଗୋରୁଗାଈ ଏହାକୁ ଖାଆନ୍ତି ନାହିଁ। କିନ୍ତୁ ସବୁଜ ସାର ପାଇଁ ଭଲ। ତେବେ ଏହାର ପତ୍ରଗୁଡ଼ିକ ଗାଈ, ଛେଳି, ମେଣ୍ଢା ଏବଂ ଓଟଙ୍କ ପାଇଁ ବିକଳ୍ପ ଖାଦ୍ୟ ଭାବରେ ବ୍ୟବହୃତ ହୁଏ। ଏହାର କାଠ ନରମ, ଦିଆସିଲି କାଠି ଏବଂ କାଠ ପ୍ୟାକେଜିଂ ବାକ୍ସ ଶିଳ୍ପ, ରାଜସ୍ଥାନୀ କଠଉ ଶିଳ୍ପ ଏବଂ କାଟାମାରାନ୍ (ଡଙ୍ଗା ଏବଂ ଜାହାଜରେ ବ୍ୟବହାର ଉପକରଣ) ନିର୍ମାଣ ପାଇଁ ବ୍ୟବହୃତ ହୁଏ। ଏହାକୁ ସୁରକ୍ଷିତ କୀଟନାଶକ ଭାବରେ ବିବେଚନା କରାଯାଇପାରିବ। ଏହାର ପରାଗରେ ଆଲର୍ଜେନିକ୍ ପ୍ରୋଟିନ୍ ମଧ୍ୟ ଥାଏ ଯାହା ବିଭିନ୍ନ ଶ୍ୱାସକ୍ରିୟା ରୋଗର କାରଣ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପଲ୍ଲୀସଭାରେ ପୁଲିସର ଆକ୍ରମଣକୁ ନିନ୍ଦା

## ଆଦିବାସୀଙ୍କୁ ଦମନ ପାଇଁ ନୂତନ ପୁଲିସ ଜିଲ୍ଲା ଗଠନ: ମାସା

ବାରିପଦା/ରାଇରଙ୍ଗପୁର,୨୦।୭(ସମିସ): ରାଇରଙ୍ଗପୁର ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତ କଣ୍ଟାବଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଇଡକୋ ନିମନ୍ତେ ଜମି ଅଧିଗ୍ରହଣ ଓ ରୁଙ୍ଗଟା କମ୍ପାନୀର ପ୍ରସ୍ତାବିତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଜନମତ ସଂଗ୍ରହ ପାଇଁ ଅନୁଷ୍ଠିତ ଗ୍ରାମସଭାରେ ଆଦିବାସୀଙ୍କୁ ପୁଲିସର ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ଏଥିସହ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀଙ୍କୁ ଦମନ ଉଦ୍ଦେଶ୍ୟ ବୋଲି 'ମାସା'ର ରାଜ୍ୟ ଅଧ୍ୟକ୍ଷ ସୁକୁଲାଲ ମାରାଣ୍ଡି ଅଭିଯୋଗ କରିଛନ୍ତି। ଶ୍ରୀ ମାରାଣ୍ଡି ରବିବାର ସନ୍ଧ୍ୟାରେ ଆକ୍ରମଣ ଘଟଣାରେ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତତ୍‌ସହିତ ଜନମତରେ ଶିଳ୍ପକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସରକାର ଜମି ଅଧିଗ୍ରହଣରୁ ନ ଦୂରେଇଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ପଲ୍ଲୀସଭାରେ ପ୍ରଶାସନ ପକ୍ଷରୁ ପକ୍ଷପାତିତା କରାଯାଉଥିବା ଅଭିଯୋଗରେ ଶନିବାର ସନ୍ଧ୍ୟାରେ ଉପସ୍ଥିତ ଜନସାଧାରଣ ଉତ୍ତ୍ୟକ୍ତ ହୋଇଥିଲେ। ଅଭିଯୋଗ ଅନୁସାରେ ସପକ୍ଷବାଦୀଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ବେଳେ ବିପକ୍ଷବାଦୀଙ୍କ ଦସ୍ତଖତ ଗ୍ରହଣ କରା ନଯାଇ ଗ୍ରାମସଭାସ୍ଥଳରୁ ଜନମତ ସଂଗ୍ରହ ଖାତା ଧରି ରାଇରଙ୍ଗପୁର ବିଡିଓ ଲୁଚି ପଳାଇଥିଲେ। ଫଳରେ କଣ୍ଟାବଣୀ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜନମତ ଖାତା ଦେଖାଇବାକୁ



ଅଡ଼ି ବସିଥିଲେ ଏବଂ ଫଳାଫଳ ଜଣାଇବାକୁ ଦାବି କରିଥିଲେ। ଗ୍ରାମସଭା ସକାଳ ୧୦ଟା ସମୟରୁ ଆରମ୍ଭ ହୋଇଥିବା ବେଳେ ରାତି ୮ଟା ପର୍ଯ୍ୟନ୍ତ ଉତ୍ତେଜନା ପୂର୍ଣ୍ଣ ଛକ୍କାପଞ୍ଝା ଚାଲିଥିଲା। ପରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଗ୍ରାମବାସୀଙ୍କୁ ବାହାରି ଯିବାକୁ କହିଥିଲେ। ମାତ୍ର ଲୋକେ ଫଳାଫଳ ନଜାଣି ସେଠାରୁ ହଟିବାକୁ ରାଜି ହୋଇ ନଥିଲେ। ଫଳରେ ବ୍ଲକ ପରିସରରୁ ଲାଇଟ୍‌କୁ ବନ୍ଦ କରାଯିବା ସହିତ ସେଠାରେ ଉପସ୍ଥିତ ଥିବା ମହିଳା, ପୁରୁଷମାନଙ୍କୁ ଜବରଦସ୍ତ ଧକ୍କାଦେଇ ବାହାର କରିବାକୁ ଉଦ୍ୟମ କରିଥିଲା ପୁଲିସ୍। ପୁରୁଷ ପୁଲିସମାନେ ମହିଳାମାନଙ୍କୁ ଧକ୍କା ଦେବା ସହ ଦୁର୍ବ୍ୟବହାର ମଧ୍ୟ କରିଥିଲେ।

ଘଟଣାକୁ ସେଠାରେ ଉପସ୍ଥିତ ଥିବା ଟ୍ରାଇବ ଟିଭିର ପ୍ରତିନିଧି ବାରିଆଲ ହେମ୍ବ୍ରମ ଏସବୁ ଦୃଶ୍ୟ ଉତ୍ତୋଳନ କରୁଥିବା ବେଳେ ରାଇରଙ୍ଗପୁର ଏସ୍‌ଡିପିଓଙ୍କ ଆଦେଶ କ୍ରମେ ତାଙ୍କୁ ଟାର୍ଗେଟ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ଦ୍ୱାରା ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରାଯିବା ସହ ତଳେ ପକାଇ ଲାଠିରେ ମାଡ଼ ମରାଯାଇଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। କୌଣସି ମତେ ସେ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ରାଇରଙ୍ଗପୁର ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ନିନ୍ଦା କରାଯିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି। ନିରୀହ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରାଯିବା ଉଦ୍ଦେଧଶ୍ୟରେ ପୁଲିସ ପ୍ରଶାସନର ଆକ୍ରମଣର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧି ଯଦି ସୁରକ୍ଷିତ ନୁହନ୍ତି ତେବେ ସାଧାରଣ ଜନତା କେତେ ସୁରକ୍ଷିତ ବୋଲି ସମସ୍ତେ ପ୍ରଶ୍ନ କରିଛନ୍ତି।

ସେହିପରି ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଗଠନର ବହଳଦା ବ୍ଲକ୍ ସଭାପତି ପିତାମ୍ବର ମୁର୍ମୁ ଓ ମାସା ଆର୍ମୀ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁକଲାଲ ମାର୍ଣ୍ଡି, ମୟୂରଭଞ୍ଜ ପିଢ ପାରଗାନା ମାହାଲ ସଦସ୍ୟ, ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ପଶ୍ଚିମ ମୟୂରଭଞ୍ଜ କଂଗ୍ରସ ଦଳର ସଭାପତି ଭବନ ବିହାରୀ ସାହୁ, ଓଡ଼ିଶା ଆଦିବାସୀ ମର୍ଚ୍ଚା ସଭାପତି ତଥା କେନ୍ଦୁଝରର ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତି, କଂଗ୍ରେସ ନେତା ରୂପକ ମହାନ୍ତି, ଲକ୍ଷ୍ମଣ ହେମ୍ବ୍ରମ, ଭାଗବତ ମାଝୀ, ଆଦିବାସୀ ସୋସିଓ ଏଜୁକେଶନର ମାଝୀ ପାରଗାନା ସହିତ ସଭାପତି ଶ୍ରୀ ହେମ୍ବ୍ରମ, ସମ୍ପାଦକ ଜିତେନ୍ଦ୍ର ହାଁସଦାଃ, ସାଲୁ କିସ୍କୁ ଓ ବିଭିନ୍ନ ଦଳର ଅନ୍ୟାନ୍ୟ ସଦସ୍ୟଙ୍କ ସହ ପହଞ୍ଚି ପୁଲିସ୍ ମାଡ଼ରେ ଆହତ ଗଣମାଧ୍ୟମ ପ୍ରତିନିଧି ବାରିଆଲ ହେମ୍ବ୍ରମଙ୍କ ସହ ଘଟଣା ବିଷୟରେ ଆଲୋଚନା କରିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

ପୁଲିସ୍‌ର ଏହି ବର୍ବର ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ। ଶିଳ୍ପ ପ୍ରତିଷ୍ଠା ନେଇ ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ଜନମତ ସଂଗ୍ରହ କରାଯିବା ଉଚିତ୍। ତେବେ ସର୍ବ ସମ୍ମୁଖରେ ଶିଳ୍ପପତିଙ୍କ ସପକ୍ଷରେ ଚଞ୍ଚକତା କରାଯିବା ସହିତ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରାଯାଇଥିବା ଘଟଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଘଟଣାରେ ପୁଲିସ ପକ୍ଷରୁ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରାଯିବାକୁ ମଧ୍ୟ ସମସ୍ତେ ନାପସନ୍ଦ କରିଛନ୍ତି। ଅତିରିକ୍ତ ଏସପି ଯଦୁନାଥ ଯେନାଙ୍କ ନେତୃତ୍ୱରେ ଶାନ୍ତି ବଜାୟ ପାଇଁ ପୁଲିସ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି।

■ ନାବାଳକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

# ବଲାଙ୍ଗା ଥାନା ଘେରିଲା ବିଜେଡି

ବଲଙ୍ଗା, ୨୦।୭ (ସମିସ): ବଲଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ୩ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣାରେ ଆଜି ବିଜେଡି ବଲଙ୍ଗା ଥାନା ଘେରାଉ କରିଛି। ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଜେଡି ନେତା ପ୍ରଦୀପ ମାଝୀ, ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରସାଦ ମହାରଥୀ, ଟୁକୁନି ସାହୁ, ଲେଖାଶ୍ରୀ ସାମନ୍ତରାୟ, ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବଲଙ୍ଗା ଥାନାକୁ ଘେରାଉ

**ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ**

କରିଥିଲେ। ପରେ ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଥାନା ଆଗରେ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ପୁଲିସ୍ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିବା ତ ଦୂରର କଥା, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ପୁଲିସ୍ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲ। ଅନ୍ୟପକ୍ଷେ, ଏହି ଘଟଣାରେ ବଲଙ୍ଗା ପୁଲିସ ସନ୍ଦେହରେ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

ବିଜେଡି ପକ୍ଷରୁ ବଲଙ୍ଗା ବଜାରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ବଲଙ୍ଗା ବଜାର ଏକ ରାଲି କରି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିରେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ କହିଥିଲେ ଯେ ରାଜ୍ୟରେ ବିଜେପି ସରକାରର ଅପାରଗତା ଯୋଗୁଁ ଗତ ୧ ବର୍ଷ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଲେଣି। ପ୍ରତିଦିନ ନାରୀ ଅତ୍ୟାଚାରର ଶିକାର ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ କହିଥିଲେ। ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାକୁ ଦିନ କେଇଟା ଯାଇନଥିବା ବେଳେ ବଲଙ୍ଗାରେ ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ନ ଧରିଲେ, ଭୁବନେଶ୍ୱରରେ ରାଜରାସ୍ତାକୁ ଅଚଳ କରାଯିବ ବୋଲି ଦଳ ଚେତାବନୀ ଦେଇଛି।

**AFFIDAVIT**

By virtue of an affidavit before the Notary Public, Jeypore, Koraput. I NABANEETA PANDA, W/o Subrat Kumar Panda, resident of K B S D Road, Near Jagannath Temple, Po/PS - Jeypore, Dt-Koraput, Odisha -764001 declare by this Affidavit No.564, Dated - 20/07/2025,that now onwards I shall be known as **NABANITA PANDA** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Koraput. I, PAILU JAGADISHWAR, S/o PAILU NEELAKANTHA, resident of Pailu Sarbeswar Marg, Po/ PS -Borigumma, Dt-Koraput -764 056, Odisha declare by this Affidavit No.3184, Dated - 16/07/2025,that now onwards I shall be known as **P.JAGADISWAR** for all future purpose.

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Jkrushnanandapur, Dist-Jagatsinghpur, Odisha my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum,** D/o- Mohiuddin and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and **DOB- 07.11.2002** in all and everywhere in this name from now.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗେମ୍ ଖେଳିଲେ...

ବସି ମୋବାଇଲ ଗେମ୍ ଖେଳୁଛନ୍ତି। ଏହା ସବୁଠୁ ଘୃଣ୍ୟ କାମ। ସେ ଏହି ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏନସିପି (ଏସପି) ବିଧାୟକ ରୋହିତ ପାୱାର କହିଛନ୍ତି ଯେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ସରକାର ଶୋଇଛନ୍ତି। ଫସଲ ବୀମା ସମସ୍ୟା ହେଉ କି ଋଣଛାଡ଼ କିମ୍ବା ଫସଲର ଉଚିତ ଦାମ ଦେବାକୁ ସରକାର ଧ୍ୟାନ ଦେଉନାହାନ୍ତି। କିନ୍ତୁ ସଦନରେ ଗେମ୍ ଖେଳିବାକୁ ମନ୍ତ୍ରୀଙ୍କ ପାଖରେ ସମୟ ଅଛି। କ୍ଷମତାସୀନ ଲୋକ ବିଜେପି ଅନୁମତି ବିନା କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି। ମନ୍ତ୍ରୀମାନେ ଚାଷୀଙ୍କ ଦୁଃଖ କେବେ ଶୁଣିବେ?

### ଓଡ଼ିଶା, ବିହାର...

ଗୋପାଳପୁରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଏବଂ ବଲଙ୍ଗାରେ ନାବାଳିକାକୁ ଦୁର୍ବୃତ୍ତ ଜିଅନ୍ତା ଜାଳିଦେବା ଘଟଣା ନେଇ ଓଡ଼ିଶା ଅଶାନ୍ତ ହୋଇପଡ଼ିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ନିୟମ ଓ ପରମ୍ପରା ଅନୁଯାୟୀ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଉତ୍ତର ଦେବାକୁ ବି ପ୍ରସ୍ତୁତ ଅଛନ୍ତି। ଶୃଙ୍ଖଳିତ ଗୃହ ପରିଚାଳନାରେ ସେ ବିରୋଧୀଙ୍କ ସହଯୋଗ ଲୋଡ଼ିବା ସହିତ ସରକାର ଓ ବିରୋଧୀ ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ ଯେ କେବଳ ପହଲଗାମ ଓ ଅପରେସନ୍ଦ ସିନ୍ଦୂର ନୁହେଁ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହା ନିୟମ ଓ ପରଂପରା ଅନୁଯାୟୀ ହିଁ ହେବ। ବିହାର ଓ ଟ୍ରମ୍ପ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ସଂସଦ ।।ରେ ଉପସ୍ଥିତ ରହି ଉତ୍ତର ଦିଅନ୍ତୁ ବୋଲି ବିରୋଧୀଙ୍କ ଦାବି ସଂପର୍କରେ ସେ କହିଲେ ଯେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରୁହନ୍ତି।

ମନ୍ତ୍ରୀ ଆହୁରି କହିଲେ ଯେ ଘରୁ ନଗଦ ଟଙ୍କା ଜବତ ମାମଲାରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ବହିଷ୍କାର କରିବା ଲାଗି ଚଳିତ ଅଧିବେଶନରେ ମହାଭିଯୋଗ ପ୍ରସ୍ତାବ ଅଣାଯିବ। ଏହି ପ୍ରସଙ୍ଗରେ ସବୁ ଦଳ ଏକମତ ଅଛନ୍ତି। ମହାଭିଯୋଗ ପାଇଁ ଶହେରୁ ଅଧିକ ସାଂସଦ ପ୍ରସ୍ତାବରେ ଦସ୍ତଖତ କରିସାରିଲେଣି। ଏହି ଅଧିବେଶନରେ ୧୭ଟି ବିଲ୍ ଆଗତ କରାଯିବ। ଆଜିର ସର୍ବଦଳୀୟ ବୈଠକରେ ୫୧ଟି ରାଜନୈତିକ ଦଳର ୫୪ ସଭ୍ୟ ଉପସ୍ଥିତ ଥିଲେ ବୋଲି ସେ କହିଛନ୍ତି।

### ଡିଏଫ୍‌ଓ ନା...

କୋର୍ଟରୁ ଅନୁମତି ଆଣି ଆଜି ଭିଜିଲାନ୍ସ ଚଢଉ କରିଛି।

ଭିଜିଲାନ୍ସ ଠାବ କରିଥିବା ୧୧୫ଟି ପ୍ଲଟ୍ ମଧ୍ୟରୁ ୫୩ ପ୍ଲଟ୍ ତାଙ୍କ ନାମରେ ଥିବା ବେଳେ ୪୨ଟି ପ୍ଲଟ୍ ତାଙ୍କ ପତ୍ନୀ ନାମରେ ରହିଛି। ୧୬ଟି ପ୍ଲଟ୍ ତାଙ୍କର ଦୁଇ ପୁଅଙ୍କ ନାମରେ ଏବଂ ୪ଟି ପ୍ଲଟ୍ ତାଙ୍କ ଝିଅ ନାମରେ ରହିଛି। ସବୁ ପ୍ଲଟ୍‌କୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ କିଣିଛନ୍ତି ଡିଏଫ୍‌ଓ ନିତ୍ୟାନନ୍ଦ। ଅନୁଗୁଳରେ ବାବୁଙ୍କର ଗୋଟିଏ ୪ତାଲା ବହୁତଳ କୋଠା ଠାବ କରାଯାଇଛି। ୧୯୯୨ରେ ରେଞ୍ଜ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିବା ପରଠାରୁ ୨୦୨୪ ମଧ୍ୟରେ ନିତ୍ୟାନନ୍ଦ ଏହି ସବୁ ପ୍ଲଟ୍ କିଣିଛନ୍ତି। ଛେଣ୍ଡିପଦାରେ ୧୯୯୨ରୁ ୨୦୦୬ରେ ରେଞ୍ଜର ଥିବା ବେଳେ ସେ ୨ଟି ପ୍ଲଟ୍ କିଣିଥିଲେ। ୨୦୦୭ରୁ ୨୦୧୫ରେ ନୂଆପଡ଼ା ଡିଭିଜନରେ ରେଞ୍ଜର ଅଫିସର ଥିବା ବେଳେ ୬୪ଟି ପ୍ଲଟ୍ କିଣିଥିଲେ। ୨୦୧୫ରୁ ୨୦୨୨ରେ ରାୟଗଡ଼ା ଫରେଷ୍ଟ ଡିଭିଜନରେ ସହକାରୀ ବନ ସଂରକ୍ଷକ ଥିବା ବେଳେ ୩୯ଟି ପ୍ଲଟ୍ କରିଥିଲେ। ୨୦୨୨ରୁ ୨୦୨୪ରେ ଭୁବନେଶ୍ୱର ପିସିସିଏଫ ଅଫିସରେ ଉପ ବନ ସଂରକ୍ଷକ ଥିବା ବେଳେ ୮ଟି ପ୍ଲଟ୍ କିଣିଛନ୍ତି। ଆହୁରି ମଧ୍ୟ ୨୦୨୪ ଜାନୁୟାରୀ ୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୨ଟି ପ୍ଲଟ୍ କିଣିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି। ଠାବ ହୋଇଥିବା ଜମିର ମୂଲ୍ୟ ୨.୫କୋଟି ହେବ ବୋଲି ଭିଜିଲାନ୍ସ କହିଛି। ଏହି ଜମିର ସଠିକ୍‌ମୂଲ୍ୟ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଆକଳନ କରୁଛନ୍ତି।

ତାଙ୍କ ଘରୁ ଚଢଉ ସମୟରେ ୧.୫୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୨୦୦ ଗ୍ରାମ ସୁନା ଅଳଙ୍କାର ଠାବ ହୋଇଛି। ଅନୁଗୋଳର ତୁରଙ୍ଗରେ ଡିଏଫଓଙ୍କ ନାମରେ ଏକ ଚାରି ମହଲା କୋଠା ଅଛି। ପ୍ରାୟ ୯୦୦୦ ବର୍ଗଫୁଟ୍ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି। ବଡ଼ କଥା ହେଲା ଚଢଉ ସମୟରେ ଘରେ ଶାଗୁଆନ କାଠରେ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ମିଳିଛି। ଖଟ ଠାରୁ ଆରମ୍ଭ କରି ଘରର କବାଟ, ଚେୟାର, ଘର ଭିତରେ ଏକ ଖମ୍ବ ମଧ୍ୟ ଦାମୀ ଶାଗୁଆନ୍ ଠାକରେ ନିର୍ମିତ ହୋଇଛି। ହାତୀ ମୂର୍ତ୍ତି ପଞ୍ଚମୁଖୀ ହନୁମାନ, ଗଣେଶ, ରାଧା କୃଷ୍ଣ ଭଳି ଏକାଧିକ ଭଗବାନଙ୍କ ସୁନ୍ଦର ମୂର୍ତ୍ତି ଏହି ଶାଗୁଆନ କାଠରେ ନିର୍ମିତ ହୋଇଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ଘରୁ ଭିତରେ ଏକ ଛୋଟ ଅସ୍ତ୍ରାଗାର କରିଥିଲେ। ସେଥିରେ ଏକ ଦେଶୀ ବନ୍ଧୁକ, ଧନୁତୀର,ଫାର୍ସା, କୁରାଢ଼ି, ଟାଙ୍ଗିଆ ଆଦି ରଖିଥିଲେ। ଶିକାରୀଙ୍କ ଠାରୁ ଜବତ ହୋଇଥିବା ଏହି ଅସ୍ତ୍ରକୁ ନିତ୍ୟାନନ୍ଦ ଘରକୁ ଆଣି ସାଇତ ରଖୁଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ କେତେ ଟଙ୍କା ରହିଛି ତାହାକୁ ଭିଜିଲାନ୍ସ ଟିମ୍ ଛନ୍‌ଭିନ୍ କରୁଛି। ଦୁଇଟି ଚାରି ଚକିଆ ଏବଂ ୪ଟି ବାଇକ୍ ରହିଛି। ୧୫ଲକ୍ଷ ଟଙ୍କାର ଘରର ବିଭିନ୍ନ ଆସବାବପତ୍ର ରହିଛି। ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ଡିଏଫ୍‌ଓ ଦେଇ ପାରିନଥିଲେ। ଭିଜିଲାନ୍ସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଆସୁଛି ବଡ଼...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭଲ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ହାଲୁକା ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି।

### ୭୫ହଜାର ପରୀକ୍ଷାର୍ଥୀ...

କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପରୀକ୍ଷା ବାବଦକୁ ଗୋଟିଏ ପେପର୍ ପାଇଁ ୯୦୦ ଓ ଦୁଇଟି ପେପର୍ ପାଇଁ ୧୪୦୦ ଟଙ୍କା ଲେଖାଏଁ ଆବେଦନ ଫି' ନିଆଯାଇଥିଲା। ଏତେ ଟଙ୍କା ଆବେଦନ ଫି' ନେବା ପରେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଛି। ପ୍ରଶ୍ନପତ୍ର ଭାଇରାଲ୍ ପଛରେ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ଭୂମିକା ରହିଥିବା ଅଭିଯୋଗ ହୋଇଛି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ପ୍ରଶ୍ନପତ୍ର ସିଲ୍ ଖୋଲା ହୋଇନଥିବା ବେଳେ ଭାଇରାଲ୍ ପ୍ରଶ୍ନପତ୍ର ତା' ସହ ସମାନ ବୋଲି କର୍ତ୍ତୃପକ୍ଷ ଜାଣିଲେ କିପରି? ତେଣୁ ସେମାନଙ୍କ ଜାଣତରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ରାଜ୍ୟରେ ପ୍ରଶ୍ନପତ୍ର ବିକ୍ରି ଏକ ଶିଳ୍ପ ହୋଇଥିବା ବେଳେ ସେହି ଶିଳ୍ପପତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ଏଣୁ ବାରମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ହେଉଛି। ସେହିପରି ସିଲଡ୍ ପ୍ରଶ୍ନପତ୍ର ଆସନ୍ତାକାଲି ଅର୍ଥାତ୍ ୨୧ ତାରଖ ସୁଦ୍ଧା ବୋର୍ଡ ମୁଖ୍ୟାଳୟରେ ଦାଖଲ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲୁ ନଥିବାବେଳେ ନିଜ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ ସମସ୍ତ ପ୍ୟାକେଟ୍‌ର ସିଲ୍ ଯାଞ୍ଚ ହେବ। କେଉଁଠାରୁ ଭାଇରାଲ୍ ହୋଇଛି ତାର ତଦନ୍ତ କରାଯିବ।

### ୫ କିଲୋ ମାଗଣା...

କାମ ଶେଷ ହୋଇଥିଲା; ହେଲେ ପ୍ରକଳ୍ପରେ ପାଣି ରହିବା ଫଳରେ ସମସ୍ୟା ବଢି ଯାଇଛି। ପାହାଡ଼, ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟିର ପାଦଚଲା ରାସ୍ତା ଦେଇ ଲୋକଙ୍କୁ ୩୦ରୁ ୩୫ କିଲୋମିଟର ଯିବାକୁ ପଡୁଛି। ଫଳରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ସମ୍ଭବ ହୋଇ ନ ଥାଏ। ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ରାସ୍ତା ନାହିଁ। ଫଳରେ ଗର୍ଭବତୀ, ପ୍ରସୂତି ମହିଳା ଓ ରୋଗୀଙ୍କୁ ନେବା ଆଣିବା କଷ୍ଟକର ହୋଇପଡ଼ିଥିବା ବେଳେ ବହୁ ସମୟ ଖଟିଆରେ ବୋହି ୫/୧୦ କିମି ଦୂର ନେବାକୁ ପଡିଥାଏ। ତେଣୁ ଏହି ଗ୍ରାମବାସୀ ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୩୦/୩୫ କିମି ଦୂର ଅଟୋ, ଟ୍ରାକ୍ଟର, ପିକ୍‌ଅପ ଭ୍ୟାନ୍ ଭଡାକରି ପିଡ଼ିଏସ୍ ଚାଉଳ ଆଣିବା ପାଇଁ ନର୍ଲା ବ୍ଲକ ଛତିକୁଡ଼ା, ସଦର ବ୍ଲକ୍ ଦେପୁର, ଇଚ୍ଛାପୁର ଦେଇ ଗୁଣ୍ଡୁରୀ ପଞ୍ଚାୟତକୁ ଯିବାକୁ ପଡିଥାଏ।

ମାଗଣା ଚାଉଳ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ଏହି ଦୁର୍ଗମ ଅଞ୍ଚଳର ଗାଁ ଲୋକେ କହିଛନ୍ତି। ପଞ୍ଚାୟତ ପକ୍ଷରୁ ହାତୀମୁଣ୍ଡା ଗାଁଠାରେ କ୍ୟାମ୍ପ କରି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବାଙ୍କୁ ଗୁଣ୍ଡରି ପିଇଓ ଭତ୍ତା ଦେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏମାନଙ୍କ ପାଇଁ ବିଦ୍ୟୁତ୍ ସ୍ୱପ୍ନ ପାଲଟିଛି। ଏହି ପଞ୍ଚାୟତର ସୁସପଦର, ବରିଙ୍ଗପଦର, ଦାରବଙ୍ଗ, କାଚାଙ୍ଗଭଟା, ଗମପେନୁ, ବିଜେପୁର, କନ୍ଧ ସୁସପଦର ଗାଁକୁ ବିଜୁଳି ନାହିଁ। ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ କିମ୍ବା ପ୍ରଶାସନ ଶୁଣୁନି ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ୧୧ଟି ଗ୍ରାମବାସୀ ରାସ୍ତା ନ ଥିବା ଯୋଗୁଁ ବର୍ଷ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରଲାଞ୍ଜି ଗାଁଠାରୁ କାବାଗେଞ୍ଜୁ, ଶୋଷପଦର, ବରଙ୍ଗପଦର ଦେଇ ମନସ୍ଥରା ଗାଁ ପର୍ଯ୍ୟନ୍ତ ରାସ୍ତା ପାଇଁ ପଞ୍ଚାୟତବାସୀ ପ୍ରସ୍ତାବ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଏହି ୧୧ଟି ଗାଁକୁ ପଞ୍ଚାୟତ ମାତ୍ର ୫ରୁ ୧୫ କିମି ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ବଲଙ୍ଗା ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଫରୱାର୍ଡ ବ୍ଲକ୍

ଭୁବନେଶ୍ୱର, ୨୦।୭(ସମିସ): ବଲଙ୍ଗା ନାବାଳିକାକୁ ପୋଡ଼ି ଉଦ୍ୟମ ଘଟଣାରେ ଅଲ୍ ଇଣ୍ଡିଆ ଫରୱାଡର୍ ବ୍ଲକ ପକ୍ଷରୁ ଭୁବନେଶ୍ୱରରେ ଗଣ ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଦାୟିତ୍ୱହୀନତା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଇସ୍ତଫା ଦେବାକୁ ଫର୍‌ୱାଡର୍ ବ୍ଲକ୍ ଦାବି କରିଛି। ବଲଙ୍ଗା ଘଟଣାରେ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଏପରିକି ଉପମୁଖ୍ୟମନ୍ତ୍ରୀ ସବୁଆଡ଼େ ହାଜର ହୋଇଯାଉଥିଲେ ମଧ୍ୟ ନିଜ ନିର୍ବାଚନମଣ୍ଡଳୀର ଝିଅର ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ହସ୍ପିଟାଲକୁ ଗଲେ ନାହିଁ, ଯାହା ସମଗ୍ର ଘଟଣାକୁ ସନ୍ଦେହ ମଧ୍ୟକୁ ଠେଲି ନେଉଛି। ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ମହିଳା ଓ ଛାତ୍ରୀମାନଙ୍କ ଉପରେ ନିର୍ଯାତନା ବଢ଼ିବାରେ ଲାଗିଛି,




ଯାହା ଅତ୍ୟନ୍ତ ନିନ୍ଦନୀୟ। ଏହା ସରକାରୀ ଦାୟିତ୍ୱହୀନତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ ବୋଲି ପ୍ରତିବାଦ ସ୍ଥଳରେ ବକ୍ତବ୍ୟ ରଖି ଫରୱାଡର୍ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ଏହି ପ୍ରତିବାଦରେ ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ଶ୍ରମିକ ନେତା ସୁଶିଲ ଥାନପତି, ଆଜାଦ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବତୀ ଦଳେଇ, ଛାତ୍ରୀ ନେତ୍ରୀ ରିଙ୍କି ଆଜାଦ, ରାଜୁ ନାୟକ, ବିଜୟ ସାହୁ, ମାନି ନାୟକ, ଇଜନ ବଜ, ରାଜୁ ମାଡକାମୀ, ଅଭିରାମ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

**"ମା ଙ୍କ ନାମରେ ଗଛଟିଏ"**

**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମାଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି, ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧିନରେ ନିମ୍ନଲିଖିତ ୧୮ (ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ ଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ। ଅନୁଷ୍ଠାନମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟ ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦେବାକୁ ପଡ଼ିବ। ଏତଦ୍ ବ୍ୟତିତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକ ମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର:- (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ସରକାରୀ ଅନୁଷ୍ଠାନ ଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| କ୍ର. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣିଧରପାଲି | ୧୨୬୪୮ | ଶ୍ରୀ ତାପସ କୁମାର ଶତପଥି, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୨୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ. ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୨୮୨ |
| ୮ | ତାମଡା | ଧାତ୍ କିପୋଷ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆଓରାମ, ବନରକ୍ଷୀ | ୭୮୪୯୦୭୩୬୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ୍ କୁମାର ସାହୁ, ବନପାଳ | ୯୪୩୮୫୨୨୭୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଇଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଇଁସୀ ବାହାଳ | ୧୫୦୦୦ | ଶ୍ରୀ ପ୍ରତାପ ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲ ଡିହି | ୬୮୩୭ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଁଆ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୮୭୬୩୫୩୯୦୯୦ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଡ, ବନରକ୍ଷୀ | ୭୮୪୫୦୩୮୭୪୪ |
| | | ସମୁଦାୟ :- | ୭୨୯୧୫୨ | ବନଖଣ୍ଡ କାର୍ଯାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

# ଭଡ଼ାରେ ଚାଲିଛି ଅବକାରୀ ବିଭାଗ କାର୍ଯ୍ୟାଳୟ

ଯୋଡ଼ା, ୨୦।୭ (ସମିସ)




କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳ ବେଆଇନ୍ ମଦ କାରବାର ସହିତ ଅନ୍ୟାନ୍ୟ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଲାଣି। ବେଆଇନ୍ ମଦ ବିକ୍ରିରେ ସେତେ ପରିମାଣରେ ଅଙ୍କୁଶ ଲଗାଯାଇ ପାରିନାହିଁ। ସନ୍ଧ୍ୟା ହେଲେ ବିଭିନ୍ନ ଛକ, ଗଳି କନ୍ଦିରେ ଆଡ୍ଡା ଜମାଉଛନ୍ତି ମଦୁଆ। ମଦ ପିଇ କିଏ ଦୋକାନ ବାରଣ୍ଡାରେ ତ ଆଉ କିଏ ରାସ୍ତାକଡ଼ରେ। ଏଭଳି ସ୍ଥିତିରେ ମଦ ଧରପଗଡ଼ କ୍ଷେତ୍ରରେ ଅବକାରୀ ବିଭାଗ ସକ୍ରିୟ ହୋଇ ପାରୁନାହିଁ। ଯୋଡାରେ ଚୋରାମଦ କାରବାରକୁ ରୋକ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଇ ପାରୁନାହିଁ। ଏପରିକି ଅବକାରୀ କାର୍ଯ୍ୟାଳୟ ଚାଲିଛି ଭଡ଼ାଘରେ। ଦୀର୍ଘଦିନ ଧରି ଏଠାରେ ଅବକାରୀ ବିଭାଗ କାର୍ଯ୍ୟ କରୁଥିବା ବେଳେ ଏହି ଅସ୍ଥାୟୀ କାର୍ଯ୍ୟାଳୟ କୋଠାଟିରେ ମଦ ଧରପଗଡ଼ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ନା ଅଛି ହାଜତ ନା ଗୋଦାମ। ଏପରିକି ସ୍ୱଚ୍ଛନ୍ଦରେ ଚାଲିବାକୁ ଜାଗା ଟିକିଏ ନାହିଁ। ଫଳରେ ନାନା ସମସ୍ୟାରେ ଘାଣ୍ଟି ହେଉଛି ବିଭାଗ।

ଅବକାରୀ ଅଧିକାରୀମାନେ ଆସାମୀ ଧରିଲେ ବଡବିଲରେ ରଖିବାକୁ ବାଧ ହେଉଛନ୍ତି। କିଛି ମାସ ହେବ ଯୋଡା ଅବକାରୀ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଯୋଡା-ବଡବିଲ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ରନ୍ଧା ପ୍ରସ୍ତୁତ ହେଉଥିବା ସ୍ଥାନ ଯଥା ନଦୀକୂଳ ତଥା ହାଟିଂରେ ଅତର୍କିତ ଚଢଉ କରିଆସିଛି। ହେଲେ ଗିରଫ ଅଭିଯୁକ୍ତଙ୍କୁ ରଖିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ସେହି କାରଣରୁ ବିଭାଗୀୟ ଆନ୍ତରିକତା ମଦ ଧରପଗଡ଼ ପାଇଁ ରହୁ ନଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏହି କାର୍ଯ୍ୟାଳୟରେ ୭ ଜଣ କର୍ମଚାରୀଙ୍କ ବଦଳରେ ଅଛନ୍ତି ମାତ୍ର ୪ ଜଣ। ଏହି ନିଶା କାରବାରକୁ ରୋକିବା ଲାଗି ଯୋଡା ଅବକାରୀ ବିଭାଗର ନିଜସ୍ୱ ଗୃହ ଓ କର୍ମଚାରୀ ଅଭାବ ପ୍ରତିବନ୍ଧକ ସାଜିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳୁଛି। ଯୋଡ଼ାରେ ୯ଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ, ୩ଟି ବିଦେଶୀ ଠିପି ଖୋଲା ମଦ ଦୋକାନ ସହ ଗୋଟିଏ ଠିପି ଖୋଲା କ୍ଲବ ରହିଛି। ଯୋଡା ଓ ବାମେବାରୀ ଦୁଇଟି ଥାନା ସହ ବିଲେଇପଦା ଆଦି ଅଞ୍ଚଳ ପାଇଁ ଯୋଡା ଅବକାରୀ ବିଭାଗ କାର୍ଯ୍ୟ କରୁଛି ସତ କିନ୍ତୁ ନିଜସ୍ୱ ଗୃହ ନଥିବାରୁ ଏହି କାର୍ଯ୍ୟାଳୟଟି ଆଜାଦବସ୍ତିରେ ଏକ ଭଡା ଘରେ ଚାଲିଛି। ଖଣି ଅଞ୍ଚଳରୁ ସର୍ବାଧିକ ରାଜସ୍ୱ ପାଉଥିବା ବେଳେ ଯୋଡାରେ ଏକ ଅବକାରୀ କାର୍ଯ୍ୟାଳୟ ଖୋଲିବା ଦିଗରେ ସ୍ଥାନୀୟ ପ୍ରଶାସନର ଟାଳଟୁଳ ନୀତି ଯୋଗୁଁ ଏପର୍ଯ୍ୟନ୍ତ ଅବକାରୀ ବିଭାଗର ନିଜସ୍ୱ କାର୍ଯ୍ୟାଳୟଟି ହୋଇ ପାରିଲା ନାହିଁ। ତେବେ ଏନେଇ ଯୋଡା ଅବକାରୀ ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ପରିଡ଼ା କହିଛନ୍ତି, ସରକାରଙ୍କ ତରଫରୁ ଅବକାରୀ କାର୍ଯ୍ୟାଳୟ ନିମନ୍ତେ ଜାଗା ଚିହ୍ନଟ ପ୍ରକ୍ରିୟା ହେଉଛି। ଖୁବ୍ କମ୍ ଦିନ ମଧ୍ୟରେ ଅବକାରୀ କାର୍ଯ୍ୟାଳୟ ଜାଗା ଚିହ୍ନଟ ହେବ।

## ପୋଖରୀରେ ବୁଡ଼ିଗଲେ ଦୀନବନ୍ଧୁ

କେନ୍ଦୁଝର,୨୦।୭ (ସମିସ): କଇଁ ତୋଳୁ ତୋଳୁ ପୋଖରୀରେ ବୁଡ଼ିଗଲେ ବୃଦ୍ଧ। ଘଟଣା ଘଟିଛି କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଟିକରପଡା ଗାଁରେ। ମୃତ ବୃଦ୍ଧ ଜଣଙ୍କ ହେଲେ ମହାଦେଇଯୋଡା ପଞ୍ଚାୟତ ମଦରଙ୍ଗାଯୋଡି ଗାଁର ଦୀନବନ୍ଧୁ ମହାନ୍ତ (୬୫)। ଆଜି ଘରେ ପୂଜା ଥିବାରୁ ସେ ସକାଳ ସାଢେ ୮ଟାବେଳେ ଟିକରପଡା ଗାଁର ପୋଖରୀକୁ କଇଁଫୁଲ ତୋଳିବାକୁ ପାଣିରେ ପଶିଥିଲେ। ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡିଯାଇଥିଲେ। ଖବର ପାଇ କେନ୍ଦୁଝର ଅଗ୍ନିଶମ ବିଭାଗ କର୍ମଚାରୀ ଗଭୀର ପାଣିରେ ଥିବା ଲଟାବୁଦା ଦଳ ଭିତରୁ ଦୀନବନ୍ଧୁଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ସଦର ପୁଲିସ ଏସ୍ଆଇ ସ୍ୱରୂପ ରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ କରିଥିଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ତାଙ୍କର ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ବିଧାୟକ



ତେଲକୋଇ, ୨୦।୭ (ସମିସ): ଗତ ୧୬ ତାରିଖ ବଜ୍ରପାତରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶୋକସନ୍ତପ୍ତ ପରିବାରକୁ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଭେଟି ସମବେଦନା ଜଣାଇଛନ୍ତି। ବିଞ୍ଝବାହାଲ ଗ୍ରାମର ଶାଶୂ-ବୋହୂ ରୁକ୍ମଣୀ ନାୟକ ଓ ଲବଣୀ ନାୟକ ଏବଂ ଶିବନାରାୟଣପୁର ଗୋଡାର ବିପିନ ବିହାରୀ ନାୟକଙ୍କ ବଜ୍ରାଘାତରେ ମୃତ୍ୟୁ ହୋଇଥିଲା। ରବିବାର ବିଧାୟକ ଡାକ୍ତର ନାଏକ ବିଞ୍ଝବାହାଲ ଓ ଶିବନାରାୟଣପୁର ଗୋଡାରେ ମୃତକଙ୍କ ଘରକୁ ପହଞ୍ଚି ସାନ୍ତ୍ୱନା ପ୍ରଦାନ କରିବା ସହ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହ ତାଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ ଓ ବିଜେପିର ମଣ୍ଡଳ ସଭାପତି ବଟକୃଷ୍ଣ ମୁଖିଙ୍କ ସମେତ ଅନ୍ୟ ସହଯୋଗୀ ମଧ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜିଲ୍ଲାସ୍ତରୀୟ ସମୀକ୍ଷା




କେନ୍ଦୁଝର, ୨୦।୭ (ସମିସ): କେନ୍ଦୁଝର ଜିଲ୍ଲାର ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ସମୀକ୍ଷା ବୈଠକ ଶନିବାର କେନ୍ଦୁଝର ଡି.ଏନ୍. ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ହୋଇଥିବା ଏହି ବୈଠକରେ ନିର୍ଦ୍ଦେଶକ ରଘୁରାମ ଆର. ଆୟାର ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ଓ ପ୍ରଶାସନ ସମ୍ପର୍କୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ୨୦୨୪-୨୫ ଶିକ୍ଷାବର୍ଷର ନାମଲେଖାର ସ୍ଥିତି , ଫଳାଫଳ ବିଶ୍ଳେଷଣ, ଛାତ୍ର ଓ ଶିକ୍ଷକ ଉପସ୍ଥିତି, ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ୟାରିଅର୍ ଗାଇଡେନ୍ସ ଉପରେ ୱେବିନାର୍ ସମ୍ପର୍କରେ ରିପୋର୍ଟ ପ୍ରଦାନ କରାଯାଇଥିଲା। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ମିଳିଥିବା ଅନୁଦାନର ଅବସ୍ଥା ଓ ବ୍ୟୟ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଭିତ୍ତିଭୂମି ଅନୁଦାନ ଓ ଛାତ୍ରବୃତ୍ତି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।

## ଲକ୍ଷ୍ମୀନାରାୟଣ ହାଇସ୍କୁଲରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ




ରାମଚନ୍ଦ୍ରପୁର, ୨୦।୭ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଲକ୍ଷ୍ମୀନାରାୟଣ ହାଇସ୍କୁଲରେ ତିନି ଦିନ ଧରିଏକ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶତୃଘ୍ନ ସାହୁଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମୋନାଲିସା ରାଉତ ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶନୀ ବୁଲି ଦେଖାଇଥିଲେ। ପ୍ରକଳ୍ପର କମ୍ୟୁନିକେଟର ସୁଶାନ୍ତ ବେହେରା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ଦରିଦ୍ର ନାରାୟଣ ବିଦ୍ୟାପୀଠ ଅଲତି, କଲ୍ୟାଣୀ ଗଡବାନ୍ଧଗୋଡା, ବଳରାମଧୀର ପୁରୁଣାବାନ୍ଧଗୋଡା, ଖଣ୍ଡୁରୀମାତା ବଡପଦନା, ଆଞ୍ଚଳିକ ଗୋପବନ୍ଧୁ ବିଦ୍ୟାପୀଠ କୃଷ୍ଣପୁର, ନେହରୁ ହାଇସ୍କୁଲ ସାଇଁକୁଳ, ଓଁମା ସରସ୍ୱତୀ ଗଁପୁର ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଲକ୍ଷ୍ମୀନାରାୟଣ ହାଇସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ସମେତ ବିଭିନ୍ନ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ବଜ୍ରପାତରେ ଜଳିଗଲା ଘର

ଆନନ୍ଦପୁର, ୨୦।୭ (ସମିସ): ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କଲାବିଲା ଗାଁରେ ବଜ୍ରପାତ ହୋଇ ବୁଧୁ ମୁଣ୍ଡାଙ୍କ ଘର ଜଳିଯାଇଛି। ଜୀବନ ରକ୍ଷା ପାଇଁ ପରିବାରବର୍ଗ ବାହାରି ଆସିଥିବା ବେଳେ ଘରର ସମସ୍ତ ଆସବାବ ପୋଡ଼ି ନଷ୍ଟ ହୋଇଯାଇଛି। ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ବଜ୍ରପାତ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା। ବୁଧୁ ପାଖ ପଡ଼ିଆକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଅଘଟଣ ଘଟିଥିଲା। ଘସିପୁରା ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବନେତା ପ୍ରଦୀପ ବେହେରା ଦାବି ଜଣାଇଛନ୍ତି।

## ଚଟପଟି ଆଚାର ଦେଇଛି ଅନାମ ଭାଇଙ୍କୁ ପରିଚୟ

ରାମଚନ୍ଦ୍ରପୁର,୨୦।୭ (ସମିସ): ଆଚାର ଦେଇଛି ପରିଚୟ। ଅନାମ ଭାଇର ଆଚାର କଥା ମନେ ପଡିଲେ ପାଟିରୁ ଲାଳ ବାହାରି ଆସେ। ଖଟାମିଠା, ଆମ୍ବ, ଲେମ୍ବୁ, କୋଳି, ଓଉ, ଗାଜର ସମେତ ଅନେକ କିସମର ଆଚାର ନିଜେ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ସ୍ଥାନୟ ଅଞ୍ଚଳର ସ୍କୁଲ କଲେଜଠାରୁ ଆରମ୍ଭ କରି ଛକ ବଜାରରେ ଅନାମ ସାହୁଙ୍କ ଆଚାରର ଢେର ସାରା ଚାହିଦା। ଘର ଘସିପୁରା ବ୍ଲକ ବଡପଦନା ଗାଁରେ। ବୟସ ପଞ୍ଚାବନ ଟପିଲାଣି। ଛୋଟ ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଅନାଇଥାନ୍ତି ଅନାମ ଭାଇଙ୍କ ସୁଆଦିଆ, ଚଟପଟି ଆଚାରକୁ। କରୋନା ମହାମାରୀ ପରଠାରୁ କାମଧନ୍ଦା ନପାଇ ନିଜ ଉଦ୍ୟମରେ ଘରେ ବିଭିନ୍ନ ପ୍ରକାରର ଆଚାର ତିଆରି କରି ବିକ୍ରିବଟା କରୁଛନ୍ତି। ଆଚାର ପ୍ରସ୍ତୁତିରେ ପତ୍ନୀ ତାଙ୍କୁ ସହଯୋଗ କରିଥାନ୍ତି। ପାଗ ଯୋଗ ସାଙ୍ଗକୁ ଆଚାର ପ୍ରସ୍ତୁତି ପୁରା ମନପ୍ରାଣ ଢାଳି ଦିଅନ୍ତି। ସେଥିପାଇଁ ତାଙ୍କ ହାତ ତିଆରି ଆଚାର ବେଶ ସୁଆଦିଆ ହୋଇଥାଏ ବୋଲି ଲୋକେ କହନ୍ତି। ଆଜକୁ ୨୫ ବର୍ଷ ଧରି ଚଟପଟି ଆଚାର ବେପାର କରି ନିଜ ପରିବାର ପୋଷଣ କରିବା ସହ ବେଶ୍ ଦିପଇସା ରୋଜଗାର କରିପାରୁଛନ୍ତି। ସ୍ଥାନୀୟ ଅଞ୍ଚଳର ସ୍କୁଲ, ଛକ ବଜାର ଆଚାର ବେପାରର ପ୍ରକୃଷ୍ଟ ସ୍ଥାନ। ଅନାମ ଭାଇ ଯାହା ଆଚାର ବିକ୍ରି ପାଣି ଆଣିଥାନ୍ତି ସେଥିରୁ ପ୍ରାୟ ୨୫ ଶତକଡା ବିନା ମୂଲ୍ୟରେ ଗରାଖଙ୍କୁ ବାଣ୍ଟି ଦେଇଥାନ୍ତି। ଆଚାରର ପ୍ରକାର ଭେଦ ଅନୁସାରେ କେଜି ପ୍ରତି ୬୦ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଥାନ୍ତି। ଅନେକ ଲୋକେ କାମଧନ୍ଦା ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଅନାମ ଭାଇ ଆଚାର ବେପାର କରି ପରିବାର ପୋଷଣରେ ସହାୟକ ହେବା ସହ ଆଜିକାଲିର ସମାଜ ପାଇଁ ଉଦାହରଣ ସାଜିଛନ୍ତି।



## ବିଡିଓଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀଙ୍କୁ ସିଆରପି ସିଏମ ସଂଘର ଦାବି



ଆନନ୍ଦପୁର/ରାମଚନ୍ଦ୍ରପୁର, ୨୦।୭ (ଇମିସ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆରପି ସିଏମ୍ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଥିଲେ। ବର୍ତ୍ତମାନ ସିଆରପି ସିଏମ୍ ମାନଙ୍କୁ ମାସିକ ଭତ୍ତା ପ୍ରଦାନ ବଦଳରେ କାର୍ଯ୍ୟ ଅନୁଯାୟୀ ଇନ୍‌ସେନ୍‌ଟିଭ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଚିଠି କରାଯାଇଛି। ପୂର୍ବରୁ ଆସୁଥିବା ପାରିଶ୍ରମିକ ଅର୍ଥ କମିଯିବା ଫଳରେ କାର୍ଯ୍ୟରତ ସିଆରପି ସିଏମ୍‌ଙ୍କର ମନରେ ଘୋର ଅସନ୍ତୋଷ ଦେଖା ଦେଇଛି। ସିଆର୍‌ପି ସିଏମ୍ ମାନଙ୍କ ପାଇଁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ ହଜାର ଟଙ୍କା ପ୍ରଦାନ କରାଯାଉ, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ପ୍ରଦାନ କରାଯାଉ, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ଦିଆଯାଉ ଏବଂ ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ଭଳି ବିଭିନ୍ନ ଦାବି ରଖି ରାଜ୍ୟର ସମସ୍ତ ସିଆରପିସିଏମ୍ ସଂଘ ଉପ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ, ଘଷିପୁରା ବ୍ଲକର ସିଆରପି ସିଏମ୍ ସଂଘ ସଭାପତି ଉର୍ମିଳା ଜେନା ସମ୍ପାଦିକା ସୋନିଆଁ ଜେନା ୨୫ଟି ପଞ୍ଚାୟତର ସିଆରପି ସିଏମ ପକ୍ଷରୁ ଘସିପୁରା ବିଡିଓ ବିନୀତା ବିଜୟିନୀଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି।

## ଶାଳପଡ଼ା ସର୍ଭିସ୍ ରୋଡ୍ ପାଇଁ ପ୍ରତିଦିନ ରାସ୍ତା ଅବରୋଧ



ଆନନ୍ଦପୁର, ୨୦।୭ (ସମିସ): ବର୍ଷା ଅସରାଏ ହେଲେ ସୁତୁସୁଡ଼ିଆ ବାଇପାସ ଏବଂ ଶାଳପଡା ସର୍ଭିସ ରୋଡ ଅବସ୍ଥା ବେହାଲ। ଆଜକୁ ୮ ମାସ ହେବ ଅବସ୍ଥାରେ ସୁଧାର ଆସୁ ନଥିବା ପ୍ରତିବାଦରେ ପ୍ରତିଦିନ ସ୍ଥାନୀୟ ଅଧିବାସୀ ରାସ୍ତା ଅବରୋଧ କରୁଥିବା ପ୍ରଶାସନ ଓ ପୁଲିସ ପାଇଁ ଚିନ୍ତାର କାରଣ ହୋଇଛି। ଦୁଇପାର୍ଶ୍ୱ ସର୍ଭିସ ରୋଡ ପିଚୁ ହୋଇ ନଥିବାରୁ ରାସ୍ତା ସାରା ଖାଲ ପୁଣି ବିରାଟ ଗାଡ଼ରେ ବର୍ଷା ପାଣି ଜମି ରହି ପୋଖରୀ ଭଳି ପରିସ୍ଥିତି ହୋଇଥିବାରୁ ଯାନବାହନ ଫସି ଯାଇ ରାସ୍ତା ଜାମ ହେଉଥିବାରୁ ଯାତାୟାତ ଘଣ୍ଟା ଘଣ୍ଟା ଧରି ବନ୍ଦ ହୋଇଯାଉଛି। ଅବଧି ଶେଷ ପରେ ବି ନିର୍ମାଣକାରୀ ଠିକାସଂସ୍ଥା ଅଣ୍ଡରପାସ ନିର୍ମାଣ ମନ୍ଥର ଗତିରେ ଚଳାଇ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ପରେ ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ସର୍ଭିସ ରୋଡ୍‌ରେ ୫ଫୁଟରୁ ଅଧିକ ପାଣି ଜମି ରହିଛି। ଯିବାଆସିବା ସମ୍ଭବ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶାଳପଡ଼ା ଅଞ୍ଚଳରେ ଜଳ ନିଷ୍କାସନ ହୋଇ ନପାରି ଆଇଟିଆଇ ପାର୍ଶ୍ୱରେ ୫ ଫୁଟରୁ ଅଧିକ ପାଣି ଜମି ରହୁଛି। ସ୍ଥାନୀୟ ଲୋକ ଓ ବ୍ୟବସାୟୀମାନେ ଆଜି ରାସ୍ତା ଅବରୋଧ କରିବା ସହ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ଗତ ୮ ମାସ ହେଲା ଜାତୀୟ ରାଜପଥ ନିର୍ମାଣ କାମ ଶେଷ ହେଉ ନଥିବାରୁ ସର୍ଭିସ୍ ରୋଡ୍‌ରେ ବହୁ ସଂଖ୍ୟାରେ ଗାଡ଼ି ଯାତାୟାତ କରୁଛି। ରାସ୍ତା ଖରାପ ହେବାରୁ ସମସ୍ୟା ଦେଖାଦେଇଛି। ଚଳିତ ଜୁଲାଇ ଶେଷ ସୁଦ୍ଧା ଜାତୀୟ ରାଜପଥ ନିର୍ମାଣ ଶେଷ କରିବାକୁ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଛି। ସମୟ ଆଉ ମାତ୍ର ୧୫ଦିନ ଥିବାବେଳେ ନିର୍ମାଣ ଶେଷ ନେଇ ଆଶଙ୍କା ପ୍ରକାଶ ପାଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ଠିକାସଂସ୍ଥା ତୁରନ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ଦାବି ହୋଇଛି।

## ବାଲୁଙ୍କେଶ୍ୱର କଳାକାର ସଂଘର ନୂତନ କର୍ମକର୍ତ୍ତା



ଆନନ୍ଦପୁର, ୨୦।୭ (ସମିସ): କେନ୍ଦୁଝରର ସର୍ବପୁରାତନ ତଥା ଓଡ଼ିଶାର ଦ୍ୱିତୀୟ ବଡ଼ ଗାଁ ଫକୀରପୁର କଳା ସାହିତ୍ୟ ସଂସ୍କୃତିର ଏକ ଅନ୍ୟତମ ପରିଚୟ। ଗାଁର ଶତକଡା ନବେ ଭାଗ ଲୋକ ଶିକ୍ଷିତ ଅଟନ୍ତି ଆଉ ଶିକ୍ଷକ, କବି ଲେଖକ ଓ କଳାକାର ମଧ୍ୟ। ଶତାଧିକ କଳାକାରଙ୍କୁ ନେଇ ଗଠିତ ହୋଇଛି ବାବା ବାଲୁଙ୍କେଶ୍ୱର କଳାକାର ସଂଘ। ଯାହା ଦ୍ୱାରା ଗାଁ ଓ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ବିଗତ ବର୍ଷରୁ ପ୍ରଦର୍ଶିତ ହୋଇଆସୁଛି। ସେଥିମଧ୍ୟରୁ ଘୋଡ଼ା ନାଚ, କେଳା ତାମସା, ଯାତ୍ରା, ବିଲୁପ୍ତ ପ୍ରାୟ ଘୁମୁରା ନୃତ୍ୟ, ଦାସ କାଠିଆ, ପାଲା, ଓଡ଼ିଶୀ ନୃତ୍ୟ, ସଂଗୀତ, ବାଦ୍ୟଯନ୍ତ୍ର ବ୍ୟବହାର କଳା ଓ ନୃତ୍ୟ ଆଦି ଅନେକ କଳା ପ୍ରଦର୍ଶନ ହୁଏ କରାଯାଏ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି; ଯା। ତିନି ବର୍ଷ ପାଇଁ କାର୍ଯ୍ୟକାରୀ ହୋଇ ରହିବ ବୋଲି କମିଟିର ବରିଷ୍ଠ କଳାକାର ନିରଞ୍ଜନ ଚାନ୍ଦ୍ ପ୍ରକାଶ କରିଛନ୍ତି। ତାଙ୍କ ସଭାପତିତ୍ୱରେ ଏକ ବୈଠକରେ ସଂଘର ସଭାପତି ଭାବେ ଶିକ୍ଷକ ତଥା ଲେଖକ ଓ କଳାକାର ସରୋଜ କୁମାର ସାହୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବରେ ଅଭିନେତା କ୍ଷୀରୋଦ କୁମାର ଦାସ ଓ ସମ୍ପାଦକ ଭାବେ ସାମ୍ବାଦିକ ତଥା କଳାକାର ଅନୀଲ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ଉପସଭାପତି ନିରଞ୍ଜନ ଚାନ୍ଦ୍ ଓ ସହସମ୍ପାଦକ କଣ୍ଠ ଶିଳ୍ପୀ ବିଶ୍ୱମାୟା ଦାସ, ସଂଗଠନ ସମ୍ପାଦକ ବରିଷ୍ଠ କଳାକାର ନାରାୟଣ ସୁର, ସାଂସ୍କୃତିକ ସମ୍ପାଦକ ଭାବେ ତବଲା ବାଦକ କାମଦେବ ଗୁଇଁ ଏବଂ କୋଷାଧ୍ୟକ୍ଷ ରୂପେ କଳାକାର ପୂର୍ଣ୍ଣଚନ୍ଦ୍ର ଷେଣ୍ଢଙ୍କୁ ନିର୍ବାଚିତ କରାଯାଇଛି। କାର୍ଯ୍ୟକାରୀ କମିଟି ପାଇଁ ଭରତଚନ୍ଦ୍ର ଦାସ, ଗୋବିନ୍ଦଚନ୍ଦ୍ର ଦାସ, କୈଳାସଚନ୍ଦ୍ର ଦାସ, ଚିନ୍ତାମଣି ଦାସ, ଜ୍ୟୋସ୍ନାରାଣୀ ଦାସ, ପଦ୍ମଲୋଚନ ଚାନ୍ଦ, ଭିକାରି ମହାନ୍ତି, ହରିହର ବେହେରା, ସୁରେନ୍ଦ୍ର ପାତ୍ର, ନାରାୟଣ ନାହାକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହାର ଉପଦେଷ୍ଟାମଣ୍ଡଳୀରେ ଶ୍ରୀଧର ସାହୁ, ବଳେନ୍ଦ୍ର ନାରାୟଣ ସାହୁ, ନୃସିଂହ ଦତ୍ତ, ବୈଲୋଚନ ସୂତାର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ନରୋତ୍ତମ ଦାସ ପ୍ରମୁଖଙ୍କୁ ରଖାଯାଇଛି। ହରିହର ଦାସ, ପ୍ରାଣକୃଷ୍ଣ ଦାସ, ଘନଶ୍ୟାମ ରଣା, ବସନ୍ତ ସାହୁ, ପରିକ୍ଷିତ ଦାସ, ପ୍ରସନ୍ନ ଦାସ, ହରିହର ସୁର, ମାଳତୀ ଚାନ୍ଦ, ସାବିତ୍ରୀ ଗୁଇଁ, ପ୍ରଦୀପ ରାମ୍, ରମାକାନ୍ତ ଓଝା, ଗୋପାଳଚନ୍ଦ୍ର ଦାସ ଆଦି କଳାକାର ଉପସ୍ଥିତ ଥିଲେ।

## ଦେଖୁନି କି ଶୁଣୁନି ବି ପ୍ରଶାସନ






ଘଷିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମବାସୀଙ୍କ ଅସରନ୍ତି ଦୁଃଖ

■ ଅବ୍ୟବସ୍ଥା ଘେରରେ ସାଇଁକୁଲ ନେହରୁ ହାଇସ୍କୁଲ

# ଭିତ୍ତିଭୂମି ଅସଜଡ଼ା, ନାହାନ୍ତି ସ୍ଥାୟୀ ପ୍ରଧାନଶିକ୍ଷକ



ରାମଚନ୍ଦ୍ରପୁର, ୨୦।୭(ସମିସ): ଘସିପୁରା ବ୍ଲକ ସାଇଁକୁଲସ୍ଥିତ ନେହରୁ ହାଇସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀରେ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟଟି ନାମକୁ ମାତ୍ର ସ୍ମାର୍ଟ ସ୍କୁଲର ମାନ୍ୟତା ପାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସଭାଗୃହଟିଏ ନାହିଁ। ସମୁଦାୟ ଚାରୋଟି ସେକ୍ସନ ଥିବା ବେଳେ ତିନୋଟି ବଡ କ୍ଲାସ୍ ରୁମ୍, ଆଉ ଗୋଟିଏ ସେକ୍ସନର ପିଲାମାନେ ବହୁ କଷ୍ଟରେ ବସୁଛନ୍ତି। କର୍ମଚାରୀଙ୍କ ପାଇଁ ଥିବା ସାଧାରଣ ଗୃହଟି ଆଜବେଷ୍ଟସ ଛାଉଣୀ ଥିବା ବେଳେ ବର୍ଷା ଦିନେ ପାଣି ଗଳୁଥିବାରୁ ବହୁ ଅସୁବିଧା ହେଉଛି। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଦୀର୍ଘଦିନ ହେବ ଖାଲି ପଡିଥିବାରୁ ସହକାରୀ କଳା ଶିକ୍ଷୟିତ୍ରୀ ଲିଲିମା ଖୁଣ୍ଟିଆ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଅଛନ୍ତି। ତିନି ଜଣ ପିଅନ ପୋଷ୍ଟ ଥିବା ସତ୍ତ୍ୱେ ଜଣେ ମାତ୍ର ପିଅନ ଅଛନ୍ତି। ରାତ୍ର ଜଗୁଆଳି ଏବଂ କିରାଣି ପଦ ଖାଲି ପଡିଛି। ଏସବୁ କାରଣରୁ ଶିକ୍ଷାଦାନରେ ଘୋର ବାଧା ଉପୁଜିଥିବା ପରିଲକ୍ଷିତ ହେଉଛି। ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ ଦିଗରେ ଯତ୍ନବାନ ହେବାକୁ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

# ୨୪ରୁ ଡିଡି ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଆଲୋଚନାଚକ୍ର



କେନ୍ଦୁଝର, ୨୦।୭(ସମିସ): କେନ୍ଦୁଝରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ଦ୍ୱାରା ଅନୁଷ୍ଠିତ ହେବ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମିଳନୀ ଏବଂ ଆଲୋଚନାଚକ୍ରର ଶୃଙ୍ଖଳା। ଏହି ଶୃଙ୍ଖଳାରେ ଦେଶ ବିଦେଶରୁ ଶହେ ଜଣରୁ ଅଧିକ ବିଷୟ ବିଶାରଦ ଯୋଗ ଦେଇ ସେମାନଙ୍କର ତାତ୍ତ୍ୱିକ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିସହିତ ଏହି ଆଲୋଚନାଚକ୍ରରେ ଦୁଇଶହରୁ ଅଧିକ ଗବେଷକ ସେମାନଙ୍କର ପ୍ରବନ୍ଧ ପାଠ କରିବେ। ଦୁଇହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ଶୃଙ୍ଖଳାରେ ଅଂଶଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି। ଏହି ଆଲୋଚନାଚକ୍ର ଆୟୋଜନ କରୁଥିବା ବିଭାଗ ଓ ଆଲୋଚନାଚକ୍ରର ବିଷୟଗୁଡ଼ିକ ତିନି ଦିନ ପାଇଁ ପୂର୍ବ ନିର୍ଦ୍ଧାରିତ ହୋଇସାରିଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଗବେଷଣା କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ମତବ୍ୟକ୍ତ କରିଛନ୍ତି।

# ଓୟୁଜେ କେନ୍ଦୁଝର ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ନାରଦପୁର, ୨୦।୭ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଫାର୍ମ ହାଉସରେ ଓୟୁଜେ କେନ୍ଦୁଝର ଜିଲ୍ଲା ଶାଖା ସଭାପତି କ୍ଷେତ୍ରବାସୀ ମହାକୁଡଙ୍କ ୮୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କୁ ନାରଦପୁର୍ ପ୍ରେସ କ୍ଲବର ସଭାପତି କିଶୋର ନାଏକଙ୍କ ତତ୍ତ୍ୱାବଧାନରେ ସାମ୍ବାଦିକମାନେ ସଂଘ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଦୀର୍ଘାୟୁକାମନା କରିଛନ୍ତି। ନିତ୍ୟାନନ୍ଦ ମହାକୁଡ, ନିଶ୍ଚିନ୍ତପୁର ପୂର୍ବତନ ସରପଞ୍ଚ ରୋହିତ ନାଏକ, ଭାରତୀୟ ମଜଦୁର ସଂଘ କେନ୍ଦୁଝର ଜିଲ୍ଲା ସଭାପତି ତଥା ସାମ୍ବାଦିକ ବାବୁଲାଲ ମହାନ୍ତ, ସାମ୍ବାଦିକ ମହେନ୍ଦ୍ର ମହାନ୍ତ, ସାମ୍ବାଦିକ ମନୋଜ ମହାନ୍ତ, ସାମ୍ବାଦିକ ଦେବାନନ୍ଦ ମାର୍ଲା, ସାମ୍ବାଦିକ ପ୍ରଭାକର ମହାନ୍ତ, ସାମ୍ବାଦିକ ଜଗଦୀଶ ବାରିକ, ଚିନ୍ତାମଣି ନାଏକ, ଦୁଃଶାସନ ମହାନ୍ତ ଯୋଗ ଦେଇଥିଲେ।



୧୧ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ

# ୨୮ଟି ଜରାଜୀର୍ଣ୍ଣ, ୧୨ ବିପଦସଙ୍କୁଳ

ବାଲିବନ୍ଧ, ୨୦।୭(ସମିସ):



ଝୁମ୍ପୁରା ଅଞ୍ଚଳରେ ଆଜିବି ସୁଦୃଢ଼ ହୋଇପାରିନି ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା। କେଉଁଠି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ ତ କେଉଁଠି ଜରାଜୀର୍ଣ୍ଣ ଏବଂ ବିପଦସଙ୍କୁଳ ହୋଇ ପଡ଼ିଛି। ମମତା ଗୃହ ଅଥବା ଭଡ଼ା ଘରେ ଚାଲିଛି ଶିକ୍ଷାଦାନ। କିଛି କିଛି ସ୍ଥାନରେ ବିପଦସଙ୍କୁଳ କୋଠାରେ ମଧ୍ୟ ବସୁଛନ୍ତି ଶିଶୁ। କୁଟୁଗାଁ ଗ୍ରାମପଞ୍ଚାୟତର ଚିପିଣ୍ଡା ଅଙ୍ଗନବାଡି କେନ୍ଦ୍ର ତନ୍ମଧ୍ୟରୁ ଗୋଟିଏ। ବର୍ତ୍ତମାନ ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରେ ମୋଟ ୨୩୭ଟି ଅଙ୍ଗନବାଡ଼ି କାର୍ଯ୍ୟକ୍ଷମ ରହିଥିବାବେଳେ ୬୩୦୦ରୁ ଅଧିକ ଶିଶୁ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ମୋଟ ୨୩୭ଟି ମଞ୍ଜୁରୀପ୍ରାପ୍ତ ଅଙ୍ଗନବାଡ଼ି କର୍ମୀ ପଦ ରହିଥିବାବେଳେ ୪ଟି ପଦ ଖାଲି ପଡ଼ିଛି। ସେହିଭଳି ୩ଟି ସହାୟିକା ପଦ ଖାଲି ପଡ଼ିଛି। ତେବେ ୨୩୭ଟି କେନ୍ଦ୍ର ନିମନ୍ତେ ଆବଶ୍ୟକ କୋଠା ନଥିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ପଞ୍ଚାୟତ ଅଧୀନ ୧୧ଟି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ହୋଇ ପାରି ନଥିବାବେଳେ ୨୮ଟି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି। ସେଥିମଧ୍ୟରୁ ୧୨ଟି କେନ୍ଦ୍ର ସମ୍ପୂର୍ଣ୍ଣ ବିପଦସଙ୍କୁଳ ଘୋଷଣା ହୋଇ ସରିଛି। ଅସନପାଟ ପଞ୍ଚାୟତର ମାମୁଲିଯୋଡା, ନହବେଡ଼ା ପଞ୍ଚାୟତ ମନ୍ଦିର ସାହି, ଗୁମୁରା ପଞ୍ଚାୟତର ହୀରାପୁର, ଅର୍ଶଳା ପଞ୍ଚାୟତର କଲେଜ ସାହି, କୁଟୁଗାଁ ପଞ୍ଚାୟତର ବ୍ରହ୍ମଣିଝରୀ -୨, ନୟାଗଡ଼ ପଞ୍ଚାୟତର ବ୍ରହ୍ମଣିଡିହି-୨, ବସନ୍ତପୁର ପଞ୍ଚାୟତର ନଇବୁଗା ରୋଡସାହି, ମଲଦା ପଞ୍ଚାୟତର କାଶିଆ-୨, ମଲଦା-୨ ଏବଂ ଧନୁର୍ଜୟପୁର-୨ କେନ୍ଦ୍ରଗୁଡ଼ିକର ନିଜସ୍ୱ କୋଠା ନଥିବାବେଳେ ଅସନପାଟ ପଞ୍ଚାୟତର ଧାତିକା, ବାଲିବନ୍ଧର ରଜାବସା, ଚଉଠିଆର ବାରୁଣା, ଗୁମୁରାର ବଳଭଦ୍ରପୁର-୧, ଝୁମ୍ପୁରାର ବିଷ୍ଣୁପୁର, କୁଟୁଗାଁର ନାଉପାଣି, ମଲଦାର ଧନୁର୍ଜୟପୁର ଏବଂ କାଶିଆ, ବଡନେଉଳୀର ପୋଡ଼ାସିମିଳା-୧ ଏବଂ ସିଲିଟିଆ, ନୂଆ ଧନୁର୍ଜୟପୁରର ନାଗର ପାଳ ଏବଂ ବାରିଆ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କୋଠା ଦୀର୍ଘ ବର୍ଷ ହେଲା ସମ୍ପୂର୍ଣ୍ଣ ବିପଦସଙ୍କୁଳ ଘୋଷଣା ହୋଇ ସାରିଛି। ସେହିପରି ୧୬ଟି ଅଙ୍ଗନବାଡ଼ି କେନ୍ଦ୍ର କୋଠା ଜରାଜୀର୍ଣ୍ଣ ହୋଇ ପଡ଼ିଛି। ଏଗୁଡିକ ମଧ୍ୟରୁ କିଛି କେନ୍ଦ୍ର ମମତା ଗୃହରେ ଚାଲିଥିବା ବେଳେ ଆଉ କିଛି ଭଡ଼ା ଘରେ ଚାଲିଛି। ତେବେ କୁଟୁଗାଁ ପଞ୍ଚାୟତର ଚିପିଣ୍ଡା ଭଳି ଅନେକ କେନ୍ଦ୍ର ଜରାଜୀର୍ଣ୍ଣ କୋଠାରେ ଚାଲୁଛି। ବର୍ଷା ଦିନେ ଏହି କେନ୍ଦ୍ରଗୁଡ଼ିକର ଛାତରୁ ପାଣି ଗଳୁଥିବାବେଳେ ଚଟାଣ ଏବଂ ବାରଣ୍ଡା ସନ୍ତସନ୍ତିଆ ହୋଇପଡ଼ିଛି। ଫଳରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପାଠପଢ଼ା, ଶୃଙ୍ଖଳା ଓ ରନ୍ଧାଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନା ଆଦିର ସଫଳ ରୂପାୟନ ହୋଇପାରୁ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ଓ ପିଣ୍ଡାରେ ବସି ପାଠ ପଢ଼ିବା ଦ୍ୱାରା ଶିଶୁଙ୍କ ଶୈକ୍ଷିକ ବ୍ୟବସ୍ଥାରେ ଉନ୍ନତି ଆସିପାରୁ ନାହିଁ। ଏଥିପାଇଁ କୋମଳମତି ଶିଶୁଙ୍କ ମାତାପିତା ଅଙ୍ଗନବାଡି ପ୍ରତି ବିମୁଖ ହୋଇ ବେସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ନିଜସ୍ୱ କୋଠା ନଥିବା ଏବଂ ବିପଦ ସଙ୍କୁଳ ଘୋଷଣା ହୋଇଥିବା କେନ୍ଦ୍ରଗୁଡ଼ିକ ନିମନ୍ତେ ନୂତନ କୋଠା ନିର୍ମାଣ ବ୍ୟବସ୍ଥା ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଅହେତୁକ ବିଳମ୍ବ ଘଟୁଥିବା ପ୍ରକାଶ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମଲଦା ସରପଞ୍ଚ ଦିବାକର ନାଏକ। ଅନୁରୂପ ଭାବେ ନୂତନ କୋଠା ନିର୍ମାଣ ପାଇଁ ବାରମ୍ବାର ଗୁହାରି କରୁଥିଲେ ମଧ୍ୟ ଫଳ କିଛି ହେଉ ନାହିଁ ବୋଲି କହିଛନ୍ତି ଚିପିଣ୍ଡା ଗ୍ରାମବାସୀ। ଏନେଇ ଝୁମ୍ପୁରା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଣିମାଳା ନାଏକ କହିଛନ୍ତି, ସମସ୍ୟା ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ବିସ୍ତୃତ ଭାବେ ରିପୋର୍ଟ ପ୍ରଦାନ କରାଯାଇଛି।

# ଗାଡ଼ିଆରେ ପଡ଼ି ଦିବ୍ୟାଙ୍ଗ ଯୁବକ ମୃତ

ତୁରୁମୁଙ୍ଗା, ୨୦।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ା ଦେହୁରୀସାହିର ଜଣେ ୨୪ ବର୍ଷର ଦିବ୍ୟାଙ୍ଗ ଯୁବକ ରବିବାର ଅପରାହ୍ନରେ ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗରପଡ଼ା ଦେହୁରୀସାହିର ଆଲୋକ ଦେହୁରୀ। ସେ ରବିବାର ବିଲରେ ଧାନ ରୁଆ କାର୍ଯ୍ୟ କରୁଥିବା ବେଳେ ହଠାତ୍ ବର୍ଷା ଆସୁଥିବାରୁ ଦୌଡ଼ି ଘରକୁ ପଳେଇ ଆସୁଥିଲେ। ଏହି ସମୟରେ ବିଲରେ ଥିବା ଏକ ଗାଡ଼ିଆରେ ମୁହଁ ମାଡ଼ି ହୋଇ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।



କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳରେ 'ମା' ନାମରେ ଗଛଟିଏ' ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜରେ କାମ୍ପା ଫଣ୍ଡରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମ

# ସାହାରପଡ଼ା ବିଡିଓଙ୍କ ବଦଳି



ତୁରୁମୁଙ୍ଗା, ୨୦।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବିଡିଓ ରଣଜିତ ମହାନ୍ତଙ୍କ ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକକୁ ବଦଳି ହୋଇଛି। ଅନୁରୂପ ଭାବରେ ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବିଡିଓ ବଂଶୀଧର ଖୋସଲାଙ୍କ ସାହାରପଡ଼ା ବିଡିଓ ଭାବେ ଶନିବାର ବଦଳି ହୋଇଛି। ଏନେଇ ପଞ୍ଚାୟତିରାଜ ପାନୀୟଜଳ ବିଭାଗ ତରଫରୁ ପତ୍ରସଂଖ୍ୟା ୧୯୭୨୭/ତା ୧୯/୦୭ରେ ନିର୍ଦ୍ଦେଶାନାମା ଜାରି ହୋଇଛି।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକସଭା



କୁଆମରା, ୨୦।୭(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବିଜେଡିର ବରିଷ୍ଠ ରାଜନେତା ପଣ୍ଡିତ ସ୍ୱର୍ଗତ ରତିକାନ୍ତ ମିଶ୍ରଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚ ତଥା 'ଏଇ ମାଟି ଆମ ମାଆ' ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଦୋଳମଣ୍ଡପରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ମିଶ୍ର, ଚାରୁ ଚନ୍ଦ୍ର ପୃଷ୍ଟି, ରାମକୃଷ୍ଣ ଦାସ, ସୁଦର୍ଶନ ବେହେରା, ଚନ୍ଦ୍ର ଶେଖର ଦାସ, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଗୌରଚନ୍ଦ୍ର ଦାସ, ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଦାସ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ସାଂଗଠନିକ ଦକ୍ଷତା, ଗ୍ରାମର ଡାକ୍ତରଖାନା, ବିଦ୍ୟାଳୟ, ଧର୍ମାନୁଷ୍ଠାନ ଭଳି ବିଭିନ୍ନ ଅନୁଷ୍ଠାନ ଗଢିବାରେ ତାଙ୍କର ଉଦ୍ୟମ ପାଇଁ ସେ ଅମର ରହିବେ ଓ ଏଇ ମାଟି ତାଙ୍କୁ ମନେ ପକାଇବ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କର ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନିରବ ପ୍ରାର୍ଥନା କରାଯାଇଥିଲା।

# ଘରୋଇ ଫାର୍ମ ହାଉସରେ ଚୋରା ସ' ମିଲ

କପ୍ତିପଦା, ୨୦।୭(ସମିସ): କପ୍ତିପଦା ବନାଞ୍ଚଳର ଏକ ଘରୋଇ ଫାର୍ମ ହାଉସ ଉପରେ ବନବିଭାଗ ଓ ଭିଜିଲାନ୍ସ ବିଭାଗର ମିଳିତ ଚଢ଼ଉ ଜାରି ରହିଛି। ଫାର୍ମ ହାଉସ ଭିତରେ ଚାଲୁଥିବା ଏକ ବେଆଇନ ସ' ମିଲର ମେସିନ, ଏକ ଜେନେରେଟର, ଏକ ଏସି, ଦୁଇଟି ଟ୍ରଲି, ଏବଂ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛନ୍ତି। ଜମି ତଥା ଫାର୍ମ ହାଉସ ମାଲିକ ସମେତ ବେଆଇନ ମିଲ ଚଳାଉଥିବା ଦୁଇ ଜଣ ସମେତ ମୋଟ ତିନି ଜଣଙ୍କୁ ଗିରଫ କରିଛନ୍ତି। ରେଡ ଜାରି ରହିଥିବାରୁ ବନବିଭାଗ ସବିଶେଷ ତଥ୍ୟ ଦେଇ ପାରିନଥିଲେ। ସବୁ ଜବତ ଓ ତଦନ୍ତ ସରିଲେ ଆସନ୍ତାକାଲି ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦେବେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଜୁଆଖେଳ ବେଳେ ଚଢ଼ଉ; ଜଣେ ଗିରଫ

ମୋରଡ଼ା/ଶୁଳିଆପଦା, ୨୦।୭(ସମିସ): ଶୁଳିଆପଦା ଥାନା ଅନ୍ତର୍ଗତ କୁଜିଡିହି ପଞ୍ଚାୟତର କଙ୍କଡ଼ାତେଲିଆ ସାପ୍ତାହିକ ହାଟରେ ଶନିବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ବେଳେ ଖବର ପାଇ ଥାନା ଅଧିକାରୀ ସତ୍ୟନାରାୟଣ ବଳ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଜୁଆଡ଼ିମାନେ ଏଣେତେଣେ ଦୌଡ଼ି ପଳାଇଥିବା ବେଳେ ଖେଳ କରାଉଥିବା ସେହି ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାମକୃଷ୍ଣ ଦାସ(୪୫)କୁ ପୁଲିସ ଗିରଫ କରିବା ସହ ଧଣ୍ଡିମୁଣ୍ଡିରେ ବ୍ୟବହୃତ ହେଉଥିବା ପାଲି ଓ ଗୋଟି ସହ ନଗଦ ତିନି ହଜାର ନଅ ଶହ ଟଙ୍କାକୁ ଜବତ କରିଛି। ଯାହାକୁ ନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରୀ ବଳ ପ୍ରକାଶ କରିଛନ୍ତି।

# ଝିନେଇଠାରେ ଚାରାରୋପଣ କାର୍ଯ୍ୟକ୍ରମ

କୁଳିଅଣା, ୨୦।୭(ସମିସ): ବନବାସୀ କଲ୍ୟାଣ ଆଶ୍ରମର ମୟୂରଭଞ୍ଜ ଶାଖା ତରଫରୁ କୁଳିଅଣା ବ୍ଲକର ଝିନେଇଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ କାର୍ଯ୍ୟକାରୀ ସଭାପତି ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ମକରଧ୍ୱଜ ମୁର୍ମୁ, ସ୍ୱାବଲମ୍ବୀ ଭାରତର ଜିଲ୍ଲା ସଂଯୋଜକ ବିଜୟ କୁମାର ଦାସ, ବିଶ୍ୱହିନ୍ଦୁ ପରିଷଦର ବିଶ୍ୱଜିତ ଭଞ୍ଜଦେଓ, ଜନଜାତି ହିତରକ୍ଷା ପ୍ରମୁଖ ବୁଦ୍ଧିରାମ ସିଂ, ପୂର୍ବତନ ସରପଞ୍ଚ ସତ୍ୟବାନ ସିଂ, ସଂଗଠନର ରାଜ୍ୟ ସହ ସଂଗଠନ ସଂପାଦକ ରାମପଦ ପଇଡା, ଘନଶ୍ୟାମ ମହାନ୍ତ, ବୈଶାଖୁ ସର୍ଦ୍ଦାର, ଶିକ୍ଷକ ସଂଗଠକ ଧର୍ମେନ୍ଦ୍ର ପାତ୍ର ଓ ଭୀମଚରଣ ସିଂ ମଞ୍ଚାସୀନ ଥିଲେ। ସଂଗଠନର ରାଜ୍ୟ ପ୍ରଚାର ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକର୍ତ୍ତା ଜିତୁ ସିଂ ଓ ଗୋବିନ୍ଦ ସିଂ ଏଥିରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଏବିଇଓ ସଂଘର ବୈଠକ

● ଘନଶ୍ୟାମ ସଭାପତି, ଦେବେନ୍ଦ୍ରନାଥ ସମ୍ପାଦକ



ବାରିପଦା, ୨୦।୭ (ସମିସ): ବାରିପଦା ଉପକଣ୍ଠ କୈଳାସଚନ୍ଦ୍ରପୁର ସ୍ଥିତ ସାଇ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଘ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଘନଶ୍ୟାମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଭଞ୍ଜନ ରାଉତ ଯୋଗଦେଇ ଥିବା ବେଳେ ସମସ୍ତ ୨୬ ବ୍ଲକର ଏବିଇଓମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଏବିଇଓମାନଙ୍କୁ ସଙ୍ଘ ତରଫରୁ ସ୍ୱାଗତ କରାଯିବା ବେଳେ ଅବସର ନେଇଥିବା ଅଧିକାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ବର୍ଷମାନଙ୍କ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇ ପୁଣିଥରେ ଘନଶ୍ୟାମ ସିଂ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଉପ ସଭାପତି ଭାବେ ଭୂତନାଥ ସିଟ, ସମ୍ପାଦକ ଭାବେ ଦେବେନ୍ଦ୍ର ନାଥ ସାହୁ, ସହ ସମ୍ପାଦକ ଭାବେ ବ୍ରଜମୋହନ ମୁର୍ମୁ ଓ କୋଷାଧ୍ୟକ୍ଷ ଭାବେ ସରସ୍ୱତୀ ସିଂ ମନୋନୀତ ହୋଇଥିଲେ। ବୈଠକରେ ସଂଘକୁ ଶକ୍ତିଶାଳୀ କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ଦାବିଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଏବିଇଓ ମାନଙ୍କୁ ବିଦ୍ୟାଳୟ ପରିଦର୍ଶନ ପାଇଁ ଭତ୍ତା ପ୍ରଦାନ, ଗାଡିର ବ୍ୟବସ୍ଥା ଓ ପ୍ରଭିଜନାଲ ଗ୍ରେଡେସନ ତାଲିକାର ସଂଶୋଧନ ଆଦି ମୁଖ୍ୟ ଦାବିଗୁଡିକ ଉପରେ ଉଚିତ ପଦକ୍ଷେପ ନେବା ପାଇଁ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ମହାବୀର ସେବକ ସମାଜର ପକ୍ଷରୁ ଚାରାରୋପଣ

ବୈଶିଙ୍ଗା, ୨୦।୭ (ସମିସ): ବୈଶିଙ୍ଗା ପଞ୍ଚାୟତର କଦଳିଆ ଗ୍ରାମରେ ମହାବୀର ସେବକ ସମାଜର ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୈଶିଙ୍ଗାର ସମାଜସେବୀ ତଥା ଡା. ରବୀନ୍ କୁମାର ପଣ୍ଡା ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ପ୍ରଥମେ ଚାରାରୋପଣ କରିଥିଲେ। ତତ୍‌ସହିତ ଉକ୍ତ ଗ୍ରାମର ଅମୂଲ୍ୟ କୁମାର ପାଣିଗ୍ରାହୀ, ରତିକାନ୍ତ ପାଢୀ, ହରିଶ୍ଚନ୍ଦ୍ର ପାଣି, ଗିରୀଶ ଚନ୍ଦ୍ର ପାଣି, ପ୍ରିୟନାଥ ପାଣି, ମନୋଜ କୁମାର ପୁହାଣ, ମହାଦେବା ସିଂ, ଶ୍ରବଣ କୁମାର ପାଢୀ ଓ ମଣ୍ଟୁ ସିଂ ପ୍ରତ୍ୟେକ ଗୋଟିଏ ଗୋଟିଏ ଚାରାରୋପଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଆନନ୍ଦପୁର ଆଇଟିଆଇ ଛାତ୍ରୀ ଡାକ୍ତରଖାନା ସ୍ଥାନାନ୍ତର

ଆନନ୍ଦପୁର, ୨୦।୭(ସମିସ): ଆନନ୍ଦପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଛାତ୍ରୀ ମଧୁସ୍ମିତା ଜେନା ଶ୍ରେଣୀଗୃହରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଶାଳପଡାଠାରେ ଥିବା ଆନନ୍ଦପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀ ମଧୁସ୍ମିତା ଶ୍ରେଣୀଗୃହରେ ଶିକ୍ଷାଦାନ ସମୟରେ ତଳେ ପଡ଼ି ଯାଇଥିଲେ। ତାଙ୍କୁ ସହପାଠୀ ଏବଂ ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେ ଛାତ୍ରୀ ନିବାସରେ ରହନ୍ତି। ସକାଳୁ କିଛି ନଖାଇ କ୍ଲାସ ଆସିଥିଲେ। କ୍ଲାସ ସମୟରେ ଚେତାଶୂନ୍ୟ ହୋଇଯାଇଥିଲେ। ଗୁରୁତର ହୋଇପଡିବାରୁ ତାଙ୍କୁ ଡାକ୍ତରଖାନା ଆଣିଥିବା କଥା ମଧୁସ୍ମିତାଙ୍କ ସହପାଠୀ ନୀହାରିକା ପଣ୍ଡା ପ୍ରକାଶ କରିଛନ୍ତି।



# ଜୁଆଆଡ୍ଡାରେ ଚଢ଼ଉ; ଦୁଇ ଗିରଫ

କରଞ୍ଜିଆ, ୨୦।୭(ସମିସ): କରଞ୍ଜିଆ ଥାନାରୁ ୧୦କିମି ଦୂର ତାଟୋ ସାପ୍ତାହିକ ହାଟରେ ଜୁଆଖେଳ ଚାଲୁ ଥିବା ସମୟରେ କରଞ୍ଜିଆ ପୁଲିସ ଚଢ଼ଉ କରି ଦୁଇ ଜୁଆଡ଼ିକୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଯଶିପୁର, ଗୌଡ଼ଗାଁର ଝାଡ଼େଶ୍ୱର ସାହୁ ଓ କଙ୍କଜିଆର ସତ୍ୟା ନାରାୟଣ ବେହେରା। ଗତକାଲି କରଞ୍ଜିଆ ଥାନାର ଏଏସ ଆଇ ସାଲଖାନ ହେମ୍ବ୍ରମ ଓ ତାଙ୍କ ସହକର୍ମୀ ପାଟ୍ରୋଲିଂ କରୁଥିବା ବେଳେ ସୂତ୍ରରୁ ଖବର ପାଇ ଚଢ଼ଉ କରି ଦୁଇ ଅପରାଧୀଙ୍କୁ ଧରିଥିଲେ। ସେମାନଙ୍କ ଠାରୁ ଟଙ୍କା ଓ ସାମଗ୍ରୀ ଜବତ ହୋଇଛି।

# ସହାୟିକାଙ୍କୁ ନେଇ ବିବାଦ; ଅଙ୍ଗନବାଡ଼ିରେ ତାଲା

କୁଆମରା, ୨୦।୭(ସମିସ):



ଅଙ୍ଗନବାଡ଼ିରେ ଜଣେ କାର୍ଯ୍ୟରତ ସହାୟିକାଙ୍କୁ ନେଇ ବିବାଦ ଦେଖାଦେଇଛି। ଫଳରେ ଅଙ୍ଗନବାଡ଼ିରେ ଶନିବାର ଠାରୁ ତାଲା ପଡିଛି। ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଅଙ୍ଗନବାଡି କେନ୍ଦ୍ରରେ ଏପରି ଚିତ୍ର ଦେଖିବାକୁ ମିଳିଛି। ଉକ୍ତ କେନ୍ଦ୍ରରେ ୧୧ ଜଣ କୁନିକୁନି ପିଲା ଅଧ୍ୟୟନ କରୁଛନ୍ତି। ଅଙ୍ଗନବାଡି କର୍ମୀଙ୍କ ସହ ଜଣେ ସହାୟିକାଙ୍କୁ ଏଠାରେ ନିଯୁକ୍ତି ମିଳିଛି। ତେବେ ସହାୟିକା କବିତା ସିଂ ପ୍ରାୟ ପାଞ୍ଚ ବର୍ଷ ହେବ ନିଯୁକ୍ତି ପାଇବା ପରଠାରୁ ନିୟମିତ କାର୍ଯ୍ୟ କରି ଆସୁଥିବା ବେଳେ କିଛି ଦିନ ହେବ ସ୍ୱାସ୍ଥ୍ୟଗତ କାରଣରୁ ସେ ଅଙ୍ଗନବାଡିକୁ ଆସି ନପାରି ତାଙ୍କ ଝିଅକୁ ରୋଷେଇ ପାଇଁ ପଠାଉଥିଲେ। ଗତ ଜୁନ ୧୮ ତାରିଖରେ ଏକ କେନ୍ଦ୍ରୀୟ ଟିମ୍ ପରିଦର୍ଶନରେ ଆସି ସହାୟିକାଙ୍କ ଅନୁପସ୍ଥିତ ସଂପର୍କରେ ପଚାରି ବୁଝିବାସହ ଅଙ୍ଗନବାଡି କର୍ମୀଙ୍କ ଠାରୁ ସମସ୍ତ ତଥ୍ୟ ନେଇ ଫେରିଥିଲେ। ଉକ୍ତ ରିପୋର୍ଟ ସିଡିପିଓଙ୍କ କାର୍ଯ୍ୟାଳୟକୁ ପହଞ୍ଚିବା ପରେ ସିଡିପିଓ ଭାନୁମତୀ ବେହେରା କ୍ଷୁବ୍ଧ ହୋଇଥିଲେ। ସହାୟିକାଙ୍କୁ ଡାକି କାର୍ଯ୍ୟ ଛାଡ଼ିଦେବାକୁ ବାଧ କରିଥିଲେ। ତେବେ ସହାୟିକା ଜଣକ ସିଡିପିଓଙ୍କ ଧମକ ଭୟରେ ରେଜିଂନେସନ ଦେବା ପରେ ଦୁଇ ସପ୍ତାହ ହେବ ଅଙ୍ଗନବାଡି କର୍ମୀ ବାସନ୍ତୀ ସିଂ ପିଲାମାନଙ୍କୁ ପାଠ ପଢାଇବା ସହ ନିଜେ ରୋଷେଇ କରି ପିଲାଙ୍କୁ ଖାଦ୍ୟ ପରଷୁଥିଲେ। ଘଟଣା ଜାଣିବା ପରେ ଗ୍ରାମର ମହିଳା ମାନେ ଶନିବାର ଏକାଠି ହୋଇ ପ୍ରତିବାଦ କରିଥିଲେ। ସିଡିପିଓ ନିଜେ ଏଠାକୁ ତଦନ୍ତରେ ନ ଆସି ସହାୟିକା କବିତାଙ୍କୁ ଅଫିସ ଡାକି କାହିଁକି ରେଜିଂନେସନ ଦେବାକୁ ବାଧ କଲେ ପ୍ରତିବାଦରେ ଅଙ୍ଗନବାଡିରେ ତାଲା ପକାଇ ମହିଳାମାନେ ନିଜ ନିଜ ପିଲାମାନଙ୍କୁ ନେଇ ଘରକୁ ଚାଲି ଯାଇଥିଲେ। ଫଳରେ ଅଙ୍ଗନବାଡି କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତେବେ ସିଡିପିଓ ଉକ୍ତ ଅଙ୍ଗନବାଡିରେ ନ ପହଞ୍ଚିବା ଯାଏଁ ଓ ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ଝୁଲିବ ବୋଲି ନିଜ ଜିଦ୍‌ରେ ଗ୍ରାମର ମହିଳାମାନେ ଅଟଳ ରହିଛନ୍ତି। ଏନେଇ ଅଙ୍ଗନବାଡି କର୍ମୀ ବାସନ୍ତୀ ସିଂଙ୍କୁ ପଚାରିବାରୁ ସେ ସିଡିପିଓଙ୍କୁ ଏସମ୍ପର୍କରେ ଜଣାଇଥିବାର କହିଛନ୍ତି। ତେବେ ସିଡିପିଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

■ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସହର କମିଟି ତରଫରୁ ପ୍ରତିବାଦ

# ଡବଲ ଇଂଜିନ ସରକାରର ନାରୀ ସୁରକ୍ଷାରେ ବିଫଳତା



ବାରିପଦା, ୨୦।୭(ସମିସ): ଡବଲ ଇଂଜିନ ସରକାରର ନାରୀ ସୁରକ୍ଷାରେ ବିଫଳତାକୁ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସହର କମିଟି ତରଫରୁ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦିନକୁ ଦିନ ଛାତ୍ରୀଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବଢ଼ିବାରେ ଲାଗିଛି। ବାଲେଶ୍ୱର ଘଟଣା ପରେ ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳର ନାବାଳିକା ଝିଅ ଦେହରେ ନିଆଁ ଲଗେଇବା ଘଟଣା ରାଜ୍ୟ ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବାରେ ବିଫଳ ବୋଲି ଜଣାପଡୁଛି। ଏନେଇ ରବିବାର ସନ୍ଧ୍ୟାରେ ବାରିପଦା ସହରର ଦାରୋଗାଡ଼ାହି ଛକ ନିକଟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ବାରିପଦା ସହର ସଭାପତି ତରେନ ସେନାପତିଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କୁ ନେଇ ପ୍ରତିବାଦ ଓ ଛାତ୍ରୀଙ୍କୁ ନ୍ୟାୟ ଦେବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାର ଘଟଣାର ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ଆସାମୀକୁ ଧରିବାରେ ବିଫଳ ରହିଛନ୍ତି। ଦୋଷୀକୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ସରକାର ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟପରିଷଦ ସଦସ୍ୟ ସୁଜିତ ବେହେରା, ସିପୁନ ଦଣ୍ଡପାଟ, ଏସ୍ କେ ଫାଇଜାନ, ଅଶୋକ ମଙ୍ଗରାଜ, ନାଉସାଦ, ମନୋରଞ୍ଜନ ମହାନ୍ତ ଓ ସଞ୍ଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୨୫ ● ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୧,୨୦୦ (ନୂଆଦିଲ୍ଲୀ)
- ରୁପା : ୧,୧୧,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଆର୍‌ଡି, କେଭିପି, ପିପିଏଫ୍, ଏନ୍‌ଏସ୍‌ସିକୁ ନେଇ ଡାକ ବିଭାଗର ନୂଆ ନିୟମ

# ମାଚ୍ୟୁରିଟିର ୩ ବର୍ଷରେ ବନ୍ଦ କରିବାକୁ ହେବ ଖାତା

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)




ମାସିକ ଆୟ ଯୋଜନା (ଏମ୍‌ଆଇଏସ୍), ଆବର୍ତ୍ତି ଜମା (ଆର୍‌ଡି), କିଷାନ ବିକାଶ ପତ୍ର (କେଭିପି), ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍), ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି) ଭଳି କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ନେଇ ଡାକ ବିଭାଗ ନୂଆ ନିୟମ ଆଣିଛି। ଡାକ ବିଭାଗର ଘୋଷଣା ଅନୁଯାୟୀ, ମାଚ୍ୟୁରିଟି ଲାଭ କରିବା ବା ଅବଧି ଶେଷ ହେବା ତାରିଖଠାରୁ ତିନି ବର୍ଷ ପରେ ମଧ୍ୟ ଯେଉଁ କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ବଢ଼ାଯାଇନାହିଁ କିମ୍ବା ବନ୍ଦ କରାଯାଇନାହିଁ, ସେଗୁଡିକୁ ଅଚଳ କରିଦିଆଯିବ। ଏହାର ଅର୍ଥ ସେହି ଆକାଉଣ୍ଟ ସହ ଜଡିତ ସମସ୍ତ କାରବାର ବନ୍ଦ ହୋଇଯିବ। ଆକାଉଣ୍ଟଧାରୀମାନଙ୍କୁ ସେମାନଙ୍କର ଆକାଉଣ୍ଟଗୁଡ଼ିକୁ ପୁନଃ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସମ୍ପୃକ୍ତ ବିଭାଗକୁ ଦାଖଲ କରିବାକୁ ପଡିବ।

ରିପୋର୍ଟ ଅନୁଯାୟୀ, ଏହି ପ୍ରକ୍ରିୟା ବର୍ଷକୁ ଦୁଇଥର କରାଯିବ, ଯାହା ଦ୍ୱାରା ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ଜମାକାରୀଙ୍କ କଠିନ ପରିଶ୍ରମରୁ ଉପାର୍ଜିତ ଅର୍ଥର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଆଦେଶ ଅନୁଯାୟୀ, ଏହି ଯୋଜନାଗୁଡ଼ିକ ମଧ୍ୟରେ ଅବଧି ଜମା, ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ପ୍ରମାଣପତ୍ର, କିଷାନ ବିକାଶ ପତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ।

ଡାକ ବିଭାଗ ଅନୁଯାୟୀ, ଏଥିରେ ଅନେକ ପ୍ରକାରର କ୍ଷୁଦ୍ର ସଞ୍ଚୟ ଖାତାଗୁଡ଼ିକୁ ଫ୍ରିଜ୍ କରାଯାଇପାରିବ। ସେଗୁଡିକ ମଧ୍ୟରେ ଅବଧି ଜମା (ଟିଡି), ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ଏସ୍) ଏବଂ ଆବର୍ତ୍ତି ଜମା (ଆର୍‌ଡି) ଅନ୍ତର୍ଭୁକ୍ତ। ଯେତେବେଳେ ଆପଣଙ୍କର ଡାକଘର ସଞ୍ଚୟ ଖାତା ଅଚଳ ହୋଇଯିବ, ଆପଣ ସେଥିରୁ କୌଣସି କାରବାର କରିପାରିବେ ନାହିଁ। ଏହାର ଅର୍ଥ ହେଉଛି ଆପଣ ଟଙ୍କା ଉଠାଇପାରିବେ ନାହିଁ କିମ୍ବା ଜମା କରିପାରିବେନାହିଁ। ଏହା ସହିତ, ସ୍ଥାୟୀ ଅର୍ଡର ଏବଂ ଅନଲାଇନ୍ ସେବା ମଧ୍ୟ ବନ୍ଦ ହୋଇଯିବ। ପ୍ରତିବର୍ଷ ଜୁଲାଇ ୧ ଏବଂ ଜାନୁଆରୀ ୧ ରୁ ଆରମ୍ଭ କରି ୧୫ ଦିନ ମଧ୍ୟରେ ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରିବାର ପ୍ରକ୍ରିୟା ଚାଲିଥାଏ। ଏହାର ଅର୍ଥ ହେଉଛି ପ୍ରତିବର୍ଷ ଜୁନ୍ ୩୦ ଏବଂ ଡିସେମ୍ବର ୩୧ ରେ ତିନି ବର୍ଷ ପୂରଣ କରୁଥିବା ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରାଯିବ।

ଯଦି କୌଣସି ବଶତଃ ଗ୍ରାହକଙ୍କ କ୍ଷୁଦ୍ର ସଞ୍ଚୟ ଯୋଜନାର ଆକାଉଣ୍ଟ ଅଚଳ ହୋଇଯାଏ, ତେବେ ଆପଣଙ୍କୁ ଏହାକୁ ପୁଣି ଥରେ ଖୋଲିବାକୁ ପଡିବ। ଏଥିପାଇଁ ଆକାଉଣ୍ଟଧାରୀଙ୍କୁ ଯେକୌଣସି ଡାକଘରକୁ ଯାଇ ଅଚଳ ହୋଇଥିବା ଆକାଉଣ୍ଟର ପାସବୁକ୍ କିମ୍ବା ପ୍ରମାଣପତ୍ର କେୱାଇସି ଡକ୍ୟୁମେଣ୍ଟ (ମୋବାଇଲ୍ ନମ୍ବର, ପାନ କାର୍ଡ ଏବଂ ଆଧାର କାର୍ଡ କିମ୍ବା ଠିକଣା ପ୍ରମାଣ) ପ୍ରଦାନ କରିବାକୁ ପଡିବ।

# ୧୬ ହଜାର କୋଟିର ଆଇଟିସି ଠକେଇର ଖୁଲାସା

## ■ ଧରାପଡିଲେ ୩୫୫୮ ଜାଲ୍ କମ୍ପାନୀ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ୧୫,୮୫୧ କୋଟି ଟଙ୍କାର ନକଲି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଠକେଇର ପର୍ଦ୍ଦାଫାସ ହୋଇଛି। ତେବେ ଏହି ଠକେଇ ପୂର୍ବ ଆର୍ଥିକବର୍ଷର ସମାନ ସମୟ ତୁଳନାରେ ୨୯ ପ୍ରତିଶତ ଅଧିକ। ତଥାପି, ଏହି ସମୟ ମଧ୍ୟରେ ନକଲି କମ୍ପାନୀ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। ଏଭଳି ବଡ଼ ଆଇଟିସି ଠକେଇରେ ୩୫୫୮ ଜାଲ୍ କମ୍ପାନୀ ଧରାପଡିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ତ୍ରୈମାସିକରେ କେନ୍ଦ୍ର ଏବଂ ରାଜ୍ୟ ଜିଏସ୍‌ଟି ଅଧିକାରୀମାନେ ମୋଟ ୩,୫୫୮ ନକଲି କମ୍ପାନୀ ଚିହ୍ନଟ କରିଥିଲେ। ଯେତେବେଳେ କି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହି ସଂଖ୍ୟା ୩,୮୪୦ ଥିଲା। ଅଧିକାରୀମାନେ କହିଛନ୍ତି ଯେ ପ୍ରତି ମାସରେ ହାରାହାରି ୧୨୦୦ଟି ନକଲି କମ୍ପାନୀର ଠକେଇ ସମ୍ପର୍କରେ ପର୍ଦ୍ଦାଫାସ କରାଯାଇଥିଲା। ଏହି ତ୍ରୈମାସିକରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମୟରେ, ୫୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬୫୯ କୋଟି ଟଙ୍କା ଜବତ କରାଯାଇଥିଲା। ଗତ ବର୍ଷ ସମାନ ତ୍ରୈମାସିକରେ ଏଭଳି ଘଟଣାରେ ୨୬ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୫୪୯ କୋଟି ଟଙ୍କା ଆଦାୟ କରାଯାଇଥିଲା। ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ, କମ୍ପାନୀଗୁଡ଼ିକ ସେମାନଙ୍କର ଯୋଗାଣକାରୀଙ୍କଠାରୁ କ୍ରୟ ଉପରେ ଦେୟ ଟିକସକୁ ଆଇଟିସି ଭାବରେ ଦାବି କରିପାରିବେ। କିନ୍ତୁ ଏହି ଟିକସ କ୍ରେଡିଟର ଫାଇଦା ଉଠାଇବା ପାଇଁ ନ କଲି କମ୍ପାନୀଗୁଡ଼ିକ ସୃଷ୍ଟି କରାଯାଏ, ଯାହା ଫଳରେ ସରକାରଙ୍କୁ ବିପୁଳ ରାଜସ୍ୱ କ୍ଷତି ହୋଇଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୧,୫୪୫ କୋଟି ଟଙ୍କାର ଆଇଟିସି ଠକେଇ ଚିହ୍ନଟ ହୋଇଥିଲା, ଯେଉଁଥିରେ ୨୫,୦୦୯ ନକଲି କମ୍ପାନୀ ସାମିଲ ଥିଲେ।

# ପ୍ରଦୂଷଣର କାରଖାନା ସାଜିଛି ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ

ଇବ୍‌ଥର୍ମାଲ,୨୦।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଏଠାରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥ୍‌କୁ ଶାଗମାଛ ଦରରେ ଜମି ପ୍ରଦାନ କରାଗଲା। କମ୍ପାନୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଣି ଫୋଟକା ହେଇଥିଲା। ପରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେବାପରେ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା। ଏବେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି। ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ।

ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲ୍ୟୁର ନିତିଦିନିଆଁ କାମ ହୋଇଛି। ୟୁଏସପି ନ ଥାଇ ପ୍ଲାଣ୍ଟ ବେଆଇନ ଭାବେ ଚିମିନି



### ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ କାଳ

### ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ

ଚଳାଉଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣର ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ବା ପାଉଁଶ ପୋଖରୀ ମଧ୍ୟ କରିନାହିଁ ବରଂ ଭାରିଯାନ ଯୋଗେ ଅହରହ ବେଆଇନ ଆସ୍ ପରିବହନ କରୁଛି। ଏହାଦ୍ୱାରା ରାସ୍ତାରେ ପାଉଁଶ ପଡି ପ୍ରଦୂଷଣ ବଢ଼ିବଢ଼ି ଚାଲିଛି। ଏହି ପାଉଁଶ ପ୍ରଦୂଷଣ ଯୋଗୁ ତିଲିଆ, ରମ୍ଭେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡିନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି। ପୁଣି ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ସିଧାସଳଖ ମିଶୁଛି। ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ ହୋଇଛି। ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ୟୁଆଇଡିଏଆଇର ମାଷ୍ଟର ପ୍ଲାନ୍

# ସ୍କୁଲ୍‌ରେ ହେବ ପିଲାଙ୍କ ଆଧାର ଅପ୍‌ଡେଟ୍

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ୟୁଆଇଡିଏଆଇ ଏବେ ସାରା ଦେଶରେ ସ୍କୁଲଗୁଡ଼ିକ ମାଧ୍ୟମରେ ପିଲାମାନଙ୍କ ଆଧାର କାର୍ଡର ବାୟୋମେଟ୍ରିକ୍ ଅପଡେଟ୍ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ଏଜେନ୍ସି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଏହି ପ୍ରକ୍ରିୟା ଆଗାମୀ ଦୁଇ ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ୟୁଆଇଡିଏଆଇ ସିଇଓ ଭୁବନେଶ କୁମାରଙ୍କ କହିବାନୁଯାୟୀ, ୫ ବର୍ଷ ବୟସ ଅତିକ୍ରମ କରିଥିବା ୭ କୋଟିରୁ ଅଧିକ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ଏ ପର୍ଯ୍ୟନ୍ତ କରାଯାଇନାହିଁ, ଯାହା ବାଧ୍ୟତାମୂଳକ।

ନିୟମାନୁଯାୟୀ, ୫ ବର୍ଷ ବୟସ ପରେ ପିଲାମାନଙ୍କର ଆଧାରରେ ଫିଙ୍ଗରପ୍ରିଣ୍ଟ ଏବଂ ଆଇରିସ୍ ସ୍କାନର ଅପଡେଟ୍ ବାଧ୍ୟତାମୂଳକ। ଯଦି ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ସମୟ ମଧ୍ୟରେ କରାଯାଇ ନଥାଏ, ତେବେ ପିଲାଙ୍କ ଆଧାର ନମ୍ବର ମଧ୍ୟ ନିଷ୍କ୍ରିୟ ହୋଇପାରେ। ୫ ରୁ ୭ ବର୍ଷ ବୟସର ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ମାଗଣା। ୭ ବର୍ଷ ପରେ ଅପଡେଟ୍ ପାଇଁ ୧୦୦ ଫି ଦେବାକୁ ପଡିବ। ୟୁଆଇଡିଏଆଇ ଏକ ନୂତନ

### ୭ କୋଟି ପିଲାଙ୍କୁ କରାଯିବ ସାମିଲ




ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି, ଯାହା ଅଧୀନରେ ସ୍କୁଲ ମାଧ୍ୟମରେ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ କରାଯିବ। ଏହି ପ୍ରକ୍ରିୟା ଅଭିଭାବକଙ୍କ ସମ୍ମତିରେ କରାଯିବ ଯାହା ଦ୍ୱାରା ପିଲାମାନେ ସ୍କୁଲରେ ହିଁ ସହଜରେ ଏହି ସେବା ପାଇପାରିବେ। ଏହା ଅଧୀନରେ, ପ୍ରତ୍ୟେକ ଜିଲ୍ଲାକୁ ବାୟୋମେଟ୍ରିକ୍ ମେସିନ୍ ପଠାଯିବ, ଯାହା ଗୋଟିଏ ସ୍କୁଲରୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହେବ। ଯାହା ଦ୍ୱାରା ଏହି ସୁବିଧା ଯଥାସମ୍ଭବ ଅଧିକ ପିଲାଙ୍କ ପାଖରେ ପହଞ୍ଚିପାରିବ। ବର୍ତ୍ତମାନ, ଏହି ପ୍ରଯୁକ୍ତିବିଦ୍ୟାର ପରୀକ୍ଷା କରାଯାଉଛି ଏବଂ ଏହି ଯୋଜନାକୁ ଆଗାମୀ ୪୫ ରୁ ୬୦ ଦିନ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ।

ଭବିଷ୍ୟତରେ, ୟୁଆଇଡିଏଆଇ ୧୫ ବର୍ଷ ବୟସ ପରେ ଆବଶ୍ୟକ ଦ୍ୱିତୀୟ ବାୟୋମେଟ୍ରିକ୍ ଅପଡେଟ୍ ସ୍କୁଲ ଏବଂ କଲେଜ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ଯୋଜନା କରୁଛି। ବର୍ତ୍ତମାନ, ୫ ବର୍ଷରୁ କମ୍ ବୟସର ପିଲାମାନଙ୍କର ଆଧାର ବାୟୋମେଟ୍ରିକ୍ ଡାଟା ବିନା କରାଯାଉଛି। କିନ୍ତୁ ୫ ବର୍ଷ ପରେ ସେମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ଆବଶ୍ୟକ ହୋଇଯାଇଥାଏ। ପିଲାମାନଙ୍କର ଆଧାର କାର୍ଡରେ ବାୟୋମେଟ୍ରିକ୍ ଅପଡେଟ୍ ସମୟ ମଧ୍ୟରେ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଅନେକ ସରକାରୀ ଏବଂ ବେସରକାରୀ ସେବା ସହିତ ଲିଙ୍କ୍ ହୋଇଛି। ଅପଡେଟ୍ ଆଧାର ସାହାଯ୍ୟରେ ପିଲାମାନେ ସ୍କୁଲ ପ୍ରବେଶ, ଛାତ୍ରବୃତ୍ତି, ପ୍ରବେଶିକା ପରୀକ୍ଷା ଏବଂ ଡିବିଟି (ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର) ଭଳି ଅନ୍ୟାନ୍ୟ ସରକାରୀ ଯୋଜନାର ଲାଭ ସହଜରେ ପାଇପାରିବେ। ୟୁଆଇଡିଏଆଇ ଅନୁଯାୟୀ, ଆମେ ଚାହୁଁଛୁ ଯେ ପିଲାମାନେ ସମୟ ମଧ୍ୟରେ ସମସ୍ତ ସରକାରୀ ସୁବିଧା ପାଆନ୍ତୁ ଏବଂ ଏହା କରିବାର ସରଳ ଏବଂ ପ୍ରଭାବଶାଳୀ ଉପାୟ ହେଉଛି ସ୍କୁଲ ମାଧ୍ୟମରେ।

# କେଲଭିନେଟର ଅଧିଗ୍ରହଣ କରିବ ରିଲାଏନ୍ସ ରିଟେଲ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ଲୋକପ୍ରିୟ ଫ୍ରିଜ୍ ବ୍ରାଣ୍ଡ କେଲଭିନେଟ୍ ଅଧିଗ୍ରହଣ କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ରିଲାଏନ୍ସ ରିଟେଲ। ଏନେଇ ଶୁକ୍ରବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଦେଶର ଦ୍ରୁତ-ବର୍ଦ୍ଧିଷ୍ଣୁ ଉପଭୋକ୍ତା ଦୀର୍ଘସ୍ଥାୟୀ ବଜାରରେ ନିଜର ସ୍ଥିତି ମଜଭୁତ କରିବାକୁ ଏହା ରିଲାଏନ୍ସର ଏକ ରଣନୀତି ବୋଲି କୁହାଯାଉଛି। ତଥାପି, ରିଲାଏନ୍ସ ରିଟେଲ୍ ଏବଂ କେଲଭିନେଟର ମଧ୍ୟରେ ହୋଇଥିବା ଏହି ଚୁକ୍ତି କେତେ ଟଙ୍କାର ହୋଇଛି ସେ ନେଇ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ଆସିନାହିଁ। କେଲଭିନେଟର ଭାରତରେ ଏହାର ନିର୍ଭରଯୋଗ୍ୟ ରେଫ୍ରିଜରେଟର ଏବଂ 'ଦି କୁଲେଷ୍ଟ ୱାନ୍' ଭଳି ସ୍ମରଣୀୟ ଟ୍ୟାଗଲାଇନ୍ ପାଇଁ ବେଶ୍ ଜଣାଶୁଣା। ୧୯୬୩ରେ ଏହା ଭାରତୀୟ ମାର୍କେଟ୍‌ରେ ପ୍ରବେଶ କରିଥିଲା। ଏବେ ଏହା ରିଲାଏନ୍ସର ବର୍ଦ୍ଧିତ ପୋର୍ଟଫୋଲିଓର ଏକ ଅଂଶ ହେବ। ଏହି ଡିଲ୍‌କୁ ନେଇ ରିଲାଏନ୍ସ କହିଛି ଭାରତୀୟଙ୍କ ଘରେ ବିଶ୍ୱସ୍ତରୀୟ ଉଚ୍ଚମାନର ଡିଭାଇସ୍ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କମ୍ପାନୀ କିଣାଯାଇଛି। ଏନେଇ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି «ଭାରତୀୟ ଗ୍ରାହକଙ୍କ ପାଇଁ ବିଶ୍ୱାସଯୋଗ୍ୟ ଗ୍ଲୋବାଲ ଇନୋଭେସନ ଆଣିବା ପାଇଁ ଆମର ଯେଉଁ ମିଶନ ରହିଛି, ଏହି ଅଧିଗ୍ରହଣ ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।» ସେ କହିଛନ୍ତି ଯେ ରିଲାଏନ୍ସର ବଡ଼ ପହଞ୍ଚ ଏବଂ ରିଟେଲ ନେଟୱାର୍କ କେଲଭିନେଟରକୁ ପୁଣି ଥରେ ଲୋକପ୍ରିୟ କରିବାରେ ସାହାଯ୍ୟ କରିବ।

## ଭାରତୀୟ ବ୍ୟାଙ୍କଙ୍କୁ ଆଇବିଏର ଚେତାବନୀ

# ଅନ୍ତଃରାଷ୍ଟ୍ରୀୟ ପେମେଣ୍ଟ ସିଷ୍ଟମ୍‌କୁ ଆପଣାଅ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସମସ୍ତ ବ୍ୟାଙ୍କଗୁଡ଼ିକୁ ଯଥାଶୀଘ୍ର ସ୍ୱିଫ୍ଟର ନୂତନ ଆନ୍ତର୍ଜାତୀୟ ପେମେଣ୍ଟ ପ୍ରଣାଳୀ (ଆଇଏସ୍‌ଓ)




୨୦୦୨୨ ଗ୍ରହଣ କରିବାକୁ ଚେତାବନୀ ଦେଇଛି। ଏହା ଅଧୀନରେ, ଆଇବିଏ ଚେତାବନୀ ଦେଇଛି ଯେ ଯଦି ସେମାନେ ସ୍ୱିଫ୍ଟର ନୂତନ ଆଇଏସ୍‌ଓ ୨୦୦୨୨ ମାନଦଣ୍ଡ ଶୀଘ୍ର ଗ୍ରହଣ ନ କରନ୍ତି, ତେବେ ସେମାନେ ଆନ୍ତର୍ଜାତୀୟ କାରବାର (କ୍ରସ୍-ବର୍ଡର ପେମେଣ୍ଟ)ରେ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଇବିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ କୁମାର ଗୋୟଲ ସମ୍ପ୍ରତି ସମସ୍ତ ବ୍ୟାଙ୍କକୁ ଏକ ଚିଠି ଲେଖିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ୨୦୨୫ ଅଗଷ୍ଟ ସୁଦ୍ଧା ଏହି ନୂତନ ବ୍ୟବସ୍ଥା ଆଡକୁ ସ୍ଥାନାନ୍ତର ଆରମ୍ଭ କରିବା ଉଚିତ, ଯାହା ଦ୍ୱାରା ଏହାକୁ ସମୟ ମଧ୍ୟରେ ସୁଗମ ଭାବରେ କାର୍ଯ୍ୟକାରୀ କରାଯାଇପାରିବ।

ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱିଫ୍ଟ ଆଇଏସ୍‌ଓ ୨୦୦୨୨ ହେଉଛି ଏକ ନୂତନ ଆନ୍ତର୍ଜାତୀୟ ବ୍ୟବସ୍ଥା, ଯାହା ସାହାଯ୍ୟରେ ବ୍ୟାଙ୍କଗୁଡ଼ିକ ପରସ୍ପରକୁ ଟଙ୍କା ପଠାଇପାରିବେ ଏବଂ କାରବାର ସମ୍ବନ୍ଧୀୟ ସୂଚନା ଆହୁରି ଦ୍ରୁତ, ସୁରକ୍ଷିତ ଏବଂ କମ୍ ମୂଲ୍ୟରେ ସେୟାର କରିପାରିବେ। ଏହା ଠକେଇର ସମ୍ଭାବନାକୁ ହ୍ରାସ କରିବ ଏବଂ ବ୍ୟାଙ୍କିଂ ବ୍ୟବସ୍ଥା ପୂର୍ବ ଅପେକ୍ଷା ଅଧିକ ସ୍ମାର୍ଟ ଏବଂ ସ୍ୱଚ୍ଛ ଭାବରେ ହୋଇପାରିବ। ଏହି ପ୍ରସଙ୍ଗରେ, ଆଇବିଏ ସ୍ପଷ୍ଟ ଭାବରେ କହିଛି ଯେ ଯେଉଁ ବ୍ୟାଙ୍କଗୁଡ଼ିକ ସମୟ ମଧ୍ୟରେ ନୂତନ ବ୍ୟବସ୍ଥା ଗ୍ରହଣ କରନ୍ତି ନାହିଁ ସେମାନଙ୍କୁ ଯାନ୍ତ୍ରିକ ଅସୁବିଧା, ଗ୍ରାହକଙ୍କ ବିଶ୍ୱାସ ହରାଇବା ଏବଂ ସେବାରେ ବାଧା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଯଦି ଆମେ ଏହି ନୂତନ ବ୍ୟବସ୍ଥା ଗ୍ରହଣ କରିବା ବିଷୟରେ କଥା ହେବା, ତେବେ କେବଳ ତିନୋଟି ଭାରତୀୟ ବ୍ୟାଙ୍କ ୮୫% ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଗ୍ରହଣ କରିବାରେ ସଫଳ ହୋଇଛନ୍ତି। ୨୦୨୫ ନଭେମ୍ବର ଶେଷ ତାରିଖ ପାଖେଇ ଆସୁଥିବାରୁ ବାକି ବ୍ୟାଙ୍କଗୁଡ଼ିକ ଏହାକୁ ପରିବର୍ତ୍ତନ କରିବାକୁ ଚିନ୍ତା କରୁଛନ୍ତି, ଯାହା ଆଇବିଏ ଅନୁଯାୟୀ ବିପଜ୍ଜନକ ହୋଇପାରେ। ତଥାପି, ଯଦି ବ୍ୟାଙ୍କଗୁଡ଼ିକ ସମୟ ମଧ୍ୟରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ନ କରନ୍ତି, ତେବେ ଏହାର ପ୍ରଭାବରେ ବ୍ୟାଙ୍କରୁ କାରବାର ବନ୍ଦ ହୋଇପାରେ, ମେସେଜ୍ ପ୍ରତ୍ୟାଖ୍ୟାନ ହୋଇପାରେ। ଗ୍ରାହକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହାସହିତ, ବ୍ୟାଙ୍କଗୁଡ଼ିକୁ ଜରିମାନା କିମ୍ବା ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିପାରେ।

# ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଦିନକରେ କଲେ ୭୯ କୋଟି ରୋଜଗାର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଜଣେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଗୋଟିଏ ଦିନରେ ପ୍ରାୟ ୭୯ କୋଟି ଟଙ୍କା ରୋଜଗାର କରିଛନ୍ତି। ତାଙ୍କ ନାମ ନାରା ଭୁବନେଶ୍ୱରୀ। ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ପତ୍ନୀ। ନାରା ଭୁବନେଶ୍ୱରୀ ଗୋଟିଏ ଦିନରେ ଷ୍ଟକ୍ ବଜାରରୁ ଏତେ ଟଙ୍କା ରୋଜଗାର କରିଛନ୍ତି। ଶୁକ୍ରବାର ନାରା ଭୁବନେଶ୍ୱରୀ ଏକ ଷ୍ଟକ୍ ରେ ବିପୁଳ ଲାଭ କରିଥିଲେ। ଏହି କମ୍ପାନୀର ଷ୍ଟକ୍ ଦ୍ରୁତ ଗତିରେ ଉପରମୁହାଁ ହୋଇଥିଲା, ଯାହା ନାରା ଭୁବନେଶ୍ୱରୀଙ୍କୁ ଲାଭ ଦେଇଥିଲା। ଶୁକ୍ରବାର ହେରିଟେଜ୍ ଫୁଡ୍ସ ଲିମିଟେଡର ଷ୍ଟକ୍ ମୂଲ୍ୟରେ ଏକ ବିରାଟ ବୃଦ୍ଧି ହୋଇଥିଲା। ହେରିଟେଜ୍ ଫୁଡ୍ସ ହେଉଛି ଏକ ଦୁଗ୍ଧ କମ୍ପାନୀ। ଏହା ୧୯୯୨ ମସିହାରେ ଆରମ୍ଭ ହୋଇଥିଲା। ଏହା ଦକ୍ଷିଣ ଭାରତରେ ବହୁତ ପ୍ରସିଦ୍ଧ। ହେରିଟେଜ୍ ଗ୍ରୁପ୍ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।



ଏହି କମ୍ପାନୀ ଦୁଗ୍ଧ, ଖୁଚୁରା ଏବଂ କୃଷି କ୍ଷେତ୍ରରେ କାମ କରେ।

## ଆଇଏମ୍‌ଏଫ୍ ରିପୋର୍ଟ

# ଡିଜିଟାଲ ପେମେଣ୍ଟରେ ଭାରତ ଏକ ନମ୍ବର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଦ୍ରୁତ ଏବଂ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ହାସଲ କରିଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) ଯୋଗୁଁ ଭାରତ ଡିଜିଟାଲ୍ କାରବାରରେ ଏହି ସ୍ଥାନ ହାସଲ କରିଛି। ୨୦୧୬ରେ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ଆରମ୍ଭ ହୋଇଥିବା ୟୁପିଆଇ ଆଜି ଦେଶରେ ଟଙ୍କା କାରବାରର ସବୁଠାରୁ ସହଜ ଏବଂ ଲୋକପ୍ରିୟ ଉପାୟ ପାଲଟିଛି। ୟୁପିଆଇ ସାହାଯ୍ୟରେ, ଲୋକମାନେ ସେମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ୍ ଆପ୍ ସହିତ ଲିଙ୍କ୍ କରିପାରିବେ ଏବଂ କିଛି ସେକେଣ୍ଡରେ ସୁରକ୍ଷିତ, କମ୍ ମୂଲ୍ୟର କାରବାର କରିପାରିବେ। ଏନ୍‌ପିସିଆଇ ଅନୁଯାୟୀ ୟୁପିଆଇ ମାଧ୍ୟମରେ ପ୍ରତି ମାସରେ

- ୟୁପିଆଇରେ ମାସକୁ ୧୮୦୦ କୋଟିର କାରବାର
- ଜୁନ୍‌ରେ କାରବାର ୨୪ ଲକ୍ଷ କୋଟି
- ୪୯ କୋଟି ଲୋକ, ୬୫ ଲକ୍ଷ ବ୍ୟବସାୟୀ ୟୁପିଆଇ ସହ ଜଡ଼ିତ

୧୮୦୦ କୋଟି ଟଙ୍କାରୁ ଅଧିକ କାରବାର ହୋଇଥାଏ। ଚଳିତବର୍ଷ ଜୁନ୍‌ରେ ୟୁପିଆଇ ୨୪.୦୩ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୃଷ୍ଟି କରିଛି, ଯେଉଁଥିରେ ୧,୮୩୯ କୋଟି ଟଙ୍କାର କାରବାର ହୋଇଥିଲା। ଏହା ଗତ ବର୍ଷ ଜୁନ୍ ରେ ହୋଇଥିବା ୧,୩୮୮ କୋଟି ଟଙ୍କାର କାରବାର ତୁଳନାରେ ୩୨% ବୃଦ୍ଧିକୁ ଦର୍ଶାଉଛି।




ୟୁପିଆଇ ଭାରତକୁ ନଗଦ ଏବଂ କାର୍ଡ ଆଧାରିତ ପେମେଣ୍ଟରୁ ଦୂରେଇ ଏକ ଡିଜିଟାଲ୍-ପ୍ରଧାନ ଅର୍ଥନୀତି ଆଡକୁ ନେଇଛି। ଏହି ପ୍ଲାଟଫର୍ମ କେବଳ ବଡ଼ ବ୍ୟବସାୟ ପାଇଁ ନୁହେଁ ବରଂ ଛୋଟ ଦୋକାନୀ ଏବଂ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏକ ଦୃଢ଼ ମାଧ୍ୟମ ପାଲଟିଛି। ଆଜି ଭାରତରେ ୮୫% ଡିଜିଟାଲ୍ ପେମେଣ୍ଟ ୟୁପିଆଇ ମାଧ୍ୟମରେ କରାଯାଉଛି। ଏଥିରେ ୪୯.୧ କୋଟି ଉପଭୋକ୍ତା, ୬.୫ କୋଟି ବ୍ୟବସାୟୀ ଏବଂ ୬୭୫ ବ୍ୟାଙ୍କ ଗୋଟିଏ ପ୍ଲାଟଫର୍ମରେ ସଂଯୁକ୍ତ। କେବଳ ଏତିକି ନୁହେଁ, ୟୁପିଆଇ ଏବେ ବିଶ୍ୱ ସ୍ତରରେ ପ୍ରାୟ ୫୦% ରିଅଲ୍-ଟାଇମ୍ ଡିଜିଟାଲ୍ ପେମେଣ୍ଟ ପରିଚାଳନା କରୁଛି। ୟୁପିଆଇର ପ୍ରଭାବ ଏବେ ଭାରତର ସୀମା ବାହାରେ ମଧ୍ୟ ଦେଖାଯାଉଛି। ଏହା ୭ଟି ଦେଶରେ ମଧ୍ୟ ଉପଲବ୍ଧ। ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍। ଏହାଛଡା ଫ୍ରାନ୍ସରେ ୟୁପିଆଇ ଆରମ୍ଭ ହେବା ୟୁରୋପରେ ଏହାର ପ୍ରଥମ ପ୍ରବେଶ, ଯାହା ବିଦେଶରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଭାରତୀୟମାନଙ୍କ ପାଇଁ ପେମେଣ୍ଟ କରିବା ସହଜ କରିଥାଏ। ଏହା କେବଳ ସଂଖ୍ୟାର ବିଷୟ ନୁହେଁ, ବରଂ ଏହା ଭାରତର ଡିଜିଟାଲ୍ ଫ୍ରେମୱାର୍କ ପ୍ରତି ବଢୁଥିବା ବିଶ୍ୱାସ ଏବଂ ନଗଦହୀନ ଅର୍ଥନୀତି ଆଡ଼କୁ ଦ୍ରୁତ ପଦକ୍ଷେପକୁ ପ୍ରତିଫଳିତ କରୁଛି। ୟୁପିଆଇ କେବଳ କାରବାରକୁ ସହଜ କରିନାହିଁ, ବରଂ ଛୋଟ ବ୍ୟବସାୟୀ ଏବଂ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କୁ ଡିଜିଟାଲ୍ ଅର୍ଥନୀତି ସହିତ ମଧ୍ୟ ଯୋଡ଼ିଛି। ୟୁପିଆଇର ଏହି ସଫଳତା ଭାରତକୁ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିରେ ଏକ ବିଶ୍ୱସ୍ତରୀୟ ଅଗ୍ରେତା ଭାବରେ ପ୍ରତିଷ୍ଠିତ କରୁଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା।
- ୧୯୮୮- ଭାରତୀୟ ଉପଗ୍ରହ ଇନ୍‌ସ୍ୟାଟ୍-୧ସିକୁ ପ୍ରକ୍ଷେପଣ କରାଗଲା।
- ୨୦୦୭- ପ୍ରତିଭା ପାଟିଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ଡିଗ୍ରୀ ପିଏଚ୍‌ଡି କାମ ଫୁଡ୍ ଡେଲିଭରି

ଚୀନ୍‌ର ୩୯ ବର୍ଷୀୟ ଡିଙ୍ଗ ୟୁଆନଝାଓ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ସାଉଁଟୁଛନ୍ତି। ତାଙ୍କୁ ଏବେ ସବୁଠୁ ଶିକ୍ଷିତ ଡେଲିଭରି ବଏ ବୋଲି କୁହାଯାଉଛି। ସେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପାଠପଢ଼ିବା ସତ୍ତ୍ୱେ ତାଙ୍କୁ ଭଲ ଚାକିରିଟିଏ ମିଳିଲା ନାହିଁ। ଫଳରେ ସେ ଏବେ ଫୁଡ୍ ଡେଲିଭରି ବଏର କାମ କରୁଛନ୍ତି। ଝିଂଘୁଆ ବିଶ୍ୱବିଦ୍ୟାଳୟରୁ ସେ ରସାୟନ ବିଜ୍ଞାନରେ ସ୍ନାତକ କରିଛନ୍ତି। ପୋକିଙ୍ଗ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲଜିକାଲ ୟୁନିର୍ଭସିଟିରୁ ଜୀବବିଜ୍ଞାନରେ ପିଏଚ୍‌ଡି କରିଥିବା ବେଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସେ ଜୈବ ବିବିଧତାରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ଡିଙ୍ଗଙ୍କର ଏତେଗୁଡ଼ିଏ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ତାଙ୍କୁ ମନପସନ୍ଦର ଚାକିରିଟିଏ ମିଳିପାରିଲା ନାହିଁ। ସେ ଅନେକ କମ୍ପାନିକୁ ବାୟୋଡାଟା ପଠାଇ ଥିବା ବେଳେ ୧୦ରୁ ଅଧିକ ସାକ୍ଷାତକାର ମଧ୍ୟ ଦେଇଥିଲେ। ଏହାପରେ ବି ଚାକିରିରେ ତାଙ୍କୁ ସଫଳତା ମିଳିପାରିନି। ତେବେ ଡିଙ୍ଗ ସିଙ୍ଗାପୁରର ନ୍ୟାସନାଲ ୟୁନିର୍ଭସିଟିରେ କିଛି ଦିନ ପୋଷ୍ଟ ଡକ୍ଟରାଲ ଗବେଷକ ଭାବେ ମଧ୍ୟ କାମ କରିଥିଲେ। ଚୁକ୍ତିଭିତ୍ତିକ ଭାବେ ଏଥିରେ କାମ କରିବା ପରେ ଏହାର ସମୟ ଶେଷ ହୋଇଥିଲା। ସେଇଠୁ ଡିଙ୍ଗଙ୍କୁ ଶେଷରେ ଫୁଡ୍ ଡେଲିଭରିରେ କାମ କରିବାକୁ ହେଲା। ଡିଙ୍ଗ ବିଶ୍ୱାସ କରନ୍ତି ଯେ, ଚାକିରି କାହାର କେବେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇ ନଥାଏ। ସେହିପରି ସେ ଫୁଡ୍ ଡେଲିଭରିକୁ ଏକ ସ୍ଥିର ଚାକିରି ବୋଲି କହିଛନ୍ତି। ଏଥିରେ ସେ ତାଙ୍କ ପରିବାର ଚଳାଇ ପାରୁଥିବା କହିଛନ୍ତି। ତାଙ୍କ ମତରେ ଏଥିରେ ପରିଶ୍ରମ କଲେ ଭଲ ରୋଜଗାର କରିବା ସମ୍ଭବ। ତା'ସହ ଏହାଦ୍ୱାରା ତାଙ୍କର ଏକପ୍ରକାର ବ୍ୟାୟାମ ବି ହୋଇଯାଉଛି। ସେ ମେଳାପି ସ୍ୱଭାବର ହୋଇ ନ ଥିବାରୁ ଟ୍ୟୁସନ୍ ମଧ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଡିଙ୍ଗଙ୍କ ଏହି କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେହି କେହି ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବାବେଳେ ଆଉ କେତେଜଣ ଯଦି ଚାକିରି ନ ମିଳୁଛି ଏତେ ପାଠ ପଢ଼ି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି।





## 'ଲଭ୍ ଆଣ୍ଡ ୱାର୍'
## ରଣବୀର ଓ ଭିକିଙ୍କ ମଧ୍ୟରେ ମହା ମୁକାବିଲା

ସଞ୍ଜୟ ଲୀଳା ଭଁସାଲିଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ଦେଖାଯିବେ। ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହା ଆଧାରିତ ହେବ। ଏହି ଫିଲ୍ମରେ ଏକ ଜବରଦସ୍ତ ଆକ୍ସନ୍ ସିନ୍ ରହିଛି। ଏଥିରେ ଭିକି ଓ ରଣବୀର ପରସ୍ପର ସହ ଲଢ଼ୁଥିବାର ଦେଖାଯିବେ। ରଣବୀର ଓ ଭିକିଙ୍କ ମଧ୍ୟରେ ଏହି ମୁକାବିଲା ହିଁ ଫିଲ୍ମର ଆକର୍ଷଣ ସାଜିବ ବୋଲି କୁହାଯାଉଛି। ତେବେ ଏହି ସିନ୍‌କୁ ଏକ ଅଜ୍ଞାତ ସ୍ଥାନରେ ସୁଟ୍ କରାଯିବ। ଏହି ସିନ୍ ସୁଟ୍ ପାଇଁ ସେଟ୍‌କୁ ଏକ ବଡ଼ ସିନେମା ଇଭେଣ୍ଟ ଭଳି ଡିଜାଇନ୍ କରାଯିବ। ଏହାର ସୁଟିଂ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଜାନୁଆରୀ, ୨୦୨୪ରେ ସଞ୍ଜୟ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ କଥା ଘୋଷଣା କରିଥିଲେ। ଏହା ମାର୍ଚ୍ଚ ୨୦୨୬ରେ ପରଦାକୁ ଆସିବ। ତେବେ ସଞ୍ଜୟ ତାଙ୍କ ଆଗ ଫିଲ୍ମଗୁଡ଼ିକ ଭଳି ଏହି ଫିଲ୍ମକୁ ବ୍ଲକ୍‌ବଷ୍ଟର୍ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ପେଟ ଭିତରେ ଜିଅନ୍ତା ମାଛ

ଚୀନ୍‌ରୁ ଏକ ଅଜବ ତଥା ସମ୍ପୂର୍ଣ୍ଣ ଦୁର୍ଲଭ ଘଟଣା ସାମ୍ନାକୁ ଆସିଛି। ହୁନାନ ଅଞ୍ଚଳର ଜଣେ ୩୩ ବର୍ଷୀୟ ବ୍ୟକ୍ତିଙ୍କର ଅସହ୍ୟ ପେଟ ଯନ୍ତ୍ରଣା ହେବାରୁ ସେ ହସ୍‌ପିଟାଲ ଗଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରିବାରୁ ଫୁଟେ ଲମ୍ବାର ଏକ ଜିଅନ୍ତା ମାଛ ତାଙ୍କ ପେଟ ଭିତରେ ଥିବାର ଜଣାପଡ଼ିଲା। ଏହି ଘଟଣାରେ କେବଳ ସାଧାରଣ ଲୋକ ନୁହଁନ୍ତି, ବରଂ ଡାକ୍ତରମାନେ ବି ବିସ୍ମିତ ହୋଇଛନ୍ତି। ତାଙ୍କ ପେଟର ସିଟି ସ୍କାନ କରାଯିବାରୁ ଏକ ବଡ଼ ଲମ୍ବା ବସ୍ତୁ ପେଟ ଭିତରେ ଭାସୁଥିବାର ଦେଖାଗଲା। ତେଣୁ ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିବା ନିଷ୍ପତ୍ତି ନେଲେ। ଏହି ସମୟରେ ଡାକ୍ତରମାନେ ତାଙ୍କ ପେଟ ଭିତରେ ଜିଅନ୍ତା ଇଲ୍ ମାଛ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅସ୍ତ୍ରୋପଚାର ସମୟରେ ଜଣାପଡ଼ିଲା ଇଲ୍‌ଟି ତାଙ୍କ ଅନ୍ତନଳୀକୁ ସମ୍ପୂର୍ଣ୍ଣ ଛେଦ କରି ପେଟ ଭିତରେ ପହଁରୁଛି। ଏହାପରେ ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ମାଛଟିକୁ ବାହାର କରି ଦେଇଥିଲେ। ସର୍ଜରୀ ପରେ ଏହି ବ୍ୟକ୍ତି ଜଣକ ଏବେ ସୁସ୍ଥ ଅଛନ୍ତି। ତେବେ ଏହି ବ୍ୟକ୍ତି ଜଣକ ପେଟକୁ କିପରି ଜିଅଁନ୍ତା ମାଛ ଆସିଲା ତାହା ଜଣାପଡ଼ିନାହିଁ।



## ଷୋଳ ସୋମବାର ବ୍ରତର ଲାଭ



ହିନ୍ଦୁ ଶାସ୍ତ୍ରରେ ସୋମବାର ଅତ୍ୟନ୍ତ ସ୍ୱତନ୍ତ୍ର ବିବେଚନା କରାଯାଏ। ଏହା ପଛର କାରଣ ହେଉଛି ଏହି ଦିନ ଭଗବାନ ଶିବଙ୍କୁ ସମର୍ପିତ। ଦେବ ଦେବ ମହାଦେବଙ୍କୁ ପ୍ରସନ୍ନ କରିବା ଏବଂ ତାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଷୋଳ ସୋମବାର ବ୍ରତ ପାଳନ କରିଥାନ୍ତି। କୁହାଯାଏ, ଏହି ବ୍ରତକୁ ପୂରା ଶ୍ରଦ୍ଧା ଓ ବିଧିବିଧାନ ସହିତ ପାଳନ କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଏହି ବ୍ରତ ଅବିବାହିତ ଝିଅଙ୍କ ପାଇଁ ଫଳଦାୟୀ। ମାତା ପାର୍ବତୀ ଭଗବାନ ଶିବଙ୍କୁ ନିଜ ସ୍ୱାମୀ ଭାବେ ପାଇବା ପାଇଁ ଏହି ବ୍ରତ ରଖିଥିଲେ ବୋଲି କୁହାଯାଏ। ବିବାହିତ ମହିଳା ବୈବାହିକ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଏହି ବ୍ରତ ରଖନ୍ତି। ଏହା ଦ୍ୱାରା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଓ ବୁଝାମଣା ବଢ଼ିଥାଏ ଏବଂ ଘର ପରିବାରରେ ଖୁସି ଆସେ। ସନ୍ତାନ ସୁଖ କାମନା ଲାଗି ଷୋଳ ସୋମବାର ବ୍ରତ କରିବା ଶୁଭଙ୍କର। ଏହି ବ୍ରତ କରିବା ଦ୍ୱାରା ଅଜାଣତରେ କରାଯାଇଥିବା ପାପ ନାଶ ହୁଏ ଏବଂ ଜୀବନର ବାଧା ବିଘ୍ନ ଦୂର ହୁଏ। ଜାତକରେ ଅଶୁଭ ଗ୍ରହ ଥିଲେ ଏହି ବ୍ରତ ଦ୍ୱାରା ନକାରାତ୍ମକ ପ୍ରଭାବ କମ୍ ହୁଏ। ଜୀବନରେ ସୁଖ ଶାନ୍ତି ଆସେ। ଏହି ବ୍ରତ ରଖିବା ଦ୍ୱାରା ଘରେ ଧନ ବୃଦ୍ଧି ହୁଏ। ଆର୍ଥିକ ସ୍ଥିତି ମଜଭୁତ ହୁଏ।

## ସ୍ୱସ୍ତି

## ବୋଲବମ୍ ଯାତ୍ରାର ମହତ୍ତ୍ୱ

**ଶ୍ରାବଣ ମାସରେ ବୋଲବମ୍ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି। ଦେବଦେବ ମହାଦେବଙ୍କୁ ସମର୍ପିତ ଏହି ପବିତ୍ର ମାସରେ ଭକ୍ତମାନେ ଭଗବାନ ଶିବଙ୍କୁ ଜଳାଭିଷେକ କରିଥାନ୍ତି। ସେଥିପାଇଁ ସେମାନେ ବୋଲବମ୍ ଯାତ୍ରା କରିଥାନ୍ତି। ଶିବଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ସହ ବାହୁଙ୍ଗିରେ ପବିତ୍ର କଳସ ଜଳକୁ ବହନ କରି ଖାଲି ପାଦରେ ଚାଲିଥାନ୍ତି।**

**ପର୍ଶୁରାମଙ୍କଠୁ ଆରମ୍ଭ:** ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ଶିବ ଭକ୍ତ ପର୍ଶୁରାମ ସର୍ବପ୍ରଥମେ ଶ୍ରାବଣ ମାସରେ ବୋଲବମ୍ ଯାତ୍ରାରେ ବାହାରି ଥିଲେ। ସେ ଗଙ୍ଗାଜଳ ଶିବଲିଙ୍ଗ ଉପରେ ଲାଗି କରିଥିଲେ। ସେବେଠୁ ଶିବଭକ୍ତମାନେ ଏହି ପରମ୍ପରା ପାଳନ କରି ଆସୁଛନ୍ତି। ଶ୍ରାବଣ ମାସରେ ଶିବଭକ୍ତ ପବିତ୍ର ନଦୀରୁ ଜଳ ଆଣିବା ଯାତ୍ରାକୁ ବୋଲବମ୍ ବା କାଉଡ଼ି ଯାତ୍ରା କୁହାଯାଏ। ଭକ୍ତମାନେ ନଦୀରୁ ଜଳ ଆଣି ମହାଦେବଙ୍କଠାରେ ଜଳାଭିଷେକ କରନ୍ତି।

**ଖାଲିପାଦରେ ଚାଲନ୍ତି ଶିବଭକ୍ତ:** ଶିବଙ୍କୁ ଆରାଧନା ଓ ଉପାସନା ପାଇଁ ସମର୍ପିତ ଏହି ମାସ। ମାନ୍ୟତା ଅଛି, ଶ୍ରାବଣ ମାସ ଯାକ ମହାଦେବ ହରିଦ୍ୱାରରେ ନିବାସ କରିଥାନ୍ତି। ସେହିପରି ଏହି ମାସରେ ବିଷ୍ଣୁ ଶୟନ ମୁଦ୍ରାରେ ରହୁଥିବାରୁ ତିନି ଲୋକର କଥା ବୁଝନ୍ତି ସ୍ୱୟଂ ମହାଦେବ। ଏହି କାରଣ ଯୋଗୁଁ ବୋଲବମ୍ ଯାତ୍ରୀ ଗଙ୍ଗାଜଳ ପାଇଁ ହରିଦ୍ୱାର ଆସନ୍ତି। ଏହି ଯାତ୍ରା ସମୟରେ ଭକ୍ତମାନେ ଖାଲିପାଦରେ ଚାଲନ୍ତି। ଅନ୍ୟପଟେ ଏବେ ବୋଲବମ୍ ଯାତ୍ରାରେ କେବଳ ପୁରୁଷ ନୁହଁନ୍ତି, ମହିଳା ଓ ଛୋଟପିଲାମାନେ ମଧ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି।



## କାଉଡ଼ିଆ କଥା

**ସମ୍ପ୍ରତି ବୋଲବମ୍ ଯାତ୍ରାରେ ଆସ୍ଥାର ଅଲଗା ଦୃଶ୍ୟ ନଜର ଆସୁଛି। ଏହି କ୍ରମରେ ଉତ୍ତର ପ୍ରଦେଶ ମୁଜାଫରନଗରରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଜଣେ ବାଳକ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି।**




ଶାମଲି ଜନପଦରେ ରହୁଥିବା ୧୭ ବର୍ଷୀୟା ଶିବମ୍ କର୍କଟ ରୋଗରେ ପୀଡ଼ିତ ଥିଲେ। ପରିବାର ଲୋକେ ଯେତେବେଳେ ଶିବମ୍‌ଙ୍କ ଚିକିତ୍ସାରେ ବ୍ୟସ୍ତ ଥିଲେ, ସେତିକି ବେଳେ ତାଙ୍କ ୧୦ ବର୍ଷ ବୟସର ସାନ ଭାଇ ଭଗବାନ ଶିବଙ୍କ ପାଖରେ ମନସ୍କାମନା କଲେ। ସେ କହିଥିଲେ, ତାଙ୍କ ଭାଇ ସୁସ୍ଥ ହୋଇଗଲେ, ସେ ଦଣ୍ଡବତ କାଉଡ଼ି ଯାତ୍ରା କରିବେ। ଶିବମ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସୁସ୍ଥ ଅଛନ୍ତି। ତେଣୁ କୃଷ୍ଣା ତାଙ୍କ କଥା ରଖି ହରିଦ୍ୱାରରୁ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି। ହରିଦ୍ୱାରରୁ ଗଙ୍ଗା ଜଳ ଉଠାଇଛନ୍ତି ଏବଂ ସେ ନିତିଦିନ ୧୦ କିମି ଦଣ୍ଡବତ ଯାତ୍ରା କରୁଛନ୍ତି। ଅର୍ଥାତ୍ ସେ ତଳେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ଯାତ୍ରା କରୁଥିବା ଦେଖା ଯାଇଛି। ସେହିପରି ତାଙ୍କ ସହିତ ତାଙ୍କ ବଡ଼ ଭାଇ ଶିବମ୍ ଏବଂ ପରିବାର ଲୋକ ବି ପଦଯାତ୍ରା କରୁଛନ୍ତି। ଶେଷରେ ସେମାନେ ଶାମଲିରେ ଜଳାଭିଷେକ କରିବେ। କୃଷ୍ଣା କହନ୍ତି, ଥକ୍କା ଲାଗିଲେ, ରାସ୍ତାରେ ବିଶ୍ରାମ ନିଅନ୍ତି। ରାସ୍ତାରେ କୃଷ୍ଣାଙ୍କ ଭକ୍ତିଭାବକୁ ଦେଖି ଲୋକେ ଭାବବିହ୍ୱଳ ହେଉଛନ୍ତି। ଏହାସହ ତାଙ୍କୁ କେହି ପାଣି ପିଇବାକୁ ଦେଉଥିବା ବେଳେ ଆଉ କିଏ ଖାଦ୍ୟ ପ୍ରଦାନ କରୁଛନ୍ତି। ଅନ୍ୟପଟେ କୃଷ୍ଣାଙ୍କର ଏହି ଯାତ୍ରା ଭାଇଚାରା, ଆସ୍ଥା ଏବଂ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟୀ ମିଶାଲ ସୃଷ୍ଟି କରିଛି।

## ଆଂଶିକ ଉପବାସ

**ବିଭିନ୍ନ ପର୍ବ ତଥା ଓଷାବ୍ରତରେ ଲୋକେ ଉପବାସ ରଖନ୍ତି। କିଏ ନିର୍ଜଳା ଉପବାସ ରଖନ୍ତି ତ ଆଉ କିଏ କେବଳ ଫଳ ଖାଇ ଉପବାସ ପାଳନ କରିଥାନ୍ତି। ସେହିପରି କେହି କେହି ଆଂଶିକ ଉପବାସ ବି କରନ୍ତି। ତେବେ ଏ ଆଂଶିକ ଉପବାସ କ'ଣ, ସେ ସମ୍ପର୍କରେ ଜାଣିବା।**

- ଏହି ଉପବାସରେ କେବଳ ଥରଟିଏ ଭୋଜନ କରିବାକୁ ହୋଇଥାଏ।
- ଭୋଜନରେ ପିଆଜ, ରସୁଣ ଏବଂ ଆମିଷ ଖାଇବା ମନା।
- ଏଥିରେ ଫଳ, ଶାଗୁ, କ୍ଷୀର ଆଦି ଥରେ ଖିଆଯାଏ।
- ଜଣେ ନିଜ ସମୟ ଓ ସୁବିଧାରେ ଏହି ଉପବାସ ପାଳନ କରିପାରିବେ।
- ଆଂଶିକ ଉପବାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରକୁ ଆଦୌ ଭୋକିଲା ନ ରଖି ମନ ଓ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିବା।
- ତେବେ ଏହି ଉପବାସ ଏକାଦଶୀ ଏବଂ ନବରାତ୍ରୀରେ ଅଧିକ ପ୍ରଚଳିତ।



## ଇସିବିକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁବିସି ଫାଇନାଲ ଆୟୋଜନ ଅଧିକାର


**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ରବିବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଆଗାମୀ ୩ଟି ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ ଅଧିକାର ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ମିଳିଛି। ପୂର୍ବରୁ ଇଂଲଣ୍ଡରେ ଡବ୍ଲ୍ୟୁଟିସିର ପ୍ରଥମ ୩ଟି ସଂସ୍କରଣ ୨୦୨୧, ୨୦୨୩ ଓ ୨୦୨୫ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଯଥାକ୍ରମେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇଥିଲେ। ଆଇସିସିର ସଦ୍ୟ ନିଷ୍ପତ୍ତି ମୁତାବକ ୨୦୨୭, ୨୦୨୯ ଓ ୨୦୩୧ ସଂସ୍କରଣର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ ଇଂଲଣ୍ଡରେ ଆୟୋଜନ ହେବ। ପ୍ରଥମ ୩ଟି ସଂସ୍କରଣର ଫାଇନାଲକୁ ସଫଳତାର ସହ ଆୟୋଜନ କରିଥିବାରୁ ଇଂଲଣ୍ଡକୁ ଆଗାମୀ ୩ଟି ଫାଇନାଲ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି ବୋଲି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସିର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ କୁହାଯାଇଛି। ଆଇସିସିର ଏହି ନିଷ୍ପତ୍ତି ଫଳରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ଝଟ୍କା ଲାଗିଛି। ନିକଟରେ ବିସିସିଆଇ ଡବ୍ଲ୍ୟୁଟିସିର ଆଗାମୀ ଫାଇନାଲ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲା।

## ୧୧୦ରେ ପହଞ୍ଚିଲା ଆଇସିସି ସଦସ୍ୟ ସଂଖ୍ୟା

**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଆଇଫ୍ରିକୀୟ ରାଷ୍ଟ୍ର ଜାମ୍ବିଆ ଓ ଏସୀୟ ରାଷ୍ଟ୍ର ତିମୋର-ଲିଷ୍ଟେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂଆ ସଦସ୍ୟତା ଲାଭ କରିଛନ୍ତି। ଫଳରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ସଦସ୍ୟ ସଂଖ୍ୟା ୧୧୦ରେ ପହଞ୍ଚିଛି। 'ଆଇସିସି ପରିବାରରେ ୨ଟି ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଜାମ୍ବିଆ କ୍ରିକେଟ୍ ୟୁନିୟନ ଓ ତିମୋର-ଲିଷ୍ଟେ କ୍ରିକେଟ ମହାସଂଘ ଆନୁଷ୍ଠାନିକ ଭାବେ ଆଇସିସି ସହଯୋଗୀ ସଦସ୍ୟତା ଲାଭ କରିଛନ୍ତି। ଆଇସିସି ସଦସ୍ୟ ରାଷ୍ଟ୍ର ସଂଖ୍ୟା ଏଥିସହ ୧୧୦ରେ ପହଞ୍ଚିଛି' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଫ୍ରିକା ମହାଦେଶର ୨୨ତମ ଦେଶ ଭାବେ ଜାମ୍ବିଆ ଆଇସିସିରେ ସାମିଲ ହୋଇଛି। ସେହିଭଳି ତିମୋର-ଲିଷ୍ଟେ ପୂର୍ବ ଏସିଆର ୧୦ମ ରାଷ୍ଟ୍ର ଭାବେ ବିଶ୍ୱ କ୍ରିକେଟ୍ ବୋର୍ଡର ସଦସ୍ୟତା ହାସଲ କରିଛି।

## ଜିମ୍ବାୱେର ହ୍ୟାଟ୍ରିକ୍ ପରାଜୟ

**ହରାରେ, ୨୦।୭ (ଏଜେନ୍ସି):** ଆୟୋଜକ ଜିମ୍ବାୱେ ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ହ୍ୟାଟ୍ରିକ ପରାଜୟବରଣ କରିଛି। ରବିବାର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍‌ରେ ଘରୋଇ ଜିମ୍ବାୱେକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୬ ୱିକେଟ୍‌ରେ ୧୪୪ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।



## ୧୭ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଲେ ନଟରାଜ

**ବର୍ଲିନ, ୨୦।୭ (ଏଜେନ୍ସି):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ଅଲିମ୍ପିଆନ ସନ୍ତରଣକାରୀ ଶ୍ରୀହରି ନଟରାଜ ଆଉ ୨ଟି ଇଭେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ଓ ୫୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ଶ୍ରୀହରି ସେମିକୁ ଉଠିଛନ୍ତି। ୧୦୦ ମିଟର୍ ଫ୍ରିଷ୍ଟାଇଲ୍ ରେସକୁ ସେ ୪୯.୪୬ ସେକେଣ୍ଡରେ ଫିନିଶ୍ କରି ୧୭ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ୨୦୦୮ରେ ବିର୍ଦ୍ଧାୱାଲ୍ ଖାଡେ ୪୯.୪୭ ସେକେଣ୍ଡରେ ରେସ୍ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ପୂର୍ବରୁ ଶ୍ରୀହରି ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୦୦ ମିଟର୍ ଫ୍ରିଷ୍ଟାଇଲ୍‌ରେ ଜାତୀୟ ରେକର୍ଡ ଭଙ୍ଗକରି ମଧ୍ୟ ସେମିରେ ପ୍ରବେଶ କରିଥିଲେ।

## ପ୍ରଥମ ଟି-୨୦: ବାଂଲାଦେଶଠୁ ୭ ୱିକେଟ୍‌ରେ ହାରିଲା ପାକିସ୍ତାନ

**ଢାକା, ୨୦।୭ (ଏଜେନ୍ସି):** ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଘରୋଇ ବାଂଲାଦେଶ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଫକର୍ ଜମାନଙ୍କ ୪୪ ରନ ବଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୯.୩ ଓଭରରେ ୧୦୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ପରଭେଜ ହୋସେନ ଏମନଙ୍କ ଅପରାଜିତ ୫୬ ରନ ସହାୟତାରେ ୧୫.୩ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟୀ ହୋଇଥିଲା। ଟି-୨୦ କ୍ରିକେଟ୍‌ରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା ୪ର୍ଥ ବିଜୟ। ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

### ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତର ଅଡୁଆ ବଢ଼ିଲା

# ଦୀପ, ଅର୍ଶଦୀପ ଆହତ; କାମ୍ବୋଜ ସାମିଲ

ଲଣ୍ଡନ,୨୦।୭ (ଏଜେନ୍ସି)






ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଟି ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତର ଦୁଇ ଫାଷ୍ଟ ବୋଲର ଆକାଶ ଦୀପ୍ ଓ ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ଥିବା ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଆହତ ହୋଇଛନ୍ତି। ଉଭୟ ବୋଲର ଓଲ୍ଡ ଟ୍ରାଫୋର୍ଡ୍‌ରେ ଖେଳିବାର ସମ୍ଭାବନା କମ୍। ଦଳରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ଏବେ ଫିଟ୍ ବୋଲର ଭାବେ ଖେଳୁଛନ୍ତି। ଆଉ ଦୁଇ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଚୟନକର୍ତ୍ତାମାନେ ହରିୟାଣାର ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛନ୍ତି। ନିକଟରେ ଭାରତ-'ଏ' ଦଳ ପକ୍ଷରୁ କାମ୍ବୋଜ୍ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଯାକ ଅନ୍ ଅଫିସିଆଲ ଟେଷ୍ଟ ଖେଳି ୫ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ବୋଲିଂ କଞ୍ଜୁସ ହୋଇଥିଲା। ଦ୍ୱିତୀୟ ଟେଷ୍ଟରେ ତନୁଷ କୋଟିଆନ୍‌ଙ୍କ ସହ ୧୦ମ ୱିକେଟ ଯୋଡିରେ ସେ ୧୪୯ ରନ୍‌ର ଭାଗିଦାରୀ କରିଥିଲେ। ୫୧ ରନ୍ କରିଥିବା କାମ୍ବୋଜ୍‌ଙ୍କୁ ଜଣେ ବୋଲିଂ ଅଲରାଉଣ୍ଡର ଭାବେ ବିବେଚନା କରାଯାଉଛି। ଉପରୋକ୍ତ ଦୁଇ ଖେଳାଳି ଅନ୍‌ଫିଟ୍ ହେଲେ ଓ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ କାମ୍ବୋଜ ଓଲ୍ଡ ଟ୍ରାଫୋର୍ଡରେ ଟେଷ୍ଟ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ୱିକେଟ ରକ୍ଷକ ଋଷଭ ପନ୍ତ୍ ଆହତ ସମସ୍ୟାରୁ ମୁକୁଳିନାହାନ୍ତି। ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ଚିନ୍ତା କରୁଥିବା ଭାରତୀୟ ଦଳ ଏବେ ଚତୁର୍ଥ ଟେଷ୍ଟ ଖେଳିବା ପୂର୍ବରୁ ଅଡୁଆରେ ପଡ଼ିଯାଇଛି।

ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ବରାବର ସ୍ଥିତିକୁ ଆସିବ। କିନ୍ତୁ ଇଂଲଣ୍ଡ ସପକ୍ଷରେ ଗଲେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ପରାଜିତ ହେବ। ଏଭଳି ସ୍ଥିତିରେ କି ପ୍ରକାର ନିଷ୍ପତ୍ତି ନେବାକୁ ପଡ଼ିବ, କିଏ ଦଳରେ ରହିବେ ଓ କିଏ ଦଳରୁ ବାଦ୍ ପଡ଼ିବେ ତାହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଡୁଆ ସ୍ଥିତିରେ ପଡ଼ିବା ସ୍ୱାଭାବିକ୍। ଏହା ମଧ୍ୟରେ ଟିମ୍ ମ୍ୟାନେଜମେଣ୍ଟ ନିକଟରେ ଦୁଇଟି ନିଷ୍ପତ୍ତି ନେବାକୁ ବାଧ ହୋଇପାରେ ବୋଲି କୁହାଯାଇଛି। ପ୍ରଥମଟି ହେଉଛି ଚତୁର୍ଥ ଟେଷ୍ଟରେ ବୁମ୍‌ରାଙ୍କୁ ଖେଳାଇବା। ସେହିପରି ଦ୍ୱିତୀୟଟି ହେଉଛି ଋଷଭ ପନ୍ତ୍‌ଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଓ ଧ୍ରୁବ ଜୁରେଲଙ୍କୁ ୱିକେଟ କିପର ଭାବେ ଖେଳାଇବା। ଏହା ଫଳରେ ନଂ-୩ରେ କରୁନ ନାୟାରଙ୍କୁ ନେଇ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ତାହା ମଧ୍ୟ ଦୂର ହୋଇପାରିବ। ପନ୍ତ୍ କିମ୍ବା ଜୁରେଲଙ୍କ ମଧ୍ୟରୁ ଜଣେ ଏହି ପୋଜିସନରେ ଖେଳିପାରିବେ।

ଲର୍ଡ୍ସରେ ତୃତୀୟ ଟେଷ୍ଟ ଖେଳିବାବେଳେ ଆକାଶ ଦୀପ୍ ଆହତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟରେ ସେ ୧୦ଟି ୱିକେଟ ନେଇ ଭାରତକୁ ଜିତାଇଥିଲାବେଳେ ତୃତୀୟ ଟେଷ୍ଟରେ ସେପରି କିଛି ପ୍ରଭାବ ପକାଇ ପାରି ନ ଥିଲେ। ଏପରିକି ସେ ତାଙ୍କ ବୋଲିଂ ରିଦିମ୍‌ରେ ଖେଳିପାରି ନ ଥିଲେ। ହ୍ୟାରୀ ବ୍ରୁକ୍‌ଙ୍କ ସହ ଧକ୍କା ଖାଇବା ପରେ ତୃତୀୟ ଟେଷ୍ଟରେ ତାଙ୍କର ଭୂମିକା କମିଯାଇଥିଲା। ତୃତୀୟ ଦିନ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ଆଉଟ ହୋଇଥିଲେ। ଚତୁର୍ଥ ଦିନ ପରଠାରୁ ସେ ପଡ଼ିଆ ଛାଡ଼ିବା ପରେ ଆଉ ଖେଳିବାକୁ ଆସି ନ ଥିଲେ। ଏବେ ସେ ଟିମ୍ ସହ ଅଭ୍ୟାସ ଲାଗି ଆଦୌ ଆସି ନ ଥିଲେ। କିନ୍ତୁ ଫିଜିଓଙ୍କ ସେ ଫିଟ୍‌ନେସ ଟ୍ରେନିଂ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଅର୍ଶଦୀପ୍ ଜୋରଦାର ଅଭ୍ୟାସ କରୁଥିଲେ। କିନ୍ତୁ ବୋଲିଂ କଲାବେଳେ ଫଲୋ ଥ୍ରୁରେ ଫିଲ୍ଡିଂ କରିବାକୁ ଯାଇ ସେ ତାଙ୍କ ବୋଲିଂ କରୁଥିବା ବାମହାତରେ ଆହତ ପାଇଥିଲେ। ଏହା ପରେ ସେ ହାତ ବ୍ୟାଣ୍ଡେଜ୍ କରି ବସିରହିଥିଲେ। ଏଣୁ ତାଙ୍କର ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆକାଶ ଦୀପ୍ ଫିଟ୍ ହୋଇ ନ ଥିଲେ ଅର୍ଶଦୀପ ତାଙ୍କ ସ୍ଥାନରେ ଚତୁର୍ଥ ଟେଷ୍ଟରେ ନିଶ୍ଚିତ ଖେଳିଥାନ୍ତେ। କିନ୍ତୁ ଏବେ ଉଭୟ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଭାରତର ଟିମ୍ ମ୍ୟାନେଜ୍‌ମେଣ୍ଟ ଅଡୁଆ ପରିସ୍ଥିତିରେ ପଡ଼ିଛି।

## ପାକିସ୍ତାନ ସହ ଖେଳିବାକୁ ମନାକଲେ ଭାରତୀୟ ଖେଳାଳି

**ଲଣ୍ଡନ,୨୦।୭ (ଏଜେନ୍ସି):** ଇଂଲଣ୍ଡ କ୍ରିକେଟ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୱାର୍ଲ୍ଡ ଚାମ୍ପିଅନ୍ସ ଲିଗ୍‌ରେ ପାକିସ୍ତାନ ସହ ଖେଳିବାକୁ ଭାରତର ୬ଜଣ ଖେଳାଳି ମନା କରିବା ଫଳରେ ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ବାତିଲ କରିଦିଆଯାଇଛି। ଗତକାଲି ରବିବାର ଏହି ମ୍ୟାଚ୍ ବର୍ମିଂହାମ୍‌ରେ ଖେଳାଯିବାର ଥିଲା। କିନ୍ତୁ ଭାରତୀୟ ଦଳରେ ସାମିଲ ହୋଇଥିବା ଯୁବରାଜ ସିଂହ, ସୁରେଶ ରାଇନା, ହରଭଜନ ସିଂହ, ଇର୍ଫାନ ପଠାନ ଓ ଶିଖର ଧାୱନ ପାକିସ୍ତାନ ଖେଳିବାକୁ ମନା କରିବାରୁ ଏହି ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି।

## କର୍ଣ୍ଣାଟକକୁ ଫେରିଲେ କରୁନ୍

**ନୂଆଦିଲ୍ଲୀ,୨୦।୭ (ଏଜେନ୍ସି):** ଭାରତ ପକ୍ଷରୁ ଇଂଲଣ୍ଡରେ ଟେଷ୍ଟ ଖେଳୁଥିବା ବ୍ୟାଟର କରୁନ ନାୟାର ଚଳିତ କ୍ରିକେଟ ଋତୁରେ ନିଜ ରାଜ୍ୟ କର୍ଣ୍ଣାଟକ ପକ୍ଷରୁ ଖେଳିବେ। ସେ ଗତ ଦୁଇବର୍ଷ ହେଲା ବିଦର୍ଭ ପକ୍ଷରୁ ଖେଳିଆସୁଛନ୍ତି। ଅନ୍ୟପକ୍ଷରେ କର୍ଣ୍ଣାଟକର ୩୨ ବର୍ଷୀୟ ଫାଷ୍ଟ ବୋଲର ବାସୁକି କୌଶିକ୍ ଏବର୍ଷ ଗୋଆ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ମୁମ୍ବଇର ଯଶସ୍ୱୀ ଜୟସ୍ୱାଲ ଗୋଆରୁ ଖେଳିବାକୁ ରାଜି ହୋଇଥିଲେ ମଧ୍ୟ ପରେ ମନା କରିଦେଇଛନ୍ତି। ଏହା ମଧ୍ୟରେ ମହମ୍ମଦ୍ ସାମି ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି।



## ବିସି ରାୟ ଟ୍ରଫିରେ ଓଡ଼ିଶା ପରାସ୍ତ

**କଟକ,୨୦।୭(ସମିସ):** ପଞ୍ଜାବର ଅମ୍ରିତସରରେ କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡଃ ବି.ସି ରାୟ ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଛି। ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ୩-୧ ଗୋଲରେ ବିଜୟ ହାସଲ କରିଛି। ୬ଷ୍ଠ ମିନିଟରେ ଓଡ଼ିଶା ଫରୱାର୍ଡ ଇଶାନ୍ତ କୁମାର ଦଳ ନିମନ୍ତେ ଗୋଲ ଖାତା ଖୋଲିଥିଲେ। ୭ମ ମିନିଟରେ କର୍ଣ୍ଣାଟକର ହୃଷିକେଶ ଚରଣ ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ୧୭ତମ ମିନିଟରେ ପଭିଶ କୁମାର ଏବଂ ଅତିରିକ୍ତ ୪୮ତମ ମିନିଟରେ ହୃଷିକେଶଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଯୋଗୁଁ କର୍ଣ୍ଣାଟକ ୩-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ଖେଳ ଗୋଲ ଶୂନ୍ୟ ରହିବା ସହ କର୍ଣ୍ଣାଟକ ବିଜୟୀ ହୋଇଥିଲା। ବିବି ରନ୍ଧି ସ୍ପୋର୍ଟସ ଷ୍ଟାଡିୟମରେ ୨୨ ତାରିଖରେ ଓଡ଼ିଶା ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।



ପ୍ରସିଦ୍ଧ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳିଙ୍କ ସହ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ

## ବ୍ୟାଡ୍‌ମିଣ୍ଟନରେ ଭାରତକୁ ଐତିହାସିକ କାଂସ୍ୟ

**ଭୁବନେଶ୍ୱର, ୨୦।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ବ୍ୟାଡ୍‌ମିଣ୍ଟନରେ ଭାରତ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମିକ୍ସଡ୍ ଟିମ୍ ସେମିଫାଇନାଲରେ ଭାରତ ୨-୩ରେ ଚାଇନିଜ ତାଇପେଇ ନିକଟରୁ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଏହି ସମ୍ମାନଜନକ କ୍ରୀଡ଼ା ଇତିହାସରରେ ବ୍ୟାଡ୍‌ମିଣ୍ଟନରୁ ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। କାଂସ୍ୟ ବିଜୟୀ ଭାରତୀୟ ଦଳର ଅଧିକାଂଶ ବ୍ୟାଡ୍‌ମିଣ୍ଟନ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବା ଅନିମେଶ କୁଜୁରଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନିମେଶ ୧୦୦, ୨୦୦ ଓ ୪ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଆନ୍ଧ୍ରପ୍ରଦେଶରେ ଓଡ଼ିଶା ଦଳର ଫିଟ୍‌ନେସ୍ ଶିବିର

**କଟକ,୨୦।୭(ସମିସ):** ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଓଡ଼ିଶା କ୍ରିକେଟ ଦଳର ୨୦ ଦିନିଆ ଫିଟ୍‌ନେସ୍ ଓ କୌଶଳ ବିକାଶ ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ୨୭ ଜଣିଆ ଦଳ ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ବିସିସିଆଇର ଆଗାମୀ ଘରୋଇ ସିଜନକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏଭଳି ପଦକ୍ଷେପ ନେଇଛି। ୨୭ ଜଣିଆ ଦଳରେ ବରିଷ୍ଠ ବର୍ଗର ଖେଳାଳିଙ୍କ ସମେତ ୨୩ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବୟସ ବର୍ଗର ଖେଳାଳି ମଧ୍ୟ ରହିଛନ୍ତି। ରାଜ୍ୟ ବରିଷ୍ଠ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ୍, ଫିଜିଓଥେରାପିଷ୍ଟ ରୋନି ଚାଟାର୍ଜୀ, ଗୌରବ କୋଶିକସହ ରତ୍ନାକର ବେହେରା ଦଳ ସହ ଯାତ୍ରା କରିଛନ୍ତି।

### ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଉଦ୍‌ଯାପିତ

# ଟାଇଟଲ ଜିତିଲେ ଶ୍ରଦ୍ଧାସ୍ମରଣିକା

ଭୁବନେଶ୍ୱର,୨୦।୭ (ସମିସ)]

କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତା ଶେଷରେ ଶ୍ରଦ୍ଧା ଓ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲ୍‌ଜ୍‌ରେ ଶ୍ରଦ୍ଧା ପ୍ରଥମ ଓ ଓମ୍ ରନର୍ସ ଅପ୍ ହୋଇଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସାୟାଂଶ ଦାସ ତୃତୀୟ, ଆୟେଷା ମହାନ୍ତି ଚତୁର୍ଥ, ଡିପିଏସ୍ କଳିଙ୍ଗାର ଆଦଭିକ୍ ଅଦୈତ ସ୍ୱାଇଁ ୫ମ, ମଦର୍ସର ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ, ଲଳିତ ରଞ୍ଜନ ସାହୁ ୭ମ, ରୋହିତ ମଲ୍ଲିକ ୮ମ, ସନ୍ ପବ୍ଲିକ୍‌ର ଶିବାଦିତ୍ୟ ଦାସ ୯ମ ଓ ବଲାଙ୍ଗୀର ଓଏଭିର ଦେବାଂଶ ନାଏକ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଟରବିୱେର୍ବର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଆଜି କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ୍ ଶ୍ରଦ୍ଧାଙ୍କୁ ଟ୍ରଫି ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୋଟରେ ୨୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।



## ଉଦୟକାନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍

**ଭୁବନେଶ୍ୱର,୨୦।୭ (ସମିସ):** ଉଦୟକାନ୍ତ ନାୟକ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ଶାନ୍ତନୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଛାତ୍ର ଶାନ୍ତନୁ ୫ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ସ୍ୱାଇଁ ରନର୍ସ ଅପ୍, ଲୋୟଲା ସ୍କୁଲ୍‌ର ମନୀଷ ମିଶ୍ର ତୃତୀୟ ଓ ସୁମନ ପ୍ରତୀକ ମିଶ୍ର ଚତୁର୍ଥ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଏଏ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଦେବାଶିଷ ପାଣିଗ୍ରାହୀ, ସୁଦେଷ୍ଣା ନନ୍ଦ ଓ ବିରଞ୍ଚି ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ରନର୍ସ ଅପ୍ ସାତ୍ତ୍ୱିକଙ୍କ ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



## ସୌମ୍ୟଙ୍କୁ ୮୪ତମ ଟାଇଟଲ

**ଭୁବନେଶ୍ୱର,୨୦।୭ (ସମିସ):** ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ନେକ୍ସସ ଏସ୍ପ୍ଲାନେଡ୍ ମଲ ପରିସରରେ ରବିବାର ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି। ସୌମ୍ୟଙ୍କର ଏହା ୮୪ତମ ଟାଇଟଲ। ଏହି ଟୁର୍ଣ୍ଣାମେଣ୍ଟରେ ତପନ ବଡମୁଣ୍ଡି, ଫକିର ମାଝୀ, କୌସ୍ତୁଭ ଦାଶ, ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।






ଅନ୍ତର୍ଜାତୀୟ ଚେସ ଦିବସ ଅବସରରରେ ଭୁବନେଶ୍ୱର ପ୍ରୋଚେସ୍‌ଟା ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ

### ସାହାଣୀ କପ୍-୨୦୨୫

# ଗଜପତିକୁ ହରାଇଲା ଭୁବନେଶ୍ୱର



**କଟକ,୨୦।୭(ସମିସ):** ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ରବିବାର ବ୍ରହ୍ମପୁର ଜୋନରେ ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର ୩-୨ ଗୋଲରେ ଗଜପତିକୁ ପରାସ୍ତ କରିଥିଲା। ଖେଳର ଦ୍ୱିତୀୟ ଏବଂ ୩ୟ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରି ଭୁବନେଶ୍ୱର ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା। ଗୁଲସନ ଡିଗଲ ଏବଂ ବିଘ୍ନେଶ ସାମଲ ପ୍ରଥମ ଦୁଇ ଗୋଲ ଦେଇଥିଲେ। ୨୯ତମ ମିନିଟରେ ଅସୀମ ଡୁଙ୍ଗଡୁଙ୍ଗ'ଙ୍କ ଗୋଲ ସହାୟତାରେ ଭୁବନେଶ୍ୱର ମ୍ୟାଚ୍‌ରେ ସ୍ଥିତିକୁ ସୁଦୃଢ଼ କରିଥିଲା। ତେବେ ଏହାର ଦୁଇ ମିନିଟ ପରେ ଗଜପତି ଗୋଟିଏ ଗୋଲ୍ ସୁଝାଇବାରେ ସକ୍ଷମ ହୋଇଥିଲା। ଖୁଡିଆ ହାଁସଦା ଏହି ଗୋଲ ସ୍କୋର କରିଥିଲେ। ୩-୧ ସ୍ଥିତିରେ ପ୍ରଥମାର୍ଦ୍ଧର ଖେଳ ସମାପ୍ତ ହୋଇଥିଲା। ପଛୁଆ ଥିବା ଗଜପତି ୬୬ତମ ମିନିଟରେ ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନର ବାଟ ଫିଟାଇଥିଲା। ଖୁଡିଆ ଦଳ ନିମନ୍ତେ ଦ୍ୱିତୀୟ ଗୋଲ୍ ମଧ୍ୟ ଦେଇଥିଲେ। ତେବେ ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଭୁବନେଶ୍ୱର ବିଜୟ ପଏଣ୍ଟ ହାତେଇଥିଲା। ଏହି ଜୋନରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ନବରଙ୍ଗପୁର ୨-୧ ଗୋଲରେ ଗଞ୍ଜାମକୁ ହରାଇଛି। କେନ୍ଦୁଝର ଜୋନରେ ଅନୁଗୋଳ ୪-୩ ଗୋଲରେ ଯାଜପୁରକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ କେନ୍ଦୁଝରକୁ, କେନ୍ଦ୍ରାପଡ଼ା ଜୋନରେ କେନ୍ଦ୍ରାପଡ଼ା ୧-୦ ଗୋଲରେ ଜଗତସିଂହପୁରକୁ, ଝାରସୁଗୁଡା ୫-୩ ଗୋଲରେ ଭଦ୍ରକକୁ, ବୌଦ୍ଧ ଜୋନରେ ବଲାଙ୍ଗିର ୩-୧ ଗୋଲରେ ନୂଆପଡାକୁ ହରାଇଥିବା ବେଳେ ବୌଦ୍ଧ ଏବଂ କନ୍ଧମାଳ ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS